

# ଯୁବକଙ୍କ ମହାନତା:- ଦୁଇଟି ଗୋମାତାଙ୍କ ଜୀବନ ବଞ୍ଚାଇଲେ

ଗୋପ,୧୫।୧୦ :(ମନ୍ଥନ)ବାଲିକପିଳେଶ୍ୱର ନିକଟସ୍ଥ ସୁତନ ମା ସିଦ୍ଧ ?ଶ୍ୱରୀ ମନ୍ଦିର ଠାରୁ ଅଳ୍ପ ଦୂରରେ ରୋଗୀଣା ଛଅଟି ଗୋମାତା କଷ୍ଟ ପାଉଥିଲେ।ତନ୍ମଧ୍ୟରୁ ଦୁଇଟି ବାନ୍ଧି ରଖିବାରେ ସଫଳ ହୋଇଥିବା ବେଳେ ଆଉ ଚାରୋଟି ଖସି ଯାଇଥିଲେ।ଠିକ୍ ସମୟରେ ଭ୍ରାମ୍ୟମାଣ ପଶୁ ଚିକିତ୍ସକମାନେ ପହଞ୍ଚିଥିବାରୁ ସାଧାରଣରେ ଧନ୍ୟବାଦ ମିଳିଥିବା ବେଳେ ଏପରି ଅନେକ ଗୋମାତା ଚିକିତ୍ସା ଅବାଭରୁ ପ୍ରତ୍ୟେହ ମରୁଛନ୍ତି।ଚାଷୀ ଭାଇ ମାନେ ଫସଲ ସୁରକ୍ଷା ପାଇଁ ଝଟକା ଯନ୍ତ୍ର ବ୍ୟବହାର କରିବା ଯୋଗୁ ସରକାରୀ ଜଙ୍ଗଲ ଭିତରକୁ ଖାଦ୍ୟ ପାଇଁ ଯାଉଛନ୍ତି।ଯେଉଁଠି ହରିଣ ମାନେ ଖାଦ୍ୟ ନ ପାଇ ଜନବସତି ଆଡ଼କୁ ପଶିଆସୁଛନ୍ତି ପୁଣି ବଣୁଆ ଘୁଷୁରୀ ତାଣ୍ଡବ କରୁଛନ୍ତି ସେଠି ଏଇ ଦୁର୍ବଳ ଗୋମାତାଙ୍କୁ ପଚାରେ କିଏ ? ବାଲିକପିଳେଶ୍ୱର ନାମରେ ଅତି ଦୁର୍ବଳ ଅଣ୍ଡିରା ଓ ପରିତ୍ୟକ୍ତ ଗୋମାତା ମାନଙ୍କୁ ଛାଡ଼ିବା କେତେଦୂର ଭକ୍ତି ଭାବର ପ୍ରତୀକ।ଏହି କାର୍ଯ୍ୟକ୍ରମକୁ ସେବକ ସଂଗଠନ ସହ ଯୋଗରେ ଏବଂ ଲକ୍ଷ୍ମଣ ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ କୃଷ୍ଣଚନ୍ଦ୍ର ବେହେରା,ବିପିନ ପ୍ରଧାନ,ଯୋଗୀ ବେହେରା,ଦିବ୍ୟସିଂହ ପ୍ରଧାନ ଆଦି ଯୁବକ ମାନେ ସହଯୋଗ କରିବା ସହ ଆଗକୁ ଏପରି ରୋଗିଣା ଗୋମାତାଙ୍କୁ ଧରି ରଖିବା ପାଇଁ ନିର୍ଭର ପ୍ରତିଶୃତି ପାଇବା ପରେ ଯୁବକ ମାନେ ଉତ୍ସାହିତ ହୋଇଥିଲେ।

# ଦୁର୍ନୀତି ନିବାରଣ ସଚେତନତା ସପ୍ତାହ- ୨୦୨୬ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ଅନୁଗୋଳ,୧୫।୧୦ :(ମନ୍ଥନ) ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୬ ପାଳନନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମାୟାଧର ବେହେରାଙ୍କ ଅଧ୍ୟକ୍ଷତାରେ ଆଜିଅପରାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରତି ବର୍ଷ ପରିଚଳିତ ବର୍ଷ ଅକ୍ଟୋବର ୨୬ ତାରିଖରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣସଚେତନତା ସପ୍ତାହ ପାଳନ କରାଯିବ । ସପ୍ତାହର ପ୍ରଥମ ଦିନ ଅକ୍ଟୋବର ୨୬ ତାରିଖ ପୂର୍ବାହ୍ନ ୧୧ଘଟିକା ସମୟରେ ସମସ୍ତ ସରକାରୀ କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ, ଆଶା କର୍ମୀ,ଅଙ୍ଗନୱାଡ଼ି କର୍ମୀ, ସ୍ୱାସ୍ଥ୍ୟ କର୍ମୀ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀ,ଶିକ୍ଷକଶିକ୍ଷୟତ୍ରୀମାନେ ଶପଥ ପାଠ କରିବେ । ସେହିପରି ଏହି ସପ୍ତାହ ପାଳନ ଅବସରରେ ବହୁସଂଖ୍ୟାରେ ଜନସଚେତନତା କରିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ରାଲି, ୱାକାଥନ, ପଥପ୍ରାନ୍ତନାଟକ, ଗ୍ରାମ ସଭା ଇତ୍ୟାଦି



କାର୍ଯ୍ୟକ୍ରମ ଆୟୋଜନ କରିବା ନିମନ୍ତେ ବୈଠକରେ ନିଷ୍ପତ୍ତିନିଆଯାଇଥିଲା । ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ଦୁର୍ନୀତି ନିବାରଣ ସଚେତନତା ସୃଷ୍ଟି କରିବା ପାଇଁବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ପ୍ରତିଯୋଗିତା ଆୟୋଜନ କରାଯିବ । ତୃଣମୂଳ ସ୍ତରରେବ୍ୟାପକ ଜନ ସଚେତନତା ନିମନ୍ତେ ପ୍ରତି ବ୍ଲକ୍ ଓ ଗ୍ରାମପଞ୍ଚାୟତ ସ୍ତରରେ ସମ୍ପୃକ୍ତ ଗୋଷ୍ଠୀ ଉନ୍ନୟନଅଧିକାରୀଙ୍କ ତତ୍ତ୍ୱାବଧାନରେ ସଚେତନତା ରାଲି ଓ ଗ୍ରାମ ସଭା ଅନୁଷ୍ଠିତ କରାଯିବା ନିମନ୍ତେବୈଠକରେ ନିଷ୍ପତ୍ତି ଗ୍ରହଣ କରାଗଲା । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପ ଆରକ୍ଷୀଅଧୀକ୍ଷକ ଶ୍ରୀମତୀ ଯୋଗେଶ୍ୱରୀ ବେହେରା,ଭିଜିଲାନସ ଉପ ଆରକ୍ଷୀ ଅଧୀକ୍ଷକ ଶ୍ରୀ ପ୍ରଦୀପକୁମାର ସାମଲ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁଶ୍ରୀ ସନମ୍ ସ୍ମିତା ସାହୁ, ଭିଜିଲାନସ୍ଇନ୍ସପେକ୍ଟର ଶ୍ରୀମତୀ ଉର୍ମିଳା ଲାକ୍ରା, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀ ଶ୍ରୀନିବାସ ସାହୁ, ଏଲ୍.ଡି ଏମ୍‌ଚୌଧୁରୀ ଦୀପକ ମିଶ୍ର, ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ଅକ୍ଷୟ କୁମାର ସିଠ, ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀଦୁଃଶାସନ ନାଏକଙ୍କ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

# ଛେଣ୍ଡିପଦା ବାପୁଜୀ ଡିଗ୍ରୀ ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନ ବିଜୁ ଛାତ୍ର ଜନତା ଦଳର ବାଜିମାତ

ଛେଣ୍ଡିପଦା,୧୫।୧୦ :(ମନ୍ଥନ)ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ସାରସ୍ୱତ ନଗର ସ୍ଥିତ ବାପୁଜୀ ଡିଗ୍ରୀ ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନ ସାଧାରଣତଃ ଶାନ୍ତି ଶୃଙ୍ଖଳା ସହ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ ଅଧକ୍ଷ ତଥା ମୁଖ୍ୟ ନିର୍ବାଚନ ଅଧିକାରୀ ଧର୍ମରାଜ୍ ତ୍ରିପାଠୀ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶ କ୍ରମେ ସରକାରୀ ଗାଇଡ ଲାଇନ ଅନୁଯାୟୀ ନିର୍ଦ୍ଧାରିତ ସମୟ ମଧ୍ୟରେ ଭୋଟ ଗ୍ରହଣ ଏବଂ ଭୋଟ ଗଣତି କାର୍ଯ୍ୟ କରାଯାଇଥିଲା । ମିଳିଥିବା ନିର୍ବାଚନ ଫଳାଫଳ ଅନୁଯାୟୀ ଏହି ଛାତ୍ର ସଂସଦ ନିର୍ବାଚନରେ ବିଜୁ ଛାତ୍ର ଜନତା ଦଳର ପ୍ରାର୍ଥୀ ଙ୍କ ବିପୁଳ ବିଜୟ ହୋଇଥିବା ଜଣାପଡିଛି । ତେବେ ସଭାପତି ଭାବେ ରଞ୍ଜିତ କୁମାର ନାଏକ ନିର୍ବାଚିତ ହୋଇଥିବା ବେଳେ ଉପ ସଭାପତି ଭାବେ ଟୁକୁନା ମାଝୀ, କ୍ରୀଡା ସଂସଦ ସମ୍ପାଦକ ଭାବେ ଦୁର୍ଗା ପ୍ରାସାଦ ମାଝି, ସହ ସାଧାରଣ ସମ୍ପାଦକ ଭାବେ ତାପସ କୁମାର ସେଠୀ ସିଧାସଳଖ ନିଜ ନିଜର ନିକଟତମ ପ୍ରତିଦ୍ୱନ୍ଦୀ ଏ ବି ଭି ପି ପ୍ରାର୍ଥୀ ମାନଙ୍କୁ ପରାଜିତ କରି ବିଜୟୀ ହୋଇ ଥିବା ଜଣାପଡିଛି । ସେହିପରି କ୍ରୀଡା ସଂସଦ ସହ ସମ୍ପାଦକ ଭାବେ ରାଜା ପ୍ରଧାନ ଏବଂ ଛାତ୍ର ସଂସଦ ସାଧାରଣ ସମ୍ପାଦକ ଭାବେ ଧରଣୀ ନାଏକ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିବା ଜଣାପଡିଛି । ଏ ସଂମ୍ପର୍କରେ ମହାବିଦ୍ୟାଳୟ ପକ୍ଷରୁ ସରକାରୀ ଭାବେ ଘୋଷଣା କରାଯାଇଛି । ଅନ୍ୟ ପକ୍ଷରେ ଏହି ନିର୍ବାଚନରେ ବିଜୁ ଛାତ୍ର ଜନତା ଦଳ ସମର୍ଥନ କ୍ରମେ ଦଳୀୟ ପ୍ରାର୍ଥୀ ମାନଙ୍କ ବିଜୟ ହୋଇଥିବା ଯୋଗୁଁ ଉତ୍ସାହ ପରିଲକ୍ଷିତ ହୋଇଛି । ଏହି ନିର୍ବାଚନ ପ୍ରକ୍ରିୟାରେ ସମସ୍ତ ଅଧାପକ ଅଧାପିକା କର୍ମଚାରୀ ମାନେ ସକ୍ରିୟ ସହଯୋଗ କରିଥିଲେ ।ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ସହ ପରିସ୍ଥିତି ପ୍ରତି ନଜର ରଖାଯାଇଥିଲା । ସେହିପରି ବାପୁଜୀ ଡିଗ୍ରୀ ମହାବିଦ୍ୟାଳୟ ରେ ମୋଟ ୬୪୮ ଜଣ ଭୋଟରଙ୍କ ମଧ୍ୟରୁ ୫୬୪ ଜଣ ଛାତ୍ର ଛାତ୍ରୀ ମତଦାନ ସାବ୍ୟସ୍ତ କରିଛନ୍ତି। ଯାହାକି ଭୋଟ ମତଦାନ ହାର ୮୭.୦୪% ବୋଲି ମହାବିଦ୍ୟାଳୟ ଅଧକ୍ଷ ସୂଚନା ଦେଇଛନ୍ତି ।

# ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ

କବିସୂର୍ଯ୍ୟନଗର,୧୫।୧୦ :(ମନ୍ଥନ)ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ବ୍ଲକ ସୁନାପଲ୍ଲୀ ସ୍ଥିତ ସାଇବାଣୀ ହାଇସ୍କୁଲ ପରିସରରେ ବ୍ଲକ ସ୍ତରୀୟ ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୬' ଅନୁଷ୍ଠିତ ହୋଇଯାଇଛି।ଏଗାର ଗୋଟି କ୍ଲଷ୍ଟର ର ବିଦ୍ୟାଳୟରୁ ବହୁ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରି ନିଜର ଲୁକ୍କାୟିତ ପ୍ରତିଭା ପ୍ରଦର୍ଶନ କରିଥିଲେ।ପ୍ରଧାନ ଶିକ୍ଷକ ଦିବାକର ଶତପଥୀଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅଥିତି ଭାବେ ତହସିଲଦାର ରବୀନ ଚର୍ଚ୍ଚିଲ ମିଶ୍ର, ଅତିରିକ୍ତ ତହସିଲଦାର ମନ୍ମଥ ବେହେରା, ବିଇଓ ସ୍ୱରାଜ କହଁର, ସରପଞ୍ଚ ଝୁନୁଲତା ଦାସ, ପ୍ରଧାନ ଶିକ୍ଷୟତ୍ରୀ ସନ୍ତୋଷୀ କୁମାରୀ ପଣ୍ଡା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଜୟସେନ ସେଠି, ଶିକ୍ଷକ ସଭାପତି ନାରାୟଣ ବେହେରା, ପ୍ରମୁଖ ଯୋଗ ଦେଇ ପାଠପଢ଼ା ସହିତ ସୃଜନଶୀଳ କାର୍ଯ୍ୟକ୍ରମ ପିଲାମାନଙ୍କ ମାନସିକ ଓ ବୌଦ୍ଧିକ




ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି ମତ ପ୍ରକାଶ କରିଥିଲେ।ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ତର୍କ, ବକ୍ତୃତା, ସଙ୍ଗୀତ, ଚିତ୍ରାଙ୍କନ, ପ୍ରବନ୍ଧ ଲିଖନ, ସୃଜନଶୀଳ ଲିଖନ ଏବଂ ପ୍ରଧାନମନ୍ତ୍ରୀ ପୋଷଣ ଓ ମୁଖ୍ୟମନ୍ତ୍ରୀ ପୋଷଣ, ହସ୍ତଶିଳ୍ପ ଓ କଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ସମସ୍ତ କ୍ଲଷ୍ଟର ସିଆରସିସି, ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଜରପଡା ପଞ୍ଚାୟତ ପୂର୍ବତନ ସରପଞ୍ଚ ପଦ୍ମ ଚରଣ ସାହୁ ଙ୍କ ପରଲୋକ

ଛେଣ୍ଡିପଦା,୧୫।୧୦ :(ମନ୍ଥନ)ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ତଥା ଜରପଡା ଥାନା ଅନ୍ତର୍ଗତ ଜରପଡା ଗ୍ରାମ ପଞ୍ଚାୟତ ପୂର୍ବତନ ସରପଞ୍ଚ ପଦ୍ମ ଚରଣ ସାହୁ (୭୨ ବର୍ଷ) ଙ୍କ ବୁଧବାର ଅପରାହ୍ନରେ ପରଲୋକ ହୋଇଯାଇଛି । ତେବେ ସେ ଉଚ୍ଚ ରକ୍ତଚାପ ଜନିତ ରୋଗ ରେ ଆକ୍ରାନ୍ତ ହୋଇ ଶାରୀରିକ ଅସୁସ୍ଥତା ଯୋଗୁଁ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ତେବେ ବ୍ରେନ ଷ୍ଟ୍ରୋକ କାରଣ ଯୋଗୁଁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ତାଙ୍କ ମର ଶରୀରକୁ ନିଜ ବାସଭବନକୁ ସନ୍ଧ୍ୟାରେ ଅଣାଯାଇଥିଲା ।ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ତାଙ୍କର ଶେଷ ଦର୍ଶନ କରିବା ସହ ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ ଏବଂ ଶୋକାକୁଳ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ତାଙ୍କର ମର ଶରୀରକୁ ଗ୍ରାମ ପରିକ୍ରମା କରିବା ସହ ଶ୍ମଶାନ ଘାଟ ଠାରେ ଶେଷ କୃତ୍ୟ କରାଯାଇଥିଲା । ସୂଚନା ଯୋଗ୍ୟ ଯେ, ସ୍ୱର୍ଗତ ପଦ୍ମ ଚରଣ ସାହୁ ୧୯୯୨ ମସିହା ଠାରୁ ୧୯୯୫ ମସିହା ପର୍ଯ୍ୟନ୍ତ ଜନତା ଦଳ ସମର୍ଥନ କ୍ରମେ ନିର୍ବାଚିତ ହୋଇ ସରପଞ୍ଚ ଭାବେ କାର୍ଯ୍ୟ କରିଥିଲେ। ସେ ଜଣେ ମେଳାପୀ, ମିଷ୍ଟଭାଷୀ, ଧର୍ମ ପରାୟଣ ବ୍ୟକ୍ତି,ସାମାଜିକ କର୍ମୀ ଭାବେ ବେଶ ଜଣାଶୁଣା ଥିଲେ ।

# ଛାତ୍ର ଛାତ୍ରୀ ଏକତାର ପରିଚୟ ଦେଲା ବଲଙ୍ଗା ମହାବିଦ୍ୟାଳୟ

ବଲଙ୍ଗା,୧୫।୧୦ :(ମନ୍ଥନ)ଗୁରୁବାର ଦିନ ସମସ୍ତ କଲେଜ ମାନଙ୍କରେ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହୋଇ ପ୍ରାର୍ଥୀ ମାନଙ୍କ ନାମ ଘୋଷଣା ହୋଇସାରିଛି । ବଲଙ୍ଗା କଲେଜ ଛାତ୍ର ସଂସଦ ପକ୍ଷରୁ ହୋଇଥିବା ନିର୍ବାଚନ ପ୍ରକ୍ରିୟାକୁ ଇଲେକ୍ସନ ବଦଳରେ ସିଲେକ୍ସନ ମାଧମରେ କରି କଲେଜର ଛାତ୍ର ଛାତ୍ରୀ ମାନେ ସେମାନଙ୍କ ମଧ୍ୟରେ ଥିବା ଏକତାର ପରିଚୟ ଦେଇଛନ୍ତି। ସଭାପତି ଭାବେ ଅରବିନ୍ଦ ଦାଶ, ସାଧାରଣ ସମ୍ପାଦିକା ବିଷ୍ଣୁପ୍ରିୟା ସେନାପତି, ସାଂସ୍କୃତିକ ସମ୍ପାଦକ ଆଲିଶା ମହାପାତ୍ର,+୩ ବିଜ୍ଞାନର ପ୍ରଥମ ବର୍ଷର ରଶ୍ମି ରଞ୍ଜନ ବରାଳ,+୩ବିଜ୍ଞାନ ତୃତୀୟ ବର୍ଷର ଛାତ୍ରୀ ସ୍ୱାତୀ ସ୍ୱାଗତିକା ପ୍ରଧାନ, ବାଣିଜ୍ୟ ବିଭାଗର ପ୍ରଥମ ବର୍ଷର ଛାତ୍ର ଆକାଶ ଚନ୍ଦ୍ର ସ୍ୱାଇଁ, ଦ୍ୱିତୀୟ ବର୍ଷ ବାଣିଜ୍ୟ ବିଭାଗର ଛାତ୍ରୀ ସରସ୍ୱତୀ ମାଝୀ ଓ ବାଣିଜ୍ୟ ବିଭାଗ ତୃତୀୟ ବର୍ଷର ଛାତ୍ର ଗୁରୁ ପ୍ରସାଦ ସାହୁ ପ୍ରମୁଖ ଶ୍ରେଣୀ ପ୍ରତିନିଧି ଭାବେ ନିର୍ବାଚିତ ହୋଇଥିବା ନେଇ ଆଜି କଲେଜ ପକ୍ଷରୁ ଘୋଷଣା କରାଯାଇଛି ।

# ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମରେ ବିଶେଷ ସମ୍ମାନିତ ହେଲେ ୪ କୃତି କନ୍ୟା

ମାଲକାନଗିରି, ୧୫।୧୦ :(ମନ୍ଥନ)ଜିଲ୍ଲା ସମାଜ ମଙ୍ଗଳ ଓ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଅନୁଷ୍ଠିତ ବେଟି ବଚାଓ ବେଟି ପଢ଼ାଓ ଜିଲ୍ଲାସ୍ତରୀୟ କାର୍ଯ୍ୟଶାଳାରେ ଜିଲ୍ଲାର ପ୍ରତିଭାବାନ୍ କନ୍ୟାମାନଙ୍କୁ ବିଶେଷ ଭାବେ ସମ୍ମାନିତ କରାଯାଇଛି। ନିଜ ନିଜ କ୍ଷେତ୍ରରେ ଅସାଧାରଣ ସଫଳତା ହାସଲ କରିଥିବା ଏହି କୃତି ପ୍ରତିଭାମାନେ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ସାଜିଥିଲେ।ଏହି ଅବସରରେ ଦୁଇଟି ହାତ ନଥାଇ ମଧ୍ୟ ଗୋଡ଼ରେ ଲେଖି ଦଶମ ଶ୍ରେଣୀ ପରୀକ୍ଷାରେ



ଉତ୍ତୀର୍ଣ୍ଣ ହୋଇଥିବା ଦିବ୍ୟାଙ୍ଗ ଛାତ୍ରୀ ଲକ୍ଷ୍ମୀ ଖେମୁଡୁଙ୍କୁ ତାଙ୍କର ଅଦମ୍ୟ ସାହସ ଓ ନିଷ୍ଠା ପାଇଁ ପୁରସ୍କୃତ କରାଯାଇଛି। ସେହିପରି କୋୟା ନୃତ୍ୟ କଳା କ୍ଷେତ୍ରରେ ବିଶେଷ ଯୋଗଦାନ ପାଇଁ ସୋନାଲି ପୋଡ଼ିଆମୀ, ଶିକ୍ଷା କ୍ଷେତ୍ରରେ ୯୦ ପ୍ରତିଶତ ରୁ ଅଧିକ ନମ୍ବର ରଖି ଏ-୧ ଗ୍ରେଡ୍ ହାସଲ କରିଥିବାରୁ ପ୍ରତୀକ୍ଷା ମହାପାତ୍ର ଏବଂ ସିନିୟର ମହିଳା ୬୩ କେ.ଜି. ଜୁଡୋ ବର୍ଗରେ ରୌପ୍ୟ ପଦକ ଜିତି ଜିଲ୍ଲା ପାଇଁ ଗୌରବ ଆଣିଥିବା ସୁମିତ୍ରା ମାଢ଼ୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।ଏହି ସଫଳତା ଅନ୍ୟ ବାଳିକାମାନଙ୍କୁ ଆଗକୁ ବଢ଼ିବା ପାଇଁ ପ୍ରେରଣା ଯୋଗାଇବ ବୋଲି ବୈଠକରେ ଉପସ୍ଥିତ ଜିଲ୍ଲା ପ୍ରଶାସନ, ମହିଳା ଓ ଶିଶୁ ବିକାଶ ବିଭାଗ, ୟୁନିସେଫ ଏବଂ ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ପ୍ରକାଶ କରିଛନ୍ତି।

# ନାହାଙ୍ଗ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ

ମାହାଙ୍ଗା,୧୫।୧୦ :(ମନ୍ଥନ)ନାହାଙ୍ଗ କ୍ଲଷ୍ଟରସ୍ତରୀୟ ଶିଶୁ ପ୍ରତିଭା ଅନ୍ୱେଷଣ ସୁରଭି ୨୦୨୬ କାର୍ଯ୍ୟକ୍ରମ ଭବାନୀ ବାଳିକା ଉଚ୍ଚ ବିଦ୍ୟାଳୟ ଗୋତରା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନାହାଙ୍ଗ କ୍ଲଷ୍ଟର ଅଧିନସ୍ଥ ୪ଟି ପ୍ରାଥମିକ , ୭ଟି ଉଚ୍ଚ ପ୍ରାଥମିକ ଏବଂ ୩ ଉଚ୍ଚ ବିଦ୍ୟାଳୟର ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ୧୮ଟି ପ୍ରତିଯୋଗିତାରେ ଭାଗ ନେଇଥିଲେ। ସକାଳ ୧୦ଘଟିକା ସମୟରେ କାର୍ଯ୍ୟକ୍ରମର ଉଦ୍‌ଘାଟନ ଉତ୍ସବ ପ୍ରଧାନଶିକ୍ଷୟିତ୍ରୀ ତୃପ୍ତୀଲତା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ନାଟ୍ୟକାର ଅଭୟ ଦାସ, ମୁଖ୍ୟବକ୍ତାଭାବେ ବରିଷ୍ଠ ସାମ୍ବାଦିକ ଶଶିଭୂଷଣ ଷଡ଼ଙ୍ଗୀ, ସମ୍ମାନୀତ ଅତିଥିଭାବେ ଗୋତରା ପଂଚାୟତର ସରପଂଚ ସୂର୍ଯ୍ୟକାନ୍ତ ପଣ୍ଡା, ସଂଯୋଜକ ଭାବେ ସିଆର୍‌ସିସି ଭାଗବତ ବେହେରା ଯୋଗଦେଇ ଶିଶୁ ପ୍ରତିଭାର ବିକାଶ ନିମନ୍ତେ ସୁରଭି କାର୍ଯ୍ୟକ୍ରମ ଏକ ମାଧ୍ୟମ ବୋଲି ମତବ୍ୟକ୍ତ କରିଥିଲେ। ପ୍ରଧାନଶିକ୍ଷକ ମନୋଜ କୁମାର ଦାସ ସ୍ୱାଗତ ଭାଷଣ ଓ ଅତିଥିପରିଚୟ ଦେଇଥିଲା ବେଳେ ଶିକ୍ଷକ ସୁବ୍ରତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ବିଚାରକ ଭାବେ ପୁରୁଷୋତ୍ତମ ଜେନା, ଅଚ୍ୟୁତାନନ୍ଦ ସେଠୀ, ଦେବବ୍ରତ ସାହୁ, ରାକେଶ ରଂଜନ ପଣ୍ଡା, ମନୋରଂଜନ କର, ହରପ୍ରିୟା ମହତାବ, ମାନଚକ୍ରବର୍ତ୍ତୀ ବେହେରା, ବନଶ୍ରୀ ବାରିକ, ବାସନ୍ତୀ ଦେଇ, ସଂଯୁକ୍ତା ମହାନ୍ତି, ଶୁଭଶ୍ରୀ ମାନ୍ଧାତା, ନଳିନୀକାନ୍ତ ସାହୁ, ସୌମ୍ୟରଂଜନ ଷଡ଼ଙ୍ଗୀ, କିଶୋର ପ୍ରଧାନ, ଶୁଭ୍ରାପୂର୍ଣ୍ୟତୋୟା, ଅନନ୍ତକିଶୋର ଭୋଇ, ରମଣୀ ରାଉତ, ମମତା ଶତପଥୀ, ଅରୁନ୍ଧତୀ ସାହୁ, ଶ୍ରଦ୍ଧାଞ୍ଜଳି ମଲିକ, ଅମୂଲ୍ୟ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇଥିଲେ। ଅପରାହ୍ନରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ, ସମ୍ମାନୀତ ଅତିଥି ଭାବେ ହରେକୃଷ୍ଣ ସାହୁ ଯୋଗଦେଇ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଭବାନୀ ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଅକ୍ଷୟ ସାହୁ, ସୁବ୍ରତ ପ୍ରଧାନ, ରୁନିଲତା ମଲିକ, ରଶ୍ମିରାଣୀ ଷଡ଼ଙ୍ଗୀ, ଅମରେନ୍ଦ୍ର ଭଞ୍ଜ, ପ୍ରିୟଦର୍ଶିନୀ ବଳ, ସୋନାଲିମୋନାଲିସା ପ୍ରଧାନ, ଜ୍ୟୋତିରଂଜନ ମହାନ୍ତି, ଅମର ଦେଉରି, ପୁଷ୍ପାଞ୍ଜଳି ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ଇନ୍ଦ୍ରାବତୀ ଜଳଭଣ୍ଡାର ପରିଦର୍ଶନ କଲେ ଜିଲ୍ଲାପାଳ; ନଦୀ ଉଭୟ ପାର୍ଶ୍ୱର ମରାମତି ପାଇଁ ଡିପିଆର ପ୍ରସ୍ତୁତି ପାଇଁ ନିର୍ଦ୍ଦେଶ

ନବରଙ୍ଗପୁର,୧୫।୧୦ :(ମନ୍ଥନ) ଜିଲ୍ଲାପାଳ ଶ୍ରୀମତୀ ମଧୁମିତା ଆଜି ଇନ୍ଦ୍ରାବତୀ ଜଳଭଣ୍ଡାର ଓ ଖାତିଗୁଡ଼ା ଡ୍ୟାମ୍ ପରିଦର୍ଶନ କରି ଡ୍ୟାମ୍ ଭିତିଭୂମିର ବର୍ତ୍ତମାନ ସ୍ଥିତି ଅନୁଧ୍ୟାନ କରିବା ସହ ଡ୍ୟାମ୍ ପରିସରର ରକ୍ଷଣାବେକ୍ଷଣ ଓ ଆନୁଷଙ୍ଗିକ ବିକାଶ ସମ୍ପର୍କିତ ବିଷୟଗୁଡ଼ିକର ସମୀକ୍ଷା କରିଥିଲେ।ଏହି ପରିଦର୍ଶନ ସମୟରେ ଜିଲ୍ଲାପାଳ ଡ୍ୟାମ୍ କର୍ତ୍ତୃପକ୍ଷଙ୍କ ଅଧୀନରେ ନିୟୋଜିତ ୪୬ ଜଣ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ବକେୟା ଦରମା ପ୍ରଦାନ ସମ୍ପର୍କରେ ମଧ୍ୟ ସମୀକ୍ଷା କରିଥିଲେ। ଡ୍ୟାମ୍ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଅବଗତ କରାଯାଇଥିଲା ଯେ, ଉକ୍ତ ୪୬ ଜଣ କର୍ମଚାରୀଙ୍କ ୧୦ ମାସର ବକେୟା ଦରମା ପ୍ରଦାନ ପାଇଁ ଅର୍ଥ ବିଭାଗର ଅନୁମୋଦନ ପାଇଁ ଫାଇଲ୍ ପଠାଯାଇଛି। ଅନୁମୋଦନ ମିଳିବା ପରେ ଖୁବ୍‌ଶୀଘ୍ର ସମସ୍ତଙ୍କ ଦରମା ପ୍ରଦାନ କରାଯିବ ବୋଲି କର୍ତ୍ତୃପକ୍ଷ ସୂଚନା ଦେବା ସହ ପ୍ରବଳ ବର୍ଷା ଯୋଗୁଁ ଡ୍ୟାମ୍ ଅଞ୍ଚଳରେ ଦେଖାଦେଇଥିବା ସମସ୍ୟା ସମ୍ପର୍କରେ ମଧ୍ୟ ଅଧିକାରୀମାନେ ତାଙ୍କୁ ଅବଗତ କରାଇଥିଲେ।ଏହାପରେ ନଦୀର ଉଭୟ ପାର୍ଶ୍ୱର ସାମଗ୍ରିକ ବିକାଶ ନିମନ୍ତେ ଏକ ବିସ୍ତୃତ ଡିପିଆର



ପ୍ରସ୍ତୁତ ସହ ବିଭାଗକୁ ପ୍ରେରଣ କରିବା ଏବଂ କର୍ମଚାରୀଙ୍କ ବକେୟା ଦରମା ପ୍ରଦାନ ସମ୍ପର୍କିତ ପଦକ୍ଷେପଗୁଡ଼ିକର ତ୍ୱରିତ ଅନୁସରଣ କରିବା ସହ ପ୍ରସ୍ତାବିତ ବିକାଶମୂଳକ କାର୍ଯ୍ୟଗୁଡ଼ିକର ଅଗ୍ରଗତି ସୁନିଶ୍ଚିତ କରିବାକୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ।

# ଧର୍ମପରାୟଣା ମହିଳା ସୁଚିତ୍ରା ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଅନୁଷ୍ଠିତ

ମାହାଙ୍ଗା, ୧୫।୧୦ :(ମନ୍ଥନ)ମାହାଙ୍ଗା ବ୍ଲକ ଅର୍ନ୍ତଗତ ଗୌଡପଡା ଗ୍ରାମର ବୟୋଜ୍ୟେଷ୍ଠ ପରୋପକାରୀ ଧର୍ମପରାୟଣ ମହିଳା ତଥା ମଂଚ ନିର୍ଦ୍ଦେଶକ ସଚ୍ଚିକାନ୍ତ ଦାସଙ୍କ ଧର୍ମପତ୍ନୀ ସୁଚିତ୍ରା ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମାଆର ମମତା ସଂପର୍କରେ ଏକ ଆଲୋଚନା ଚକ୍ର ସ୍ତମ୍ଭକାର ବିବେକାନନ୍ଦ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସମାଜସେବୀ ସାରଦାପ୍ରସାଦ ମହାନ୍ତି, ଦମୟନ୍ତୀ ମହାନ୍ତି, ସାମ୍ବାଦିକ ଧନେଶ୍ୱର ସେଠୀ, ପ୍ରଶାନ୍ତ ମିଶ୍ର, ଅଚ୍ୟୁତାନନ୍ଦ ନାୟକ,ଭବ୍ୟକାନ୍ତ ଦାସ, ଏମ୍ ପବ୍ଲିକ ସ୍କୁଲର ପ୍ରତିଷ୍ଠାତାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ପ୍ରାରମ୍ଭରେ ସାମ୍ବାଦିକ ରବିନାରାୟଣ ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମାଆର ମମତାକୁ କେହି କେବେ ଭୁଲିପାରେ ନାହିଁ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଚଂଳର ବହୁ ବ୍ୟକ୍ତି ଉପସ୍ଥିତ ରହିଥିଲେ।

# ଜିଲ୍ଲା ସ୍ଥାନୀୟ ଆପାତକାଳୀନ ଦଳ ପକ୍ଷରୁ ଯୋଡ଼ାରେ ଅଫ୍-ସାଇଟ୍ ଜରୁରୀକାଳୀନ ମକ୍ ଡ୍ରିଲ୍ ଆୟୋଜିତ

ଯୋଡ଼ା, ୧୫।୧୦ :(ମନ୍ଥନ) କେନ୍ଦୁଝର ଜିଲ୍ଲା ସ୍ଥାନୀୟ ଆପାତକାଳୀନ ଦଳ ପକ୍ଷରୁ ଯୋଡ଼ା ପୌରପାଳିକା ଅଞ୍ଚଳରେ ବୁଧବାର ଏକ ଅଫ୍-ସାଇଟ୍ ଜରୁରୀକାଳୀନ ମକ୍ ଡ୍ରିଲ୍ ଆୟୋଜିତ ହୋଇଯାଇଛି ।ରାସାୟନିକ ଦୁର୍ଘଟଣା (ଜରୁରୀକାଳୀନ ଯୋଜନା, ପ୍ରସ୍ତୁତି ଓ ପ୍ରତିକ୍ରିୟା) ନିୟମ, ୧୯୯୬ର ନିୟମ ୧୦ ଅନୁଯାୟୀ ଏହି ମକ୍ ଡ୍ରିଲ୍ ଜିଲ୍ଲା ପ୍ରଶାସନ ଓ ଟାଟା ଷ୍ଟିଲ୍‌ର ଯୋଡ଼ାସ୍ଥିତ ଫେରୋ ଆଲଏଜ୍ ପ୍ଲାଣ୍ଟର ସମନ୍ୱୟରେ ସ୍ଥାନୀୟ ସେଣ୍ଟ୍ରାଲ ପ୍ଲେଗ୍ରାଉଣ୍ଡ ଠାରେ ଆୟୋଜନ କରାଯାଇଥିଲା। ବଡ଼ବିଲ ତହସିଲଦାର ତଥା କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍ ଶ୍ରୀ ରାକେଶ କୁମାର ପଣ୍ଡା ଏହି ମକ୍ ଡ୍ରିଲ୍‌ର ତଦାରଖ କରିଥିଲେ ।ଏହି ମକ୍ ଡ୍ରିଲ୍‌ରେ ସ୍ଥାନୀୟ ଆପାତକାଳୀନ ଦଳ ର ଅନ୍ୟ ସଦସ୍ୟମାନଙ୍କ



ମଧ୍ୟରେ ଯୋଡ଼ା ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀମତୀ ଶ୍ୱେତପଦ୍ମା ଧଳ, ବଡ଼ବିଲ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ରମେଶ ଚନ୍ଦ୍ର ନାୟକ, ଫ୍ୟାକ୍ଟ୍ରିଜ୍ ଆଣ୍ଡ ବଏଲର୍ସ - ଯାଜପୁର ଡିଭିଜନ୍ ର ଉପନିର୍ଦ୍ଦେଶକ ଶ୍ରୀ ୟୁ.ସି. ସୁତାର, ଫ୍ୟାକ୍ଟ୍ରିଜ୍ ଆଣ୍ଡ ବଏଲର୍ସ- କେନ୍ଦୁଝର ର ସହକାରୀ ନିର୍ଦ୍ଦେଶକ ଶ୍ରୀ କେଦାରନାଥ ହାଁସଦା ଏବଂ ବିଲେଇପଦା ଅଗ୍ନିଶମ କେନ୍ଦ୍ରର ଷ୍ଟେସନ୍ ଅଫିସର ଯୋଗ ଦେଇଥିଲେ ।ଏହି ମକ୍ ଡ୍ରିଲ୍‌ରେ ଆଖପାଖ ଶିଳ୍ପାନୁଷ୍ଠାନ ଯଥା ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାରର ପ୍ରତିନିଧି ଏବଂ ଟାଟା ଷ୍ଟିଲ୍ ସ୍ପଞ୍ଜ ଆଇରନ୍ କାରଖାନାର ପରିଚାଳକମାନେ ମଧ୍ୟ ମକ ଡ୍ରିଲ ରେ ଯୋଗ ଦେଇଥିଲେ ।

# ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଏବିଭିପିର ବାଜିମାତ୍, ସଭାପତି ହେଲେ ସମୀର ବେହେରା

ମୋରଡ଼ା,୧୫।୧୦ :(ମନ୍ଥନ)ଛାତ୍ର ସଂସଦ ନିର୍ବାଚନରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଏବିଭିପିର ବାଜିମାତ୍। ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟରେ ସମସ୍ତ ପଦରେ ଏବିଭିପିର ସମର୍ଥିତ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ସଭାପତି ପଦରେ ସମୀର ବେହେରା ବିପୁଳ ଭୋଟ ବ୍ୟବଧାନରେ ବିଜୟ ଲାଭ କରିଥିବା ବେଳେ ଏହି ବିଜୟକୁ ନେଇ ଏବିଭିପି ଶିବିରରେ ଉତ୍ସାହ ଦେଖିବାକୁ ମିଳିଛି। ପ୍ରଥମ ଥର ଛାତ୍ର ସଂସଦ ନିର୍ବାଚନ ହେଉଥିବାରୁ ନିର୍ବାଚନକୁ ନେଇ କଲେଜ ପରିସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍କଣ୍ଠା ଲାଗି ରହିଥିଲା। ତେବେ ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ପ୍ରକ୍ରିୟା ସମାପନ ହୋଇଥିଲା। ଅପରାହ୍ନ ୨ଟା ପରେ ଭୋଟ ଗଣତି ଆରମ୍ଭ ହୋଇଥିଲା। ଗଣତି ପରେ ଏବିଭିପିର ସମସ୍ତ ପ୍ରାର୍ଥୀ ବିଜୟୀ ହୋଇଥିବା ଜଣାପଡ଼ିଥିଲା। ସଭାପତି ପଦରେ ସମୀର ବେହେରା ୨୮୮ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ବିଜୁ ଛାତ୍ର ଜନତା ଦଳ ସମର୍ଥିତ ପ୍ରାର୍ଥୀ ପ୍ରସଞ୍ଜିତ ମହାକୁଡ଼୧୨୫ ଖଣ୍ଡ ଭୋଟ ପାଇ ପରାଜିତ ହୋଇଛନ୍ତି। ସେହିପରି ଜେନେରାଲ ସେକ୍‌ରେଟାରୀ ପଦରେ କୁନାଲ ସି, ଆଥଲେଟିକ୍ ସେକ୍ରେଟାରୀ ପଦରେ କେଶବ ଚନ୍ଦ୍ର ସି ବିଜୟୀ ହୋଇଛନ୍ତି। ଭାଇସ୍ ପ୍ରେସିଡେଣ୍ଟ ପଦରେ ରାଜାବାବୁ ଧଳ, ଆସିଷ୍ଟାଣ୍ଟ ସେକ୍‌ରେଟାରୀ ପଦରେ ସାକ୍ର ହେମ୍ବ୍ରମ୍, ଡ୍ରାମାଟିକ୍ ସେକ୍‌ରେଟାରୀ ପଦରେ ପ୍ରିୟଙ୍କା ଦେଓ ଏବଂ ଡିଏସଏ ସେକ୍‌ରେଟାରୀ ପଦରେ ମାନସ ଧଳ ବିଜୟ ଲାଭ କରିଛନ୍ତି। ଏଥିମଧ୍ୟରୁ ରାଜାବାବୁ ଧଳ, ସାକ୍ର ହେମ୍ବ୍ରମ୍, ପ୍ରିୟଙ୍କା ଦେଓ ଓ ମାନସ ଧଳ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ବିଜୟୀ ହୋଇଛନ୍ତି।ବିଜୟ ପରେ ନବନିର୍ବାଚିତ ସଭାପତି ସମୀର ବେହେରା କହିଛନ୍ତି ଯେ, ଆଗାମୀ ଦିନରେ କଲେଜର ଛାତ୍ରଛାତ୍ରୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ଗୁରୁତ୍ୱ ଦିଆଯିବ। ସମସ୍ତେ ମିଳିମିଶି କଲେଜରେ ରହିଥିବା ସମସ୍ୟାଗୁଡ଼ିକର ସମାଧାନ ପାଇଁ ଉଦ୍ୟମ କରିବେ ବୋଲି ସେ ପ୍ରକାଶ କରିଛନ୍ତି।



# ବଲାଙ୍ଗୀରରେ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ବ୍ୟାଡମିଣ୍ଟନ ଓ କ୍ରିକେଟ୍ ଚାମ୍ପିୟନସିପ୍ ଉଦ୍‌ଯାପିତ



ବଲାଙ୍ଗୀର,୧୫।୧୦ :(ମନ୍ଥନ) ବଲାଙ୍ଗୀର ସହରରେ ଅନୁଷ୍ଠିତ ୭୦ତମ ଓଡ଼ିଶା ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ କ୍ରିକେଟ୍ ଓ ବ୍ୟାଡମିଣ୍ଟନ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବ ଗୁରୁବାର ଦିନ ଆନନ୍ଦ ଓ ଉତ୍ସାହର ସହ ସମ୍ପନ୍ନ ହୋଇଛି।୧୪ ଓ ୧୭ ବର୍ଷରୁ କମ୍ ବାଳକ ଓ ବାଳିକା ବିଭାଗରେ ଆୟୋଜିତ ଏହି ରାଜ୍ୟସ୍ତରୀୟ ଚାମ୍ପିୟନସିପ୍‌ରେ ବିଭିନ୍ନ ଜିଲ୍ଲାର ଖେଳାଳିମାନେ ନିଜର କ୍ରୀଡ଼ା ଦକ୍ଷତା ପ୍ରଦର୍ଶନ କରିଥିଲେ।ବଲାଙ୍ଗୀରସ୍ଥିତ ପିଏମ୍ ଶ୍ରୀ ପି.ଆର୍. ହାଇସ୍କୁଲ ଇଣ୍ଡୋର ଷ୍ଟାଡିୟମ୍ ପରିସରରେ ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ରଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ସଭା ଅନୁଷ୍ଠିତ ହୋଇଥିଲା।ସଭାରେ ଟିଟିଲାଗଡ଼ ବିଧାୟକ ନବୀନ କୁମାର ଜୈନ ମୁଖ୍ୟ ଅତିଥି ଏବଂ ଓଡ଼ିଶା ସରକାରଙ୍କ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିଲେ।ଖେଳାଳିମାନେ ନିଷ୍ଠା ଓ ନିୟମିତ ଅଭ୍ୟାସ ଜାରି ରଖି ରାଜ୍ୟ ତଥା ଜାତୀୟସ୍ତରରେ ନିଜ ଅଞ୍ଚଳର ଗୌରବ ବୃଦ୍ଧି କରିବା ସହ କ୍ରୀଡ଼ା ମନୋଭାବ ବଜାୟ ରଖିବାକୁ ମୁଖ୍ୟ ଅତିଥି ଶ୍ରୀ ଜୈନ ନିଜ ବକ୍ତବ୍ୟରେ କହିଥିଲେ।ନିଜ ବକ୍ତବ୍ୟରେ ନରସିଂହ ମିଶ୍ର କହିଥିଲେ ଯେ,କ୍ରୀଡ଼ା କେବଳ ଶାରୀରିକ ଅଭ୍ୟାସ ନୁହେଁ,ଏହା ଜୀବନ ଗଢ଼ିବାର ଏକ ଶକ୍ତିଶାଳୀ ମାଧ୍ୟମ।କ୍ରୀଡ଼ା ମଣିଷକୁ ଶୃଙ୍ଖଳା,ଧୈର୍ଯ୍ୟ, ସମୟାନୁବର୍ତ୍ତିତା,ନେତୃତ୍ୱ, ସହଯୋଗ ଓ ପରିଶ୍ରମର ମୂଲ୍ୟ ଶିଖାଇଥାଏ।ଜୀବନରେ ସଫଳତା ହାସଲ କରିବା ପାଇଁ ଆବଶ୍ୟକ ଗୁଣଗୁଡ଼ିକର ବିକାଶରେ କ୍ରୀଡ଼ାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଖେଳାଳିମାନେ ବିଜୟ ଓ ପରାଜୟକୁ ସମାନ ଭାବରେ ଗ୍ରହଣ କରିବା ସହ କ୍ରୀଡ଼ା ମନୋଭାବ ବଜାୟ ରଖିବା ଉଚିତ ବୋଲି ସେ ମତପ୍ରକାଶ କରିଥିଲେ।ସମ୍ମାନିତ ଅତିଥି ଭାବେ ଟିଟିଲାଗଡ଼ ଡିଏଭି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଡ. ଶିବ ପ୍ରସାଦ ବେହେରା,ଏଡିଇଓ ପ୍ରବୀର କୁମାର ପଣ୍ଡା,ରୀନା କୁମାରୀ ବେହେରା,ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନର ସାଧାରଣ ସମ୍ପାଦକ ସୁରୁଲାଲ ମଟାରୀ ଏବଂ ପି.ଆର୍. ହାଇସ୍କୁଲର ପ୍ରଧାନ ଶିକ୍ଷକ ସନ୍ତୋଷିନୀ ସେଠୀ ପ୍ରମୁଖ ଯୋଗଦେଇଥିଲେ।ଏଡିଇଓ ସେବାଶ୍ରୀ ଭୋଇ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ କ୍ରୀଡ଼ା ଶିକ୍ଷକ ହେମନ୍ତ ପ୍ରଧାନ ଓ ବିନୋଦ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ।ଶେଷରେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।ସକାଳ ୮ଘଣ୍ଟା ସମୟରେ ଟାଉନ ବାଳକ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ ଠାରେ ଅନୁଷ୍ଠିତ ହୋଇଥିବା ୧୭ବର୍ଷରୁ କମ ବାଳିକା କ୍ରିକେଟ୍ ମ୍ୟାଚ ରେ ଭୁବନେଶ୍ୱର ଦଳକୁ ପରାସ୍ତ କରି କଟକ ଦଳ ଚାମ୍ପିୟନ ହୋଇଥିବା ବେଳେ ପିଆର ହାଇସ୍କୁଲ ଇଣ୍ଡୋର ଷ୍ଟାଡିୟମ ଠାରେ ବ୍ୟାଡମିଣ୍ଟନର ପ୍ରତିଯୋଗିତାର ବିଭିନ୍ନ ବିଭାଗରେ ମଧ୍ୟ ରୋମାଞ୍ଚକର ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା।ବ୍ୟାଡମିଣ୍ଟନର ୧୪ ବର୍ଷରୁ କମ୍ ବାଳିକା ବିଭାଗରେ କେନ୍ଦୁଝର ଜିଲ୍ଲା ବିଜେତା ଓ ପୁରୀ ଜିଲ୍ଲା ଉପବିଜେତା ହୋଇଥିଲା।୧୪ ବର୍ଷରୁ କମ୍ ବାଳକ ବିଭାଗରେ ଗଜପତି ଜିଲ୍ଲା ବିଜେତା ଓ ଢେଙ୍କାନାଳ ଜିଲ୍ଲା ଉପବିଜେତା ହୋଇଥିଲା।ସେହିପରି ୧୭ ବର୍ଷରୁ କମ୍ ବାଳିକା ବିଭାଗରେ ବାଲେଶ୍ୱର ଜିଲ୍ଲା ଚାମ୍ପିୟନ ହୋଇଥିବା ବେଳେ ଢେଙ୍କାନାଳ ଜିଲ୍ଲା ଉପବିଜେତା ହୋଇଥିଲା।୧୭ ବର୍ଷରୁ କମ୍ ବାଳକ ବିଭାଗରେ ବଲାଙ୍ଗୀର ଜିଲ୍ଲା ଚମତ୍କାର ପ୍ରଦର୍ଶନ କରି ବିଜେତା ହୋଇଥିବା ବେଳେ ବରଗଡ଼ ଜିଲ୍ଲା ଉପବିଜେତା ହୋଇଥିଲା।ଏହି ପ୍ରତିଯୋଗିତାରେ ମନୋନୀତ ଖେଳାଳିମାନେ ଆଗାମୀ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ ବୋଲି ଶାରୀରିକ ଶିକ୍ଷା ସହକାରୀ ନିର୍ଦ୍ଦେଶକ ଜ୍ୟୋତିପ୍ରସାଦ ପରିଡ଼ା ସୂଚନା ଦେଇଛନ୍ତି

# ଅର୍ଏଁଲାଚୁଆଁ ଗାଁ ରେ ସମସ୍ୟା ଶୁଣିଲେ ନରସିଂହ



ବଲାଙ୍ଗିର, ୧୫।୧୦ :(ମନ୍ଥନ) ବଲାଙ୍ଗିର ବ୍ଲକ ସ୍ଥିତ ବରକାନି ପଂଚାୟତର ଅର୍ଏଁଲାଚୁଆଁ ଗାଁ ରେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଲୋକଙ୍କ ପାଖକୁ ଯାଇ ସେଠାରେ ଲୋକେ ସମ୍ମୁଖିନ ହେଉଥିବା ବିଭିନ୍ନ ପ୍ରକାର ସମସ୍ୟା ଉପରେ ଅଭିଯୋଗ ଶୁଣିଥିଲେ । ଆଲୋଚନା ସମୟରେ ସ୍ଥାନୀୟ ଲୋକେ ବିଶେଷ କରି ବିଜୁଳି, ପିଇବା ପାଣି, ବାର୍ଦ୍ଧକ୍ୟ ଭତ୍ତା ତଥା ସାମାଜିକ ସୁରକ୍ଷା ଯୋଜନାରେ ବିଭିନ୍ନ ହିତାଧିକାରୀ ସମ୍ମୁଖିନ ହେଉଥିବା ଅସୁବିଧା ସମ୍ପର୍କରେ ଆଲୋଚନା ହୋଇଥିଲା । ଅନେକ ଯୋଗ୍ୟ ହିତାଧିକାରୀ ବାର୍ଦ୍ଧକ୍ୟ ଭତ୍ତା ତଥା ସାମାଜିକ ସୁରକ୍ଷା ଯୋଜନାରେ ଆବେଦନ କରିଥିଲେ ହେଁ ସେ ସବୁ ର ସୁବିଧା ପାଉ ନ ଥିବାରୁ ଲୋକେ ଅସନ୍ତୁଷ୍ଟ ପ୍ରକାଶ କରିଥିଲେ । ପିଇବା ପାଣି ସମସ୍ୟାକୁ ନେଇ ମଧ ସ୍ଥାନୀୟ ଲୋକେ ଘୋର ସମସ୍ୟାର ସମ୍ମୁଖିନ ହେଉଛନ୍ତି । ବିଜୁଳି ସମସ୍ୟା ପ୍ରାୟତଃ ଜାରି ରହିଛି । ତେଣୁ ଏସବୁ ସମସ୍ୟା ସମାଧାନ ଦିଗରେ ଶ୍ରୀ ମିଶ୍ର କିଛି ପଦକ୍ଷେପ ନିଅନ୍ତୁ ବୋଲି ଗ୍ରାମବାସୀମାନେ ଅନୁରୋଧ କରିଥିଲେ । ତା ସହ ଶ୍ରୀ ମିଶ୍ରଙ୍କ ସମୟରେ ଅନୁଦାନ ଆସି କାମ ହୋଇସାରିଥିବା ଉନ୍ନୟନ ପ୍ରକଳ୍ପ ଯଥା ରାସ୍ତାଘାଟ, କମ୍ୟୁନିଟି ସେଣ୍ଟର ସ୍ଥାପନ କୁ ନେଇ ଗାଁ ଲୋକେ ଶ୍ରୀ ମିଶ୍ରଙ୍କୁ କୃତଜ୍ଞତା ପ୍ରକାଶ କରିଥିଲେ । ଶ୍ରୀ ମିଶ୍ର ବର୍ତ୍ତମାନ ଲୋକେ ଭୋଗୁଥିବା ସମସ୍ୟାକୁ ନେଇ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରି ସେ ସବୁ ସମାଧାନ ଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶୃତି ଦେଇଥିଲେ । ରାଜଲକ୍ଷ୍ମୀ କ୍ଲବ ଗୃହରେ ଅନୁଷ୍ଠିତ ଏହି ଆଲୋଚନା ସଭାରେ କଂଗ୍ରେସ ନେତା କିଶୋର ସିଂ ନିନା, ଧୃବ ପ୍ରସାଦ ସାହୁ, ସୁରେଶ ଚନ୍ଦ୍ର ଭୋଇ, ଶରତ ଚନ୍ଦ୍ର ଭୋଇ, ଅନିରୁଦ୍ଧ ବିଶ୍ୱାଳ, ଅକ୍ଷୟ ପ୍ରଧାନ, ଗଣ୍ଡାରାମ ପ୍ରଧାନଙ୍କ ସମେତ ଅନେକ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ

ରାଇଘର,୧୫।୧୦ :(ମନ୍ଥନ)ନବରଙ୍ଗପୁର ଜିଲ୍ଲା ଉପାନ୍ତ ବ୍ଲକ ରାଇଘର ର ଗୋନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମ ରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମ କୁ ଉଦଘାଟନ କରି ଥିଲେ। ସମ୍ମାନନୀୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ଯୋଗ ଦେଇଥିବାବେଳେ ସାଂସଦ ପ୍ରତିନିଧି ପ୍ରୀତିସ୍ନିଗ୍ଧା ମହାପାତ୍ର ଓ ଗୋନା ମଣ୍ଡଳ ସଭାପତି ଜଗନ୍ନାଥ ନାୟକ ଯୋଗ ଦେଇଥିଲେ । କ୍ଲଷ୍ଟର ସ୍ତରୀୟ ରେ ହୋଇଥିବା ସୁରଭି କାର୍ଯ୍ୟକ୍ରମ ରେ ଭାଗ ନେଇ କୃତିତ୍ୱ ଛାତ୍ର ଛାତ୍ରୀ ମାନଙ୍କୁ ବ୍ଲକ ସ୍ତରୀୟ କାର୍ଯ୍ୟ



କ୍ରମ ରେ ପୁରସ୍କାର ବିତରଣ କରାଯାଇଥିବା ବେଳେ କିଭଳି ଜିଲ୍ଲା ସ୍ତରରେ କୃତିତ୍ୱ ଲାଭ କରିବେ ସେମାନଙ୍କ ମନରେ ମାନ୍ୟବର ଗଣଶିକ୍ଷା ମନ୍ତ୍ରୀ ଉତ୍ସାହ ଉଦ୍ଦିପନା ଭରିଦେଇଥିଲେ ।ରାଇଘର ଅଞ୍ଚଳ ରୁ ପ୍ରତି ବିଦ୍ୟାଳୟ ରୁ ୨୦୦ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଯୋଗ ଦେଇଥିଲେ ।

# ବରିଷ୍ଠ ନାଗରିକଙ୍କ ସୁରକ୍ଷା ଓ ଅଧିକାର ରକ୍ଷାକୁ ଗୁରୁତ୍ୱ

କେନ୍ଦ୍ରାପଡା,୧୫।୧୦ :(ମନ୍ଥନ) ଛାତ୍ର ସଂସଦ ନିର୍ବାଚନର ସମୀକ୍ଷା କଲେ ଜିଲ୍ଲାପାଳ ଓ ଏସପି କେନ୍ଦ୍ରାପଡ଼ା,୧୪।୧୦:ଆସନ୍ତାକାଲି ୧୫ ଅକ୍ଟୋବରରେ ହେବାକୁ ଥିବା ଛାତ୍ର ସଂସଦ ନିର୍ବାଚନକୁ ଶାନ୍ତିପୂର୍ଣ୍ଣ, ଅବାଧ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ନିମନ୍ତେ ଜିଲ୍ଲାପାଳ ରଘୁରାମ ଆର. ଆୟର ଏବଂ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କାଟାରିଆ ଆଜି କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିଦର୍ଶନ କରି ନିର୍ବାଚନ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ଏହି ଅବସରରେ ନିର୍ବାଚନ ପରିଚାଳନା, ସୁରକ୍ଷା ବ୍ୟବସ୍ଥା, ମତଦାନ ପ୍ରକ୍ରିୟାର ସୁପରିଚାଳନା ଏବଂ ମହାବିଦ୍ୟାଳୟ ପରିସରରେ ଆଇନଶୃଙ୍ଖଳା ବଜାୟ ରଖିବା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ନିର୍ବାଚନ ସମୟରେ କୌଣସି ପ୍ରକାରର ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ସହ ମତଦାନ ପ୍ରକ୍ରିୟାକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ଆବଶ୍ୟକ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯାଇଥିଲା। ନିର୍ବାଚନ ସମୟରେ ମହାବିଦ୍ୟାଳୟ ପରିସରରେ ଶାନ୍ତି ଓ ଶୃଙ୍ଖଳା ବଜାୟ ରଖିବା ସହ ଛାତ୍ରଛାତ୍ରୀ, ଶିକ୍ଷକ, କର୍ମଚାରୀ ଓ ନିର୍ବାଚନ ପରିଚାଳନାରେ ନିୟୋଜିତ ଅଧିକାରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦେବା ଉପରେ ଆଲୋଚନା ହୋଇଥିଲା।

## ବିବାଦୀୟ କୋଟିଆରେ ପ୍ରାଥମିକଶିକ୍ଷା ବ୍ୟବସ୍ଥା ଶୋଚନୀୟ

# ୫୬ ବର୍ଷ ଧରି ଗଛମୂଳେ ଚାଲିଛି ବିଦ୍ୟାଳୟ

କୋରାପୁଟ, ୧୫।୧୦ :(ମନ୍ଥନ) ବିବାଦୀୟ କୋଟିଆ ପଞ୍ଚାୟତରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାର ଶୋଚନୀୟ ବ୍ୟବସ୍ଥାର ଏକ ନଗ୍ନ ଚିତ୍ର ର ଝଲକ ରହିଛି ।ପ୍ରଶାସନର ବ୍ୟବସ୍ଥା ପହଁଚିବାରେ ଅବହେଳିତ ରହିଛି । ପ୍ରଶାସନିକ ଅବହେଳକୁ ନେଇ ସ୍ଥାନୀୟ ଲୋକେ ବାଧ ହେଉଛନ୍ତି ଓଡିଆ ଭାଷା ପରିବର୍ତ୍ତେ ଆନ୍ଧ୍ର ର ତେଲୁଗୁ ପଢେଇବାକୁ । ଯାହାର ନଗ୍ନ ଚିତ୍ର କୋଟିଆ ପଞ୍ଚାୟତର ବଡ ବାରାବନ୍ଧ ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି । କୋରାପୁଟ ଜିଲ୍ଲାର ଉପାନ୍ତ ଅଞ୍ଚଳ ପଟ୍ଟାଙ୍ଗି ବ୍ଲକର କୋଟିଆ ପଞ୍ଚାୟତ ସବୁ ବେଳେ ବିବାଦୀୟ ଚର୍ଚ୍ଚାରେ ରହି ଆସୁଛି । ସେହି କୋଟିଆରେ ଥିବା ବିଦ୍ୟାଳୟଟି ୧୯୭୦ ଦଶକରେ ସ୍ଥାପିତ ହୋଇଥିଲା। ୫୬ ବର୍ଷ ପୂର୍ବେ ନିର୍ମିତ ଏହି ଅନୁଷ୍ଠାନର ଭିତ୍ତିଭୂମି ବର୍ତ୍ତମାନ ଅତ୍ୟନ୍ତ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ପିଲାମାନଙ୍କ ଶିକ୍ଷାଦାନ ପାଇଁ କୌଣସି ଆବଶ୍ୟକୀୟ ପଦକ୍ଷେପ ନିଆଯାଇନାହିଁ। ଏକ ଖୋଲା ପରିବେଶରେ ଅବସ୍ଥିତ ଏହି ବିଦ୍ୟାଳୟଟି ଦୀର୍ଘ ଦିନ ଧରି ଅବହେଳିତ ହୋଇ ରହିଛି। ଏଠାରେ ଶିକ୍ଷକଙ୍କ ଅଭାବ ରହିଛି ଏବଂ ପାଠପଢ଼ା ପାଇଁ ଆବଶ୍ୟକୀୟ ଶିକ୍ଷା ଉପକରଣ ମଧ୍ୟ ଉପଲବ୍ଧ ନାହିଁ। ବିଦ୍ୟାଳୟରେ ମାତ୍ର ଗୋଟିଏ ଶ୍ରେଣୀଗୃହ ଥିବାରୁ ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ସ୍ଥାନ ନାହିଁ; ଫଳସ୍ୱରୂପ, ପିଲାମାନେ ଗଛମୂଳେ ବସି ପାଠ ପଢ଼ିବାକୁ ବାଧ ହେଉଛନ୍ତି। କୋଟିଆ ପଞ୍ଚାୟତ ଅନ୍ତର୍ଗତ 'ବଡ଼ ବାରାବନ୍ଧ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ'ରେ ଏଭଳି ଶୋଚନୀୟ ଦୃଶ୍ୟ ଦେଖିବାକୁ ମିଳେ। ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ତଥା ଆନ୍ଧ୍ରପ୍ରଦେଶ ସୀମା ନିକଟରେ ଥିବା



କୋଟିଆ ପଞ୍ଚାୟତ ପାଇଁ ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ଓ ଯୋଜନା ପ୍ରସ୍ତାବିତ ହୋଇଛି ଏବଂ ଏହାର ବିକାଶ ପାଇଁ ବାରମ୍ବାର ପ୍ରତିଶ୍ରୁତି ମଧ୍ୟ ଦିଆଯାଉଛି। କିନ୍ତୁ ବାସ୍ତବରେ, ଏହି ଦୁର୍ଗମ ଗ୍ରାମଗୁଡ଼ିକରେ ଶିକ୍ଷା ଭଳି ମୌଳିକ ଅଧିକାର କ୍ଷେତ୍ରରେ ସ୍ଥିତି ଅତ୍ୟନ୍ତ ଦୟନୀୟ ହୋଇ ରହିଛି। ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି ବଡ଼ ବାରାବନ୍ଧ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ଆଜିର ଆଧୁନିକ ଯୁଗରେ, ଯେଉଁଠାରେ 'ସ୍ମାର୍ଟ' ଶିକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଉଛି, ସେଠାରେ ଏଠାରେ ଏଭଳି କୌଣସି ଉନ୍ନତିର ଚିହ୍ନବର୍ଣ୍ଣ ମଧ୍ୟ ନାହିଁ। ୧୯୭୦ ମସିହାରେ, ଅର୍ଥାତ୍ ପାଞ୍ଚ ଦଶନ୍ଧିରୁ ଅଧିକ ସମୟ ପୂର୍ବ ସ୍ଥାପିତ ହୋଇଥିଲେ ମଧ, ପିଲାମାନଙ୍କ ଭବିଷ୍ୟତ ଗଢ଼ିବା ପାଇଁ ଆବଶ୍ୟକ ଶ୍ରେଣୀଗୃହ ଏପର୍ଯ୍ୟନ୍ତ ନିର୍ମାଣ କରାଯାଇପାରିନାହିଁ। ୪୨ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ମାତ୍ର ଗୋଟିଏ ଛୋଟ କୋଠରୀ ରହିଛି; ଫଳରେ କିଛି ପିଲା ଶ୍ରେଣୀଗୃହ ଭିତରେ, କିଛି ବ ବର୍ଷା ଏବଂ ଗ୍ରୀଷ୍ମ ଋତୁରେ ପିଲାମାନଙ୍କ ପାଠପଢ଼ା ବାଧାପ୍ରାପ୍ତ ହୁଏ। ବିଦ୍ୟାଳୟରେ ଶ୍ରେଣୀଗୃହ ଏବଂ ଶିକ୍ଷକ ଉଭୟଙ୍କ ଅଭାବ ରହିଛି; ଛଅଟି ଶ୍ରେଣୀର ମୋଟ ୪୨ ଜଣ ପିଲାଙ୍କ ପାଇଁ ମାତ୍ର ଦୁଇ ଜଣ ଶିକ୍ଷକ ନିୟୋଜିତ ଅଛନ୍ତି। ଏହି ଦୁଇ ଶିକ୍ଷକଙ୍କ ମଧ୍ୟରୁ ଜଣେ ବର୍ତ୍ତମାନ ପ୍ରଶାସନିକ କାର୍ଯ୍ୟରେ (ଏସ୍‌ଆଇଆର୍) ବ୍ୟସ୍ତ ଥିବାରୁ, ସମସ୍ତ ପିଲାଙ୍କ ଦାୟିତ୍ୱ କେବଳ ଜଣେ ଶିକ୍ଷକଙ୍କ ଉପରେ ରହିଛି। ବିଭିନ୍ନ ଶ୍ରେଣୀର ପିଲାମାନଙ୍କୁ ଏକାସାଙ୍ଗରେ ପଢ଼ାଇବା ସେହି ଶିକ୍ଷକଙ୍କ ପାଇଁ ଏକ ବଡ଼ ଆହ୍ୱାନ ପାଲଟିଛି। ତେଣୁ, ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୁକ୍ତ କରିବା ଏବଂ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ କରିବା ଅତ୍ୟନ୍ତ ଜରୁରୀ ଅଟେ। ଏହା ବ୍ୟତୀତ, ବିଦ୍ୟାଳୟରେ ସୁରକ୍ଷା ବ୍ୟବସ୍ଥାର ଅଭାବ ଏକ ଗୁରୁତର ଚିନ୍ତାର ବିଷୟ; ବିଦ୍ୟାଳୟ ଚାଲୁଥିଲେ ମଧ ଏହାର ଚାରିପାଖରେ କୌଣସି ବାଡ଼ କିମ୍ବା ସୁରକ୍ଷା ପ୍ରାଚୀର ନାହିଁ। ଅସମତଳ ଭୂମି ଏବଂ ଆଖପାଖ ଅଞ୍ଚଳର ପରିସ୍ଥିତି ଯୋଗୁଁ ବିଦ୍ୟାଳୟ ପରିବେଶ ପିଲାମାନଙ୍କ ପାଇଁ ବିପଦପୂର୍ଣ୍ଣ ହୋଇପଡ଼ିଛି। ଦୂର-ଦୂରାନ୍ତ ଅଞ୍ଚଳରୁ ଆସୁଥିବା ଏହି ପିଲାମାନଙ୍କ ପାଇଁ ଏକ ସୁରକ୍ଷିତ ଓ ଉପଯୁକ୍ତ ଶିକ୍ଷା ପରିବେଶ ଯୋଗାଇବା ପରିବର୍ତ୍ତ ?, ମୌଳିକ ଭିତ୍ତିଭୂମିର ଅଭାବ ସେମାନଙ୍କ ଶିକ୍ଷାଲାଭରେ ବଡ଼ ବାଧା ସୃଷ୍ଟି କରୁଛି। ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ବିନୋଦ କୁମାର ପାଙ୍ଗି ଓ ଫୁଲମଣି ଗେମେଲ୍ ଏବଂ ସ୍ଥାନୀୟ ବାସିନ୍ଦା ରଣଜିତ୍ ପାଙ୍ଗି, କାମୁଲୁ ପାଙ୍ଗି, ହରି ପାଙ୍ଗି, ପାୟୁ ପାଙ୍ଗି, ତ୍ରିନାଥ ପାଙ୍ଗି ଓ କୁମ୍ଭୁ ପାଙ୍ଗି କହିଛନ୍ତି ଯେ, ଏହି ସମସ୍ୟାଗୁଡ଼ିକ ବିଷୟରେ ଗ୍ରାମ ପ୍ରଶାସନକୁ ବାରମ୍ବାର ଜଣାଯାଇଥିଲେ ମଧ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ। ସେମାନେ ତୁରନ୍ତ ନୂତନ ଶ୍ରେଣୀଗୃହ ନିର୍ମାଣ, ସୁରକ୍ଷା ବାଡ଼ ନିର୍ମାଣ ଏବଂ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୁକ୍ତ କରିବାକୁ ଦାବି କରିଛନ୍ତି। ଏହି ବିଷୟରେ ଜିଲ୍ଲା ଶିକ୍ଷା ବିଭାଗ ସହ ଯୋଗାଯୋଗ କରାଯାଇଛି ଏବଂ ଶିକ୍ଷା ବୋର୍ଡକୁ ବିଦ୍ୟାଳୟର ଭିତ୍ତିଭୂମି ଆବଶ୍ୟକତା ସମ୍ପର୍କରେ ଅବଗତ କରାଯାଇଛି ବୋଲି କହିଛନ୍ତି ।

# ବଲାଙ୍ଗିର କ୍ଷୁଦ୍ର ଜଳସେଚନ ବିଭାଗରେ ନୂତନ ଅଧିକ୍ଷଣ ଯନ୍ତ୍ରୀଙ୍କ ଯୋଗଦାନ

ବଲାଙ୍ଗିର, ୧୫।୧୦ :(ମନ୍ଥନ) କ୍ଷୁଦ୍ର ଜଳସେଚନ ବିଭାଗର ନୂତନ ଅଧିକ୍ଷଣ ଯନ୍ତ୍ରୀ ଉମା ଶଙ୍କର ସାହୁ ବଲାଙ୍ଗିର ରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ବିଦାୟୀ ଅଧିକ୍ଷଣଯନ୍ତ୍ରୀ ରବିନ୍ଦ୍ରନାଥ ସେଠୀଙ୍କ କାର୍ଯ୍ୟପ୍ରଣାଳି ବଲାଙ୍ଗିର ରେ ବିଭିନ୍ନ କାର୍ଯ୍ୟ ପାଇଁ ଚର୍ଚ୍ଚିତ ହୋଇଥିବା ବେଳେ ନୂତନ ଯନ୍ତ୍ରୀ ରବିନ୍ଦ୍ରନାଥ ସେଠିଙ୍କ ପାଇଁ ବନ୍ୟା ପ୍ରପିଡିତ ବଲାଙ୍ଗିର କୁ ନିଶ୍ଚିତ ସ୍ଥାୟୀ ଉପସମ ଏବଂ ସେଚ ପ୍ରଣାଳି ପାଇଁ ଆହ୍ୱାନ ସୃଷ୍ଟି କରିଛି । ବଲାଙ୍ଗିର ରେ ବର୍ଷା ଜଳ ନିଷ୍କାସନ ଏବଂ ଲକ୍ଷ୍ମୀଯୋର ନାଳର ଲୋକାଭିମୁଖି ପରିଚ୍ଛଳନା କୁ ନେଇ ଶ୍ରୀ ସାହୁଙ୍କ ପାଇଁ ବହୁ ପରୀକ୍ଷା ନିରୀକ୍ଷାର ଅବକାଶ ସୃଷ୍ଟି ହୋଇଛି । ନୂତନ ଯନ୍ତ୍ରୀଙ୍କ ଦାୟିତ୍ୱ ଗ୍ରହଣ ଅବକାଶରେ ଉପବିଭାଗୀୟ ଅଧିକାରୀ ପ୍ରଦିପ ଭୋଇଙ୍କ ପୌରହିତ୍ୟରେ ସହକାରୀ ନିର୍ବାହୀଯନ୍ତ୍ରୀ ମାନଭଞ୍ଜନ ଶତପଥି, କିରଣବାଳା ଭୋଇ, ମୁରଲିଧର ମହାଲିଙ୍ଗ, ସଂଗୀତା ମିଞ୍ଜ, ସନ୍ଧ୍ୟାରାଣୀ ଭୋଇ, ଜାହିଦା ନିଶା ବେଗମ, ଦୟାନିଧି ପୁରୋହିତ, କୋବିନ ବେହେରା ପ୍ରମୁଖ ନୂତନ ଅଧିକାରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରି ସମ୍ବର୍ଦ୍ଧିତ କରିଥିଲେ ।

# ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନରେ ବିସିଜେଡିର ଦମ୍‌ଦାର ବିଜୟ

ଫୁଲନଖରା,୧୫।୧୦ :(ମନ୍ଥନ) କଟକ ସଦର ଥାନା ଅନ୍ତର୍ଗତ ବାରଙ୍ଗ ବ୍ଲକର ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନରେ ବିଜୁ ଛାତ୍ର ଜନତା ଦଳ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ନିର୍ବାଚନରେ ବିଭିନ୍ନ ପଦବୀ ପାଇଁ ଲଢ଼ିଥିବା ବିଜୁ ଛାତ୍ର ଜନତା ଦଳର ସମସ୍ତ ପ୍ରାର୍ଥୀ ବିଜୟୀ ହୋଇଥିବାରୁ ଦଳୀୟ ଶିବିରରେ ଖୁସିର ଲହରୀ ଖେଳିଯାଇଛି। ଏହି ବିଜୟକୁ ଛାତ୍ର ସଂଗଠନର ସାଂଗଠନିକ ଦକ୍ଷତା, କର୍ମୀମାନଙ୍କ ଏକତା, ଯୁବ ନେତୃତ୍ୱର ସକ୍ରିୟତା ଏବଂ ଛାତ୍ରଛାତ୍ରୀଙ୍କ ସମର୍ଥନର ପ୍ରତିଫଳନ ଭାବେ ଦଳୀୟ ମହଲରେ ଦେଖାଯାଉଛି।ଛାତ୍ର ସଂସଦ ନିର୍ବାଚନ କେବଳ ପଦପଦବୀ ହାସଲର ଲଢେଇ ନୁହେଁ, ବରଂ ଛାତ୍ରଛାତ୍ରୀଙ୍କ ଆସ୍ଥା, ନେତୃତ୍ୱର ଦକ୍ଷତା ଏବଂ ସଂଗଠନର ଜନସମ୍ପର୍କର ଏକ ପ୍ରମୁଖ ପରୀକ୍ଷା। ଏହି ପରିପ୍ରେକ୍ଷୀରେ ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟରେ ବିଜୁ ଛାତ୍ର ଜନତା ଦଳର ସମସ୍ତ ପ୍ରାର୍ଥୀଙ୍କ ବିଜୟ ଛାତ୍ର ସଂଗଠନ ପାଇଁ ଏକ ଉଲ୍ଲେଖନୀୟ ସଫଳତା ବୋଲି ବିଚାର କରାଯାଉଛି। ନିର୍ବାଚନ ପ୍ରକ୍ରିୟାରେ ଛାତ୍ରନେତା ଓ କର୍ମୀମାନଙ୍କ ସମନ୍ୱିତ ଉଦ୍ୟମ ଦଳର ବିଜୟକୁ ସୁଦୃଢ଼ କରିଥିବା ଦଳୀୟ ମହଲରେ ମତ ପ୍ରକାଶ ପାଇଛି।ନିର୍ବାଚନରେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ସଭାପତି ପଦ ପାଇଁ ରୋଜାଲିନ ସାହୁ, ଉପସଭାପତି ପଦ ପାଇଁ ଏସ୍.କେ. ଆସିଫ୍ ରାଜା, ସାଧାରଣ ସମ୍ପାଦକ ପଦ ପାଇଁ ନିରଞ୍ଜନ ପ୍ରଧାନ, କ୍ରୀଡ଼ା ସମ୍ପାଦିକା ପଦ ପାଇଁ ପ୍ରଜ୍ଞା ପାରମିତା ଭୋଇ, ନାଟ୍ୟ ସମ୍ପାଦିକା ପଦ ପାଇଁ ଦୀପିକା ରାଉତରା, ସହକାରୀ ସାଧାରଣ ସମ୍ପାଦିକା ପଦ ପାଇଁ ପାୟଲ ପାତ୍ର ଏବଂ ଅନ୍ୟ ଏକ ସମ୍ପାଦିକା ପଦ ପାଇଁ ପ୍ରଜ୍ଞାସ୍ମିତା ମହାପାତ୍ର ପ୍ରାର୍ଥୀ ହୋଇଥିଲେ। ଉକ୍ତ ସମସ୍ତ ପ୍ରାର୍ଥୀ ବିଜୟୀ ହୋଇଥିବାରୁ ମହାବିଦ୍ୟାଳୟରେ ବିଜୁ ଛାତ୍ର ଜନତା ଦଳ ନିଜର ସାଂଗଠନିକ ପ୍ରଭାବକୁ ପ୍ରମାଣିତ କରିଛି।ଏହି ସଫଳତା ପଛରେ ଯୁବ ଛାତ୍ରନେତାମାନଙ୍କ ଅକ୍ଳାନ୍ତ ପରିଶ୍ରମ, କର୍ମୀମାନଙ୍କ ନିଷ୍ଠା ଏବଂ ନିର୍ବାଚନ ସମୟରେ ଛାତ୍ରଛାତ୍ରୀଙ୍କ ସହ ନିରନ୍ତର ସମ୍ପର୍କ ରଖିବାର ପ୍ରୟାସ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିବା କୁହାଯାଉଛି। ସଂଗଠନର କର୍ମୀମାନେ ଏକଜୁଟ୍ ହୋଇ କାର୍ଯ୍ୟ କରିବା ସହ ପ୍ରାର୍ଥୀମାନଙ୍କ ପାଇଁ ସମର୍ଥନ ଯୋଗାଡ଼ କରିଥିଲେ। ଛାତ୍ରଛାତ୍ରୀଙ୍କ ସହ ସମ୍ପର୍କ, ସାଂଗଠନିକ ଶୃଙ୍ଖଳା ଏବଂ ସମୂହ ପ୍ରୟାସ ଏହି ବିଜୟର ମୁଖ୍ୟ ଆଧାର ବୋଲି ଦଳୀୟ କର୍ମୀମାନେ ମତ ଦେଇଛନ୍ତି।ବିଜୁ ଜନତା ଦଳ ଦୀର୍ଘଦିନ ଧରି ଯୁବପିଢ଼ି ଓ ଛାତ୍ର ସମାଜକୁ ସାଂଗଠନିକ ଭାବେ ଯୋଡ଼ିବା ଉପରେ ଗୁରୁତ୍ୱ ଦେଇଆସୁଥିବାବେଳେ ଛାତ୍ର ସଂସଦ ନିର୍ବାଚନରେ ବିଜୁ ଛାତ୍ର ଜନତା ଦଳର ଏହି ସଫଳତା ଦଳୀୟ କର୍ମୀଙ୍କ ମନୋବଳକୁ ଆହୁରି ବୃଦ୍ଧି କରିଛି। ବିଶେଷକରି ୩୩ ନମ୍ବର ଜୋନ୍‌ରେ ବିଜୁ ଜନତା ଦଳର ସାଂଗଠନିକ ଉପସ୍ଥିତି ଓ ଯୁବ କର୍ମୀଙ୍କ ସକ୍ରିୟତାକୁ ନେଇ ଦଳୀୟ ମହଲରେ ଉତ୍ସାହ ପ୍ରକାଶ ପାଇଛି। ଏହି ବିଜୟ ଆଗାମୀ ଦିନରେ ଅଞ୍ଚଳର ଛାତ୍ର ସଂଗଠନକୁ ଅଧିକ ସକ୍ରିୟ କରିବା ସହ ଯୁବପିଢ଼ିଙ୍କୁ ସାମାଜିକ ଓ ଶିକ୍ଷାଗତ କାର୍ଯ୍ୟରେ ଯୋଡ଼ିବାରେ ସହାୟକ ହେବ ବୋଲି ଆଶା କରାଯାଉଛି।ତେବେ ନିର୍ବାଚନରେ ବିଜୟ ହାସଲ କରିବା ସହ ନବନିର୍ବାଚିତ ଛାତ୍ର ପ୍ରତିନିଧିମାନଙ୍କ ଉପରେ ଏବେ ନୂଆ ଦାୟିତ୍ୱ ରହିଛି। ମହାବିଦ୍ୟାଳୟର ଶିକ୍ଷା ପରିବେଶର ଉନ୍ନତି, ଛାତ୍ରଛାତ୍ରୀଙ୍କ ବିଭିନ୍ନ ସମସ୍ୟାର ସମାଧାନ, କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ବିକାଶ ଏବଂ ଛାତ୍ରଛାତ୍ରୀଙ୍କ ନ୍ୟାୟସଙ୍ଗତ ଦାବିକୁ ଉପଯୁକ୍ତ ମଞ୍ଚରେ ଉପସ୍ଥାପନ କରିବା ଦିଗରେ ସେମାନେ କାର୍ଯ୍ୟ କରିବେ ବୋଲି ଆଶା ରହିଛି। ଛାତ୍ରଛାତ୍ରୀଙ୍କ ଆସ୍ଥାକୁ ସମ୍ମାନ ଦେଇ ଦାୟିତ୍ୱବାନ ନେତୃତ୍ୱ ପ୍ରଦାନ କରିବା ହିଁ ଏହି ବିଜୟର ପ୍ରକୃତ ସଫଳତା ହେବ।ସମସ୍ତ ପଦବୀରେ ବିଜୟ ହାସଲ କରି ବିଜୁ ଛାତ୍ର ଜନତା ଦଳ ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟରେ ନିଜର ଶକ୍ତିଶାଳୀ ଉପସ୍ଥିତି ଜାହିର କରିଥିବାବେଳେ ଏହାକୁ ବିଜୁ ଜନତା ଦଳର ଯୁବ ସଂଗଠନ ପାଇଁ ଏକ ଉତ୍ସାହଜନକ ସଫଳତା ଭାବେ ଦେଖାଯାଉଛି। କର୍ମୀମାନଙ୍କ ପରିଶ୍ରମ, ଯୁବ ନେତୃତ୍ୱର ସକ୍ରିୟତା ଏବଂ ଛାତ୍ରଛାତ୍ରୀଙ୍କ ସମର୍ଥନ ଦଳକୁ ଏହି ସଫଳତା ଦେଇଥିବା ମତ ପ୍ରକାଶ ପାଇଛି। ଆଗାମୀ ଦିନରେ ଏହି ବିଜୟର ଧାରାକୁ ଅବ୍ୟାହତ ରଖି ଛାତ୍ର ସମାଜର ଉନ୍ନତି ଓ ମହାବିଦ୍ୟାଳୟର ବିକାଶ ପାଇଁ ନବନିର୍ବାଚିତ ପ୍ରତିନିଧିମାନେ କେତେଦୂର ସକ୍ରିୟ ହେଉଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ରହିବ।



## ପୂଜା କମିଟି କଥା ରଖିଲାନି ପ୍ରଶାସନ

# ବୈଠକ ଅଧାରୁ ଉଠିଲେ କମିଟି କର୍ମକର୍ତ୍ତା

କେନ୍ଦ୍ରାପଡ଼ା,୧୫।୧୦ :(ମନ୍ଥନ) ଆସନ୍ତା ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରଶାସନ ଓ ପୂଜା କମିଟି ମଧ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଗୁରୁବାର ସନ୍ଧ୍ୟାରେ ନିର୍ଦ୍ଧାରିତ ହୋଇଥିବା ବୈଠକରେ ପ୍ରଶାସନ ପୂଜା କମିଟିର କଥାକୁ ଗୁରୁତ୍ୱ ନଦେବାରୁ କମିଟି କର୍ମକର୍ତ୍ତାମାନେ ବୈଠକ ଅଧାରୁ ଉଠି ଆସିଛନ୍ତି। ଏହାକୁ ନେଇ ଏକ ଅପ୍ରିକର ପରିସ୍ଥିତି ସୃଷ୍ଟି ହୋଇଛି। କମିଟି କର୍ମକର୍ତ୍ତାମାନେ ପ୍ରଶାସନକୁ ଦୋଷ ଦେଇଛନ୍ତି। ଅପରପକ୍ଷରେ ପ୍ରଶାସନ କହିଛି ସରକାରୀ ନିର୍ଦ୍ଦେଶ ନମିଳିବା ଯାଏଁ କମିଟି କର୍ମକର୍ତ୍ତାଙ୍କ ଦାବି ଗ୍ରହଣ କରାଯିବ ନାହିଁ। କମିଟି କର୍ମକର୍ତ୍ତାମାନେ କହିଛନ୍ତି କେନ୍ଦ୍ରାପଡା ଗଜଲକ୍ଷ୍ମୀ ପୂଜାକୁ ଶହେ ବର୍ଷ ପୁରୁଛି। ଏନେଇ ରାତି ୧୨ଟା ପର୍ଯ୍ୟନ୍ତ ଡାକବାଜୀ ଯନ୍ତ୍ର ବାଜିବା ପାଇଁ ଅନୁମତି ଦେବାକୁ ଗତ ୪ମାସ ପୂର୍ବରୁ ପ୍ରଶାସନକୁ ଲିଖିତ ଭାବେ ଜଣାଯାଇଥିଲା। ଏହାସହ ଗତ ୫ତାରିଖରେ ଅନୁଷ୍ଠିତ ସମନ୍ୱୟ ବୈଠକରେ ପ୍ରଶାସନକୁ ମଧ୍ୟ ଅନୁରୋଧ କରାଯାଇଥିଲା। ପ୍ରଶାସନ ପ୍ରତିଶୃତି ଦେଇଥିଲା ଏନେଇ ସରକାରଙ୍କୁ ଅବଗତ କରାଯାଇ ନିଷ୍ପତ୍ତି ନିଆଯିବ। କିନ୍ତୁ ପୂର୍ବ ବୈଠକର ୧୦ଦିନ ପରେବି ପ୍ରଶାସନ କହୁଛି ସରକାର ଏଦିଗରେ ନିଷ୍ପତ୍ତି ନେବେ। ତେଣୁ ପ୍ରଶାସନ ବାସ୍ତବରେ ସରକାରଙ୍କୁ ଅବଗତ କରିଛି କି ନାହିଁ ସେନେଇ ସନ୍ଦେହ ସୃଷ୍ଟି ହୋଇଛି। କେନ୍ଦ୍ରାପଡା ଗଜଲକ୍ଷ୍ମୀ ପୂଜା ଏକ ଗଣପର୍ବ ହୋଇଥିବାରୁ ଏହାକୁ ଉପଭୋଗ କରିବା ପାଇଁ ରାଜ୍ୟର ବିଭିନ୍ନ କୋଣଅନୁକୋଣରୁ ବହୁ ସଂଖ୍ୟାରେ ଲୋକମାନେ କେନ୍ଦ୍ରାପଡା ଆସିଥାନ୍ତି। ତେଣୁ ରାତି ୧୨ଟା ପର୍ଯ୍ୟନ୍ତ ଡାକବାଜି ଯନ୍ତ୍ର ବଜାଇବାକୁ ଅନୁମତି ଦିଆନଗଲେ ଏହି ଗଣପର୍ବ ଫିକା ପଡିଯିବ। ସେଥିପାଇଁ ଆମେ ପ୍ରଶାସନକୁ ଅନୁରୋଧ କରିଥିଲୁ ରାତି ୧୨ଟା ପର୍ଯ୍ୟନ୍ତ ଡାକବାଜି ଯନ୍ତ୍ର ବଜାଇବାକୁ ଅନୁମତି ଦେବାକୁ। ହେଲେ ପ୍ରଶାସନ ଲକ୍ଷ ଲକ୍ଷ ଦେଖଣାହାରୀଙ୍କ ଭାବାବେଗକୁ ବୁଝି ପାରୁନାହିଁ। ମହୋତ୍ସବର ପ୍ରକୃତ ଅର୍ଥ ଲୋକମାନଙ୍କୁ ଖୁସି ଦେବା। ପ୍ରଶାସନର କର୍ତ୍ତବ୍ୟ ହେଉଛି ମହୋତ୍ସବ ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା। ଏଥିପାଇଁ ସରକାର ହଜାର ହଜାର ପୋଲିସ ବାହିନୀ ଯୋଗାଇ ଦେଇଛନ୍ତି। ପ୍ରଶାସନ ନିଜ ମୁଣ୍ଡରୁ ଦୋଷ ଛଡାଇବା ପାଇଁ ସରକାରଙ୍କ ଦ୍ୱାହି ଦେବାକୁ ଉଦ୍ୟମ କରିଛି। କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ଲୋକମାନଙ୍କ ଭାବାବେଗକୁ ସମ୍ମାନ ଜଣାଇ ରାତି ୧୨ଟା ପର୍ଯ୍ୟନ୍ତ ଡାକବାଜି ଯନ୍ତ୍ର ବାଜିବା ନେଇ ସରକାରଙ୍କୁ ଅନୁରୋଧ କରିଥିଲେ। ତେଣୁ ପ୍ରଶାସନ ଅନୁମତି ନଦେବାରେ କୌଣସି ଯୁକ୍ତିଯୁକ୍ତ କାରଣ ନାହିଁ ବୋଲି କମିଟି କର୍ମକର୍ତ୍ତାମାନେ କହିଛନ୍ତି। ଅପରପକ୍ଷରେ ପ୍ରଶାସନ ପକ୍ଷରୁ ଉପଜିଲ୍ଲାପାଳ ଅରୁଣ ନାୟକ ଗଣମାଧ୍ୟମକୁ କହିଛନ୍ତି ଆମେ ସରକାରଙ୍କୁ ଏନେଇ ଅନୁମତି ମାଗିଛୁ। କିନ୍ତୁ ଅନୁମତି ନମିଳିବାରୁ ଆମେ ଏନେଇ କୌଣସି ସ୍ପଷ୍ଟ ନିର୍ଦ୍ଦେଶ ଦେଇପାରୁନାହୁଁ। ସରକାର ଅନୁମତି ଦେବା ମାତ୍ରେ ଆମେ ଏହାକୁ କାର୍ଯ୍ୟକାରୀ କରିବୁ। ଏକ୍ଷେତ୍ରରେ ପୂଜା କମିଟି କର୍ମକର୍ତ୍ତାମାନେ ପ୍ରଶାସନକୁ ସହଯୋଗ କରିବା ଉଚିତ ବୋଲି ସେ କହିଛନ୍ତି। ଏହି ବୈଠକରେ ପ୍ରଶାସନ ପକ୍ଷରୁ ଡେପୁଟୀ କଲେକ୍ଟର, ଅତିରିକ୍ତ ଏସପି ସୁଧାକର ସାହୁ, ଡିଏସପି(ଡିଆଇବି) ଲକ୍ଷ୍ମୀନାରାୟଣ ତିୱାରୀ, କେନ୍ଦ୍ରାପଡା ଏସଡିପିଓ ଜ୍ୟୋତିରଞ୍ଜନ ଗୌଡା, ଟାଉନଥାନା ଅଧିକାରୀ ଶୁଭେନ୍ଦୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଶୁକ୍ରବାର ୧୬ ଅକ୍ଟୋବର, ୨୦୨୬, ଭୁବନେଶ୍ୱର

Friday October 16, 2026 Bhubaneswar




'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

## ଭୋକମୁକ୍ତ ଓଡିଶା

ଖାଦ୍ୟ କେବଳ ଭୋକ ମେଂଟାଇବାର ମାଧ୍ୟମ ନୁହେଁ, ଏହା ମଣିଷର ବଂଚିବାର ଆଧାର, ଶରୀରର ଶକ୍ତି, ଶିଶୁର ଭବିଷ୍ୟତ, ପରିବାରର ସ୍ୱାସ୍ଥ୍ୟ ଓ ସମାଜର ସମ୍ମାନ ସହ ଜଡିତ ଏକ ମୌଳିକ ଆବଶ୍ୟକତା। ଯେଉଁ ମାଟିରେ ଚାଷୀ ଝାଳ ବୁହାଇ ଧାନ ଫଳାଏ, ଯେଉଁ ରାଜ୍ୟରେ ନଦୀ, ଜଳାଶୟ ଓ ଉର୍ବର ଭୂମି ଜୀବନକୁ ପୋଷଣ କରେ, ସେହ ଓଡ଼ିଶାରେ କୌଣସି ପରିବାର ଯଦି ଦୁଇବେଳା ଭାତ ପାଇଁ ସଂଘର୍ଷ କରେ, କୌଣସି ଶିଶୁ ଯଦି ପୁଷ୍ଟିକର ଖାଦ୍ୟ ଅଭାବରେ ଦୁର୍ବଳ ହୁଏ ଏବଂ ଅନ୍ୟ ପଟେ ଖାଦ୍ୟ ଥାଇ ମଧ୍ୟ ଅସାବଧାନତାରେ ନଷ୍ଟ ହୁଏ, ତେବେ ଏହା କେବଳ ଅର୍ଥନୈତିକ ସମସ୍ୟା ନୁହେଁ, ଆମ ସାମାଜିକ ବିବେକ ପାଇଁ ମଧ୍ୟ ଏକ ଗମ୍ଭୀର ପ୍ରଶ୍ନ। ଓଡ଼ିଶାର ଅତୀତ ଆମକୁ ଭୋକର ଭୟାବହତା ଶିଖାଇଛି, ବର୍ତମାନ ଆମକୁ ଖାଦ୍ୟ ବଂଟନ, ପୁଷ୍ଟି ଓ ନିରାପତାର ଆହ୍ୱାନ ସାମ୍ନା କରାଉଛି, ଆଉ ଆସନ୍ତାକାଲି ଆମକୁ ଏମିତି ଏକ ଓଡିଶା ଗଢିବାକୁ ଡାକୁଛି, ଯେଉଁଠାରେ କେହି ଭୋକରେ ଶୋଇବେ ନାହିଁ, କେହି ଅପୁଷ୍ଟିରେ ନିଜ ସମ୍ଭାବନା ହରାଇବେ ନାହିଁ ଏବଂ କାହାରି ଥାଳିକୁ ଅସୁରକ୍ଷିତ ଖାଦ୍ୟ ପହଂଚିବ ନାହିଁ। ଓଡ଼ିଶାର ଇତିହାସରେ ୧୮୬୬ ମସିହାର ନଅଙ୍କ ଦୁର୍ଭିକ୍ଷ ଏକ ଅବିସ୍ମରଣୀୟ ଦୁଃଖଦ ଅଧ୍ୟାୟ। ଏହି ଦୁର୍ଭିକ୍ଷ ଆମକୁ ମନେ ପକାଏ ଯେ ଖାଦ୍ୟର ଅଭାବ, ଦୁର୍ବଳ ଯୋଗାଣ ବ୍ୟବସ୍ଥା, ଅପର୍ଯ୍ୟାପ୍ତ ସହାୟତା ଓ ପ୍ରଶାସନିକ ବିଫଳତା ମିଶିଲେ ଏକ ସମାଜ କେତେ ବଡ ବିପର୍ଯ୍ୟାୟର ସାମ୍ନା କରିପାରେ। ସେହି ଇତିହାସକୁ କେବଳ ଶୋକର ସ୍ମୃତି ଭାବେ ନୁହେଁ ଭବିଷ୍ୟତ ପାଇଁ ସତର୍କବାଣୀ ଭାବେ ଗ୍ରହଣ କରିବା ଆବଶ୍ୟକ। ଆଜି ଧାନ ଉତ୍ପାଦନ, ସାର୍ବଜନୀନ ବଂଟନ ବ୍ୟବସ୍ଥା, ରାସନ ସାମଗ୍ରୀ, ଶିଶୁ ପୋଷଣ କାର୍ଯ୍ୟକ୍ରମ ଓ ବିଭିନ୍ନ ସରକାରୀ ସହାୟତା ଯୋଗୁଁ ଅନେକ ପରିବାର ଖାଦ୍ୟ ପାଇବାର ସୁଯୋଗ ପାଉଛନ୍ତି। ତଥାପି ଖାଦ୍ୟ ସୁରକ୍ଷାର ଅର୍ଥ କେବଳ ଚାଉଳ କିମ୍ବା ଗହମ ବଂଟନରେ ସୀମିତ ରହିପାରିବ ନାହିଁ। ଜଣେ ମଣିଷ ପେଟ ପୁରା ଖାଇଲେ ମଧ୍ୟ ଯଦି ତାଙ୍କ ଖାଦ୍ୟରେ ଡାଲି, ଶାଗ, ପନିପରିବା, ଫଳ, ଦୁଗ୍ଧ, ଡିମ୍ବ କିମ୍ବା ଉପଯୁକ୍ତ ବିକଳ୍ପ ପୁଷ୍ଟିକର ଉପାଦାନର ଅଭାବ ରହେ, ତେବେ ତାଙ୍କ ଶରୀର ସୁସ୍ଥ ରହିବା କଷ୍ଟକର ହୋଇପାରେ। ଭୋକ ମେଂଟାଇବା ଓ ପୁଷ୍ଟି ପୂରଣ କରିବା ମଧ୍ୟରେ ଏକ ମୌଳିକ ପାର୍ଥକ୍ୟ ଅଛି। ଏହି ପାର୍ଥକ୍ୟକୁ ବୁଝିବା ହିଁ ଓଡ଼ିଶାର ଆଗାମୀ ଖାଦ୍ୟ ନୀତିର ମୁଖ୍ୟ ଆଧାର ହେବା ଉଚିତ। ଗର୍ଭବତୀ ମହିଳାଙ୍କୁ ଉପଯୁକ୍ତ ଖାଦ୍ୟ ନମିଳିଲେ ମାଆ ଓ ଶିଶୁ ଉଭୟଙ୍କ ସ୍ୱାସ୍ଥ୍ୟ ପ୍ରଭାବିତ ହୋଇପାରେ, ଛୋଟ ପିଲାଙ୍କୁ ପୁଷ୍ଟିକର ଖାଦ୍ୟ ନମଳିଲେ ତାଙ୍କ ଶାରୀରିକ ବୃଦ୍ଧି, ଶିଖିବାର କ୍ଷମତା ଓ ଭବିଷ୍ୟତର ସମ୍ଭାବନା ଉପରେ ପ୍ରଭାବ ପଡିପାରେ, କିଶୋରୀଙ୍କ ମଧ୍ୟରେ ରକ୍ତହୀନତା ଓ ପୁଷ୍ଟି ଅଭାବ ଥିଲେ ତାହା ତାଙ୍କ ଶିକ୍ଷା ଓ ଜୀବନର ଗୁଣବତାରୁ କ୍ଷତି ପହଂଚାଇପାରେ। ତେଣୁ ଖାଦ୍ୟ ସୁରକ୍ଷାକୁ ଶିଶୁ ସ୍ୱାସ୍ଥ୍ୟ, ମାତୃ ସ୍ୱାସ୍ଥ୍ୟ, ଶିକ୍ଷା, ପରିବାରର ଆୟ ଓ ସାମାଜିକ ନ୍ୟାୟ ସହ ଏକାଠି ଦେଖିବାକୁ ପଡିବ। ଏହି କ୍ଷେତ୍ରରେ ଅଙ୍ଗନବାଡି କେନ୍ଦ୍ର, ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ, ମାତୃ ଓ ଶିଶୁ ପୋଷଣ ସେବା ଏବଂ ରାସନ ବଂଟନ ବ୍ୟବସ୍ଥାର ଗୁରୁତ୍ୱ ଅତ୍ୟନ୍ତ ଅଧିକ। ଏହି ସେବାଗୁଡିକ କାଗଜପତ୍ରରେ ସଫଳ ଦେଖାଯିବା ଯଥେଷ୍ଟ ନୁହେଁ। ଲାଭାର୍ଥୀଙ୍କ ଥାଳିରେ ଖାଦ୍ୟ ପହଂଚୁଛି କି, ତାହାର ଗୁଣମାନ ଠିକ୍ ଅଛି କି, ନିର୍ଦ୍ଧାରିତ ପରିମାଣ ମିଳୁଛି କି ଓ କେହି ଅନ୍ୟାୟ ଭାବେ ବଂଚିତ ହେଉଛନ୍ତି କି–ଏହାର ନିୟମିତ ଯାଂଚ ଆବଶ୍ୟକ। ଦୂରଦୂରାନ୍ତର ଗାଁ, ପାହାଡିଆ ଅଂଚଳ, ଆଦିବାସୀ ବସତି ଦୁର୍ଗମ ଜଙ୍ଗଲ ଅଂଚଳ ଓ ବିପର୍ଯ୍ୟାୟପ୍ରବଣ ଅଂଚଳରେ ଯୋଗାଣ ବ୍ୟବସ୍ଥାକୁ ଅଧିକ ସୁଦୃଢ କରିବା ଦରକାର। ଚାଷୀଙ୍କଠାରୁ ଧାନ କିଣିବା, ଗୋଦାମରେ ସୁରକ୍ଷିତ ଭାବେ ସଂରକ୍ଷଣ କରିବା, ପରିବହନ ସମୟରେ କ୍ଷତି ରୋକିବା ଓ ଯୋଗ୍ୟ ପରିବାରଙ୍କୁ ସମୟରେ ରାସନ ପହଂଚାଇବା- ଏହି ସମସ୍ତ ପଦକ୍ଷେପ ଏକ ଶୃଙ୍ଖଳାର ଏକ ଅଂଶ। ଏହାର ଯେକୌଣସି ଅଂଶରେ ଅବହେଳା ହେଲେ ତାହାର ଭାର ଶେଷରେ ଗରିବ ପରିବାର ଉପରେ ପଡେ। ଏହି ସମସ୍ୟାର ଅନ୍ୟ ଏକ ଦିଗ ହେଉଛି ଖାଦ୍ୟ ଅପଚୟ। ଗୋଟିଏ ପଟେ ଲୋକେ ଖାଦ୍ୟ ପାଇଁ ସଂଘର୍ଷ କରୁଥିବାବେଳେ ଅନ୍ୟ ପଟେ ବିବାହ ଭୋଜି, ଉତ୍ସବ, ହୋଟେଲ, ବଜାର ଓ ଘରେ ଅନେକ ଖାଦ୍ୟ ନଷ୍ଟ ହେଉଥିବା ଦୃଶ୍ୟ ଆମକୁ ଅସ୍ୱସ୍ତିକର ପକାଏ। ଏଠାରେ ପ୍ରଶ୍ନ କେବଳ ଖାଦ୍ୟ ଫିଙ୍ଗିଦେବାର ନୁହେଁ, ଏହା ପଛରେ ରହିଛି ଚାଷୀଙ୍କ ଶ୍ରମ, ପାଣିର ବ୍ୟବହାର, ଜମିର ଉର୍ବରତା, ଶକ୍ତି, ପରିବହନ ଖର୍ଚ୍ଚ ଓ ଅର୍ଥନୈତିକ ସମ୍ପଦର ଅପଚୟ। ଗୋଟିଏ ଥାଳିରେ ନଷ୍ଟ ହେଉଥିବା ଭାତ ପଛରେ ଚାଷୀଙ୍କ ଅନେକ ଦିନର ପରିଶ୍ରମ ଥାଏ। ଗୋଟିଏ ବସ୍ତା ଧାନ ନଷ୍ଟ ହେବାର ଅର୍ଥ କେବଳ ଧାନ ହରାଇବା ନୁହେଁ, ତାହା ସହ ଜଳ, ଶ୍ରମ ଓ ଅର୍ଥର ମୂଲ୍ୟ ମଧ୍ୟ ହରାଇବା। ତେଣୁ ଖାଦ୍ୟ ଅପଚୟ ରୋକିବାକୁ ନୈତିକ ଦାୟିତ୍ୱ ସହିତ ଅର୍ଥନୈତିକ ଓ ପରିବେଶଗତ ଆବଶ୍ୟକତା ଭାବେ ଗ୍ରହଣ କରିବା ଉଚିତ। ବିବାହ ଓ ସାମାଜିକ ଉତ୍ସବରେ ଅତିଥିଙ୍କ ସଂଖ୍ୟା ଓ ଆବଶ୍ୟକତା ଅନୁଯାୟୀ ଖାଦ୍ୟ ପ୍ରସ୍ତୁତ କରିବା ଅବଶିଷ୍ଟ ସୁରକ୍ଷିତ ଖାଦ୍ୟକୁ ଉଚିତ ବ୍ୟବସ୍ଥାରେ ଆବଶ୍ୟକତା ଥିବା ଲୋକଙ୍କ ପାଖରେ ପହଂଚାଇବା, ଘରେ ଆବଶ୍ୟକ ପରିମାଣରେ ରାନ୍ଧିବା ଓ ଖାଦ୍ୟକୁ ଠିକ୍ ଭାବେ ସଂରକ୍ଷଣ କରିବା ଭଳି ଅଭ୍ୟାସ ଗଢିବା ଦରକାର। ତେବେ ଦାନ କରିବା ନାମରେ ଅସୁରକ୍ଷିତ, ଦୂଷିତ କିମ୍ବା ଦୀର୍ଘ ସମୟ ଧରି ଅସଠିକ୍ ଭାବେ ରଖାଯାଇଥିବା ଆବଶ୍ୟକ। ଖାଦ୍ୟ ସୁରକ୍ଷାର ତୃତୀୟ ମୁଖ୍ୟ ଦିଗ ହେଉଛି ନିରାପଦ ଖାଦ୍ୟ। ଖାଦ୍ୟ ମିଳିବା ଯେତିକି ଜରୁରୀ, ସେହି ଖାଦ୍ୟ ଶରୀର ପାଇଁ କ୍ଷତିକାରକ ନହେବା ମଧ୍ୟ ସେତିକି ଆବଶ୍ୟକ। ଭେଜାଲ ଦୁଗ୍ଧ, ନକଲି ମସଲା, ଅସୁରକ୍ଷିତ ତେଲ, ଅତ୍ୟଧିକ କୃତ୍ରିମ ରଙ୍ଗ, ଅପରିଷ୍କାର ପରିବେଶରେ ପ୍ରସ୍ତୁତ ଖାଦ୍ୟ ଓ ଅବଧି ଅତିକ୍ରମ କରିଥିବା ସାମଗ୍ରୀ ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ ବିପଦ ସୃଷ୍ଟି କରିପାରେ। ରାସ୍ତାକଡର ଖାଦ୍ୟ ବିକ୍ରେତା ହେଉନ୍ତୁ କି ବଡ ବ୍ୟବସାୟୀ, ଖାଦ୍ୟର ସ୍ୱଚ୍ଛତା ଓ ଗୁଣମାନ ପ୍ରତି ସମସ୍ତଙ୍କ ଦାୟିତ୍ୱ ଅଛି। ଛୋଟ ବ୍ୟବସାୟୀଙ୍କୁ କେବଳ ଦଣ୍ଡ ଦେବା ନୁହେଁ, ସ୍ୱଚ୍ଛତା ବିଷୟରେ ପ୍ରଶିକ୍ଷଣ, ପରିଷ୍କାର ଜଳର ସୁବିଧା, ଆବର୍ଜନା ପରିଚାଳନା ଓ ନିୟମ ପାଳନ ପାଇଁ ସହଯୋଗ ଦେବା ଦରକାର। ସେହି ସମୟରେ ଜାଣିଶୁଣି ଭେଜାଲ ଖାଦ୍ୟ ବିକ୍ରି କରୁଥିବା ଲୋକଙ୍କ ବିରୋଧରେ ଦୃଢ ଓ ନିୟମିତ କାର୍ଯ୍ୟାନୁଷ୍ଠାନ ହେବା ଉଚିତ। ଖାଦ୍ୟ ନିରୀକ୍ଷଣ କେବଳ ପର୍ବପର୍ବାଣୀ ପୂର୍ବରୁ ହଠାତ୍ ଚଢାଉରେ ସୀମିତ ନରହି, ସାରା ବର୍ଷ ଧରି ଚାଲିବା ଆବଶ୍ୟକ। ଖାଦ୍ୟ ନମୁନା ପରୀକ୍ଷା, ନିୟମିତ ଯାଂଚ, ଦୋଷୀଙ୍କ ବିରୋଧରେ ଦଣ୍ଡ ଓ ଉପଭୋକ୍ତାଙ୍କୁ ସଚେତନ କରିବା ଦ୍ୱାରା ନିରାପଦ ଖାଦ୍ୟ ବ୍ୟବସ୍ଥା ସୁଦୃଢ ହୋଇପାରିବ। ଖାଦ୍ୟର ଗୁଣମାନ ଯାଂଚ କରିବା ସହ ଖାଦ୍ୟର ମୂଲ୍ୟ ସାଧାରଣ ପରିବାରର କ୍ରୟକ୍ଷମତା ମଧ୍ୟରେ ରହିବା ଆବଶ୍ୟକ। ମୂଲ୍ୟବୃଦ୍ଧି ଯୋଗୁଁ ଯଦି ପରିବାରମାନେ ଡାଲି, ଫଳ, ପନିପରିବା ଓ ପୁଷ୍ଟିକର ଖାଦ୍ୟ କିଣିବା କମାଇଦିଅନ୍ତି, ତେବେ ଖାଦ୍ୟର ପରିମାଣ ରହିଲେ ମଧ୍ୟ ପୁଷ୍ଟିର ଅଭାବ ସୃଷ୍ଟି ହୋଇପାରେ। ଏଠାରେ ଓଡ଼ିଶାର ଚାଷୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଧାନ ସହ ଡାଲି, ତୈଳବୀଜ, ମିଲେଟ, ପନିପରିବା ଓ ଫଳ ଚାଷକୁ ପ୍ରୋତ୍ସାହନ ଦେବା ଦ୍ୱାରା ଖାଦ୍ୟର ବିବିଧତା ବଢିପାରିବ। ସ୍ଥାନୀୟ ଜଳବାୟୁ ଓ ମାଟି ଅନୁଯାୟୀ ଚାଷକୁ ଉତ୍ସାହିତ କରିବା, ଚାଷୀଙ୍କୁ ନ୍ୟାୟସଙ୍ଗତ ମୂଲ୍ୟ ଦେବା, ସଂରକ୍ଷଣ ଓ ପ୍ରକ୍ରିୟାକରଣ ସୁବିଧା ବଢାଇବା ଏବଂ ଚାଷ ଉତ୍ପାଦକୁ ବଜାର ସହ ଯୋଡିବା ଆବଶ୍ୟକ। ଓଡ଼ିଶାର ପାରମ୍ପରିକ ଖାଦ୍ୟରେ ଥିବା ମାଣ୍ଡିଆ, ମୁଗ, ବିରି, ଶାଗ, ଶାକସବ୍ଜି ଓ ଅଂଚଳଭିତିକ ପୁଷ୍ଟିକର ଖାଦ୍ୟକୁ ନୂଆ ପିଢିର ଖାଦ୍ୟାଭ୍ୟାସରେ ଉଚିତ ସ୍ଥାନ ଦେବା ଉଚିତ। ଏହା କେବଳ ପରମ୍ପରାକୁ ରକ୍ଷା କରିବ ନୁହେଁ, ସ୍ଥାନୀୟ ଚାଷୀଙ୍କ ଆୟ ଓ ପରିବାରର ପୁଷ୍ଟିକୁ ମଧ୍ୟ ସହାୟତା କରିପାରିବ। ଆଗାମୀ ଓଡ଼ିଶାର ଖାଦ୍ୟ ସୁରକ୍ଷା ଜଳବାୟୁ ପରିବର୍ତନର ଆହ୍ୱାନକୁ ମଧ୍ୟ ଧ୍ୟାନରେ ରଖିବା ଦରକାର। ବନ୍ୟା, ମରୁଡି, ଘୂର୍ଣ୍ଣିଝଡ, ଅତ୍ୟଧିକ ବର୍ଷା ଓ ଅନିୟମିତ ଋତୁଚକ୍ର ଫସଲକୁ କ୍ଷତି ପହଂଚାଇପାରେ। ତେଣୁ ଖାଦ୍ୟ ଗୋଦାମ, ଶୀତଳ ସଂରକ୍ଷଣ, ଗ୍ରାମୀଣ ସଡକ, ଜଳସେଚନ, ବିହନ ସୁରକ୍ଷା ଓ ବିପର୍ଯ୍ୟାୟ ସମୟରେ ତୁରନ୍ତ ଖାଦ୍ୟ ଯୋଗାଣ ବ୍ୟବସ୍ଥାକୁ ସୁଦୃଢ କରିବା ଦରକାର। ଏହା ସହ ଗ୍ରାମସ୍ତରରେ ଖାଦ୍ୟ, ଭଣ୍ଡାର, ସ୍ଥାନୀୟ ଉତ୍ପାଦନ ଓ ସମୁଦାୟର ସହଯୋଗ ବଢାଇଲେ ସଙ୍କଟ ସମୟରେ ପରିବାରମାନେ ଅଧିକ ସୁରକ୍ଷିତ ରହିପାରିବେ। ଖାଦ୍ୟ ସୁରକ୍ଷାର ଅଧିକାର କେବଳ ସରକାରଙ୍କ ଦାୟିତ୍ୱ ନୁହେଁ, ନାଗରିକଙ୍କ ମଧ୍ୟ ଦାୟିତ୍ୱ ଅଛି। ପରିବାର ଆବଶ୍ୟକତା ଅନୁଯାୟୀ ଖାଦ୍ୟ ରାନ୍ଧିବା, ଖାଦ୍ୟକୁ ସ୍ୱଚ୍ଛ ଭାବେ ରଖିବା, ଶିଶୁଙ୍କୁ ସନ୍ତୁଳିତ ଖାଦ୍ୟ ଦେବା, ଖାଦ୍ୟର ଗୁଣମାନ ନେଇ ସଚେତନ ରହିବା ଓ ଅପଚୟ ରୋକିବା ଆମ ଦୈନନ୍ଦିନ କର୍ତବ୍ୟ। ବିଦ୍ୟାଳୟରେ ପିଲାମାନଙ୍କୁ ଖାଦ୍ୟର ମୂଲ୍ୟ, ପୁଷ୍ଟି, ଓ ସ୍ୱଚ୍ଛତା ବିଷୟରେ ଶିକ୍ଷା ଦେବା ଦରକାର।

# ସରଳତା, ସୌଜନ୍ୟ ଓ ସେବାର ସ୍ମୃତି : ଓଡ଼ିଶାରେ ହରି ବାବୁ କମ୍ଭମ୍ପାଟିଙ୍କ କାର୍ଯ୍ୟକାଳର ଅବସାନ

ସୌଭାଗ୍ୟ ରଞ୍ଜନ ମହାନ୍ତି

ରାଜ୍ୟପାଳଙ୍କ କାର୍ଯ୍ୟକାଳର ଅନ୍ୟ ଏକ ଦିଗ ହେଉଛି ଜନକଲ୍ୟାଣକାରୀ ଯୋଜନା ଓ ସାଧାରଣ ପ୍ରଶାସନରେ ନାଗରିକଙ୍କ ସହ ସଂଯୋଗର ଆବଶ୍ୟକତା। ଜୁନ୍? ୨୦୨୬ରେ ସେ ଓଡ଼ିଶା ରାଜସ୍ୱ ସେବାର ନୂତନ ନିଯୁକ୍ତ ଅଧିକାରୀମାନଙ୍କ ସହ ଆଲୋଚନା କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ସମଗ୍ର ଜ୍ଞାନ ହାସଲ କରିବା ଏବଂ ସରକାର ଓ ନାଗରିକଙ୍କ ମଧ୍ୟରେ ଏକ ପ୍ରଭାବଶାଳୀ ସେତୁ ଭାବେ କାମ କରିବାକୁ ଆହ୍ୱାନ କରିଥିଲେ। ଅଧିକାରୀମାନେ କେବଳ ନିୟମ ଓ କାର୍ଯ୍ୟାଳୟ ପ୍ରକ୍ରିୟା ଜାଣିଲେ ଚାଲିବ ନାହିଁ; ଯୋଜନାର ଉଦ୍ଦେଶ୍ୟ, ଲୋକଙ୍କ ପ୍ରକୃତ ଆବଶ୍ୟକତା ଏବଂ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ସେବା ପହଞ୍ଚାଇବାର ଉପାୟ ମଧ୍ୟ ବୁଝିବା ଦରକାର ବୋଲି ସେ ଗୁରୁତ୍ୱ ଦେଇଥିଲେ।

ଏହି ମତ ପ୍ରଶାସନର ଏକ ମୌଳିକ ସମସ୍ୟାକୁ ଆଲୋକିତ କରେ। ଅନେକ ସମୟରେ ଯୋଜନାର ନିୟମ ରହିଥାଏ, ଅର୍ଥ ମଧ୍ୟ ବ୍ୟୟ ହୋଇଥାଏ, କିନ୍ତୁ ଯୋଗ୍ୟ ଲୋକଙ୍କ ପାଖରେ ସୂଚନା ନଥିବା, ଆବେଦନ ପ୍ରକ୍ରିୟା ଜଟିଳ ହେବା କିମ୍ବା ଅନାବଶ୍ୟକ କାଗଜପତ୍ର ଯୋଗୁଁ ସେମାନେ ଲାଭ ପାଇପାରନ୍ତି ନାହିଁ। ଜଣେ ବୃଦ୍ଧ ନାଗରିକ ପେନ୍?ସନ୍? ପାଇଁ କେଉଁଠି ଆବେଦନ କରିବେ ତାହା ନଜାଣିଲେ, ଜଣେ ବିଧବା ମହିଳା ନିଜର ଅଧିକାର ସମ୍ପର୍କରେ ସୂଚନା ନପାଇଲେ କିମ୍ବା ଜଣେ ଚାଷୀ କୌଣସି ଯୋଜନାର ଯୋଗ୍ୟତା ବୁଝିନପାରିଲେ, କାଗଜରେ ଥିବା ସୁବିଧା ତାଙ୍କ ଜୀବନରେ ପହଞ୍ଚିବ ନାହିଁ। ଏହି ଅବସ୍ଥା ବଦଳାଇବା ପାଇଁ ସରକାରୀ ଅଧିକାରୀଙ୍କ ମଧ୍ୟରେ ସେବାଭାବ, ନିୟମ ସମ୍ପର୍କିତ ଜ୍ଞାନ, ସ୍ଥାନୀୟ ଭାଷାରେ ଯୋଗାଯୋଗ ଏବଂ ଅଭିଯୋଗର ସମୟୋଚିତ ସମାଧାନ ଆବଶ୍ୟକ। ରାଜ୍ୟପାଳଙ୍କ ଆହ୍ୱାନର ମୂଲ୍ୟ ଏଠାରେ ରହିଛି—ଏହା ପ୍ରଶାସନକୁ ଲୋକଙ୍କ ଜୀବନର ପ୍ରକୃତ ସମସ୍ୟା ସହ ଯୋଡ଼ିବାର ଆବଶ୍ୟକତା ସ୍ମରଣ କରାଏ। କିନ୍ତୁ ପ୍ରଶାସନର ପ୍ରକୃତ ପରିବର୍ତ୍ତନ ପାଇଁ କାର୍ଯ୍ୟାଳୟଗୁଡ଼ିକରେ ସେବାର ସମୟସୀମା, ଅଭିଯୋଗର ନିରାକରଣ, ଅନଲାଇନ୍? ଓ ସାମ୍ନାସାମ୍ନି ସେବାର ସୁବିଧା, ଦୁର୍ନୀତି ରୋକିବାର ବ୍ୟବସ୍ଥା ଏବଂ ନିୟମିତ ଜବାବଦେହିତା ଦରକାର। ସରଳତାର ଏକ ପ୍ରକୃତ ପରୀକ୍ଷା ହେଉଛି ଶାସନ ବ୍ୟବସ୍ଥାକୁ ସାଧାରଣ ଲୋକଙ୍କ ପାଇଁ କେତେ ସହଜ କରାଯାଇପାରୁଛି। ଏହି ମାନଦଣ୍ଡରେ ରାଜ୍ୟପାଳଙ୍କ ଉଦ୍ୟମ ଏକ ଆବଶ୍ୟକ ଆଲୋଚନା ଆରମ୍ଭ କରିପାରେ, ଯାହାକୁ ଆଗକୁ ନେବାର ଦାୟିତ୍ୱ ପ୍ରଶାସନ, ନିର୍ବାଚିତ ସରକାର ଓ ସାଧାରଣ ନାଗରିକଙ୍କ ସମ୍ମିଳିତ ଉଦ୍ୟମ ଉପରେ ନିର୍ଭର କରେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅକ୍ଟୋବର ୯ ତାରିଖରେ ଲୋକଭବନରେ ରାଜ୍ୟପାଳଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ ଏବଂ ରାଜ୍ୟର ସାମଗ୍ରିକ ବିକାଶ, ଜନକଲ୍ୟାଣ ଓ ପ୍ରଗତିଶୀଳ ଶାସନ ବ୍ୟବସ୍ଥାକୁ ଆହୁରି ମଜବୁତ କରିବା ସମ୍ପର୍କରେ ଆଲୋଚନା ହୋଇଥିଲା।

ଏହି ସାକ୍ଷାତକୁ ରାଜ୍ୟପାଳ ଓ ନିର୍ବାଚିତ ସରକାରଙ୍କ ମଧ୍ୟରେ ସାମ୍ବିଧାନିକ ସୌଜନ୍ୟ ଓ ଆଲୋଚନାର ଏକ ଉଦାହରଣ ଭାବେ ଦେଖାଯାଇପାରେ। ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଦାୟିତ୍ୱ ଭିନ୍ନ ହେଲେ ମଧ୍ୟ ଲୋକଙ୍କ କଲ୍ୟାଣ, ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର, ସାମାଜିକ ସମନ୍ୱୟ ଓ ରାଜ୍ୟର ଅଗ୍ରଗତି ସମ୍ପର୍କିତ ଆଲୋଚନା ଗଣତାନ୍ତ୍ରିକ ବ୍ୟବସ୍ଥାର ସାଧାରଣ ଅଂଶ। ଏହି ସମ୍ପର୍କରେ ମୁଖ୍ୟ କଥା ହେଉଛି ସାମ୍ବିଧାନିକ ସୀମାର ସମ୍ମାନ, ପରସ୍ପର ପ୍ରତି ଶିଷ୍ଟାଚାର ଏବଂ ଜନସ୍ୱାର୍ଥକୁ କେନ୍ଦ୍ରରେ ରଖିବା। ରାଜ୍ୟପାଳଙ୍କ ପଦ କୌଣସି ରାଜନୈତିକ ଦଳର ପ୍ରଚାରମଞ୍ଚ ନୁହେଁ; ଏହା ରାଜ୍ୟର ସାମ୍ବିଧାନିକ ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ପଦ। ସେହିପରି ନିର୍ବାଚିତ ସରକାର ଲୋକଙ୍କ ଜନାଦେଶ ଆଧାରରେ ପ୍ରଶାସନ ଚଳାଇଥାଏ। ଉଭୟଙ୍କ ମଧ୍ୟରେ ନିୟମିତ ଓ ମର୍ଯ୍ୟାଦାପୂର୍ଣ୍ଣ ସଂଳାପ ରହିଲେ ରାଜ୍ୟର ସମସ୍ୟାଗୁଡ଼ିକ ଉପରେ ଆଲୋଚନାର ସୁଯୋଗ ବଢ଼ିପାରେ। ତଥାପି ଏହି ସମ୍ପର୍କର ମୂଲ୍ୟାୟନ କରିବାବେଳେ ଅନୁମାନ କିମ୍ବା ରାଜନୈତିକ ବ୍ୟାଖ୍ୟା ଅପେକ୍ଷା ପ୍ରକାଶିତ ତଥ୍ୟ ଓ ସାମ୍ବିଧାନିକ ପ୍ରକ୍ରିୟାକୁ ଆଧାର କରିବା ଉଚିତ। ହରି ବାବୁଙ୍କ ସରଳତାର ଆଲୋଚନା ମଧ୍ୟ ଏହି ଗଣତାନ୍ତ୍ରିକ ପରିପ୍ରେକ୍ଷୀରେ ହେବା ଦରକାର। ଜଣେ ଉଚ୍ଚପଦସ୍ଥ ବ୍ୟକ୍ତି ଯେତେବେଳେ ନିଜ ପଦର ଗରିମା ରକ୍ଷା କରି ଅନ୍ୟମାନଙ୍କ ସହ ସମ୍ମାନପୂର୍ଣ୍ଣ ଭାବେ ମିଳନ୍ତି, ଶିକ୍ଷାବିଦ୍?ଙ୍କ ମତ ଶୁଣନ୍ତି, ଅଧିକାରୀଙ୍କୁ ସ୍ପଷ୍ଟ ଦାୟିତ୍ୱ ସ୍ମରଣ କରାନ୍ତି ଏବଂ ସମାଜର ଅବହେଳିତ ବର୍ଗଙ୍କ ବିଷୟରେ ଆଲୋଚନା କରନ୍ତି, ସେତେବେଳେ ତାଙ୍କ ସାର୍ବଜନୀନ ଆଚରଣରେ ସରଳତା ଓ ଦାୟିତ୍ୱବୋଧର ଗୁଣ ପ୍ରତିଫଳିତ ହୋଇପାରେ। ତେବେ ସରଳତାକୁ କେବଳ ଲୋକପ୍ରିୟତାର ମାପକାଠି କରିବା ଉଚିତ ନୁହେଁ। ଜଣେ ରାଜ୍ୟପାଳଙ୍କ କାର୍ଯ୍ୟରେ ସାମ୍ବିଧାନିକ ନିଷ୍ପକ୍ଷତା, ଆଇନର ପାଳନ, ଅନୁଷ୍ଠାନଗତ ଶୃଙ୍ଖଳା ଓ ସମସ୍ତ ନାଗରିକଙ୍କ ପ୍ରତି ସମାନ ସମ୍ମାନ ରହିବା ଅତ୍ୟାବଶ୍ୟକ। ମିଠା କଥା କହିବା ସହଜ, କିନ୍ତୁ ସମସ୍ତଙ୍କ ପ୍ରତି ନ୍ୟାୟସଙ୍ଗତ ଆଚରଣ ରଖିବା ହିଁ ଦୀର୍ଘକାଳୀନ ବିଶ୍ୱାସର ଆଧାର। ଏହି କାରଣରୁ ତାଙ୍କ କାର୍ଯ୍ୟକାଳକୁ ନେଇ ଆଲୋଚନାରେ



ପ୍ରଶଂସା ସହ ପ୍ରଶ୍ନ ମଧ୍ୟ ରହିପାରିବା ଉଚିତ। ବିଶ୍ୱବିଦ୍ୟାଳୟରେ ଖାଲି ପଦ ପୂରଣ ପାଇଁ ସମୟସୀମା ନିର୍ଦ୍ଧାରଣ କରାଗଲା କି ନାହିଁ, ନିଯୁକ୍ତି ପ୍ରକ୍ରିୟା କେତେ ସ୍ୱଚ୍ଛ ହେଲା, ଓଡ଼ିଆ ଭାଷାରେ ଜ୍ଞାନସାମଗ୍ରୀର ବିସ୍ତାର କେତେ ଆଗକୁ ବଢ଼ିଲା, ଜନଜାତି ଗୋଷ୍ଠୀଙ୍କ ସମସ୍ୟାରେ କେଉଁ ଅନୁଷ୍ଠାନଗତ ପଦକ୍ଷେପ ନିଆଗଲା ଏବଂ ପର୍ଯ୍ୟଟନ ସହ ପରିବେଶ ସଂରକ୍ଷଣକୁ କେତେ ଭଲ ଭାବେ ଯୋଡ଼ାଗଲା—ଏହି ପ୍ରଶ୍ନଗୁଡ଼ିକ ଆଲୋଚନାକୁ ଅଧିକ ଦାୟିତ୍ୱପୂର୍ଣ୍ଣ କରିବ। ଏହା କୌଣସି ବ୍ୟକ୍ତିଙ୍କୁ ଛୋଟ କରିବା ପାଇଁ ନୁହେଁ; ବରଂ ସାର୍ବଜନୀନ ପଦରେ ଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ କାର୍ଯ୍ୟକୁ ଉଚିତ ମାନଦଣ୍ଡରେ ଦେଖିବା ପାଇଁ। ଗଣତନ୍ତ୍ରରେ ସମ୍ମାନ ଓ ଜବାବଦେହିତା ପରସ୍ପର ପୂରକ। କୌଣସି ପଦଧାରୀଙ୍କୁ ସମ୍ମାନ କରିବାର ଅର୍ଥ ତାଙ୍କ କାର୍ଯ୍ୟକୁ ପ୍ରଶ୍ନର ଊର୍ଦ୍ଧ୍ୱରେ ରଖିବା ନୁହେଁ; ଏବଂ ତାଙ୍କ କାର୍ଯ୍ୟର ମୂଲ୍ୟାୟନ କରିବାର ଅର୍ଥ ବ୍ୟକ୍ତିଗତ ଅସମ୍ମାନ କରିବା ମଧ୍ୟ ନୁହେଁ। ହରି ବାବୁଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଯାଉଥିବା ଏହି ପର୍ଯ୍ୟାୟରେ ଏହି ସନ୍ତୁଳିତ ଦୃଷ୍ଟିକୋଣ ବିଶେଷ ଗୁରୁତ୍ୱପୂର୍ଣ୍ଣ। ନୂତନ ରାଜ୍ୟପାଳଙ୍କ ନିଯୁକ୍ତି ଏକ ସାମ୍ବିଧାନିକ ପରିବର୍ତ୍ତନ; ଏହାକୁ ଅତୀତର ଅବଦାନକୁ ଅସ୍ୱୀକାର କରିବା କିମ୍ବା ଭବିଷ୍ୟତ ସମ୍ପର୍କରେ ଅତିରଞ୍ଜିତ ଆଶା ସୃଷ୍ଟି କରିବାର ଆଧାର କରିବା ଉଚିତ ନୁହେଁ। ନୂତନ ରାଜ୍ୟପାଳ ନିଜ ଦାୟିତ୍ୱ ଗ୍ରହଣ କରିବା ପରେ ରାଜ୍ୟର ସାମ୍ବିଧାନିକ ପରମ୍ପରା, ଶିକ୍ଷାନୁଷ୍ଠାନର ଆବଶ୍ୟକତା, ଆଦିବାସୀ ଓ ଅନ୍ୟ ଅବହେଳିତ ବର୍ଗଙ୍କ ସମସ୍ୟା, ଓଡ଼ିଆ ଭାଷାର ବିକାଶ ଏବଂ ସାମାଜିକ ସମନ୍ୱୟ ଭଳି ପ୍ରସଙ୍ଗରେ କିପରି ନିଜ ଭୂମିକା ନିର୍ବାହ କରିବେ, ତାହା ଭବିଷ୍ୟତରେ ଦେଖିବାକୁ ମିଳିବ। ଏହି ପରିବର୍ତ୍ତନର ମୁହୂର୍ତ୍ତରେ ହରି ବାବୁଙ୍କ କାର୍ଯ୍ୟକାଳରୁ ନିଆଯାଇପାରୁଥିବା ଶିକ୍ଷା ହେଉଛି—ରାଜ୍ୟପାଳଙ୍କ ପଦର ମହତ୍ତ୍ୱ କେବଳ ଔପଚାରିକ ଗରିମାରେ ନୁହେଁ, ବରଂ ସାମ୍ବିଧାନିକ ଦାୟିତ୍ୱକୁ କେତେ ନିଷ୍ଠାର ସହ ପାଳନ କରାଯାଉଛି ଏବଂ ରାଜ୍ୟର ପ୍ରକୃତ ସମସ୍ୟାଗୁଡ଼ିକୁ କେତେ ଗମ୍ଭୀରତାର ସହ ଆଲୋଚନାରେ ଆଣାଯାଉଛି, ସେଥିରେ ମଧ୍ୟ ରହିଛି। ଜଣେ ରାଜ୍ୟପାଳ ନିଜେ ସମସ୍ତ ସମସ୍ୟାର ସମାଧାନ କରିପାରିବେ ନାହିଁ, କିନ୍ତୁ ସଠିକ୍ ପ୍ରସଙ୍ଗକୁ ଉଠାଇବା, ଦାୟିତ୍ୱପ୍ରାପ୍ତ ଅନୁଷ୍ଠାନକୁ ନିଜ କର୍ତ୍ତବ୍ୟ ସ୍ମରଣ କରାଇବା ଏବଂ ସମାଜର ବିଭିନ୍ନ ବର୍ଗଙ୍କ ସହ ସଂଳାପ ରଖିବା ମାଧ୍ୟମରେ ସେ ଏକ ସହାୟକ ଭୂମିକା ନିର୍ବାହ କରିପାରନ୍ତି। ଏହି ଭୂମିକାର ମୂଲ୍ୟ ମାପିବା ପାଇଁ ଘୋଷଣା ଓ ଅଭିଭାଷଣ ଅପେକ୍ଷା ଅନୁଷ୍ଠାନଗୁଡ଼ିକରେ ହୋଇଥିବା ପରିବର୍ତ୍ତନ, ନିଷ୍ପତ୍ତିର ଗୁଣବତ୍ତା ଓ ଲୋକଙ୍କ ଜୀବନରେ ଆସିଥିବା ଫଳକୁ ଗୁରୁତ୍ୱ ଦେବା ଦରକାର। ହରି ବାବୁଙ୍କ କାର୍ଯ୍ୟକାଳରେ ଶିକ୍ଷା, ଭାଷା, ଜନଜାତି ବିକାଶ, ପରିବେଶ ଓ ପ୍ରଶାସନିକ ଦାୟିତ୍ୱ ଭଳି ବିଷୟଗୁଡ଼ିକ ସାର୍ବଜନୀନ ଆଲୋଚନାରେ ଗୁରୁତ୍ୱ ପାଇଥିଲା। ଏହାକୁ ତାଙ୍କ କାର୍ଯ୍ୟକାଳର ଆଲୋଚନାଯୋଗ୍ୟ ଦିଗ ଭାବେ ଚିହ୍ନଟ କରାଯାଇପାରେ। ଏହି ସହିତ ପ୍ରତ୍ୟେକ ପଦକ୍ଷେପର ଫଳାଫଳକୁ ଅଲଗା ଭାବେ ଯାଞ୍ଚ କରିବା, ଯେଉଁଠି ତଥ୍ୟ ଅପୂର୍ଣ୍ଣ ସେଠାରେ ଅତିରିକ୍ତ ଦାବି ନକରିବା ଏବଂ ସାମ୍ବିଧାନିକ ଭୂମିକାର ସୀମାକୁ ସମ୍ମାନ କରିବା ମଧ୍ୟ ସେତିକି ଆବଶ୍ୟକ। ତାଙ୍କ ବିଦାୟର ଆଲୋଚନା କେବଳ ବ୍ୟକ୍ତିଗତ ପ୍ରଶଂସା କିମ୍ବା ଔପଚାରିକ ଶୁଭେଚ୍ଛାରେ ସୀମିତ ନ ରହି, ଓଡ଼ିଶାର ସାର୍ବଜନୀନ ଜୀବନ ପାଇଁ ଏକ ଆତ୍ମସମୀକ୍ଷାର ସୁଯୋଗ ହେବା ଉଚିତ। ଶିକ୍ଷାରେ ଗୁଣବତ୍ତା, ମାତୃଭାଷାରେ ଜ୍ଞାନ, ଆଦିବାସୀଙ୍କ ସମ୍ମାନଜନକ ବିକାଶ, ପରିବେଶ ସଂରକ୍ଷଣ, ସରଳ ପ୍ରଶାସନ ଓ ସାମ୍ବିଧାନିକ ଶିଷ୍ଟାଚାର—ଏହି ପ୍ରସଙ୍ଗଗୁଡ଼ିକ କୌଣସି ଜଣେ ବ୍ୟକ୍ତିଙ୍କ କାର୍ଯ୍ୟକାଳ ସହ ଶେଷ ହୋଇଯାଏ ନାହିଁ। ଏଗୁଡ଼ିକ ରାଜ୍ୟର ଦୀର୍ଘକାଳୀନ ଦାୟିତ୍ୱ। ରାଜ୍ୟପାଳ ପରିବର୍ତ୍ତନ ହେଲେ ମଧ୍ୟ ଏହି ଦାୟିତ୍ୱ ଅବ୍ୟାହତ ରହିବ। ଓଡ଼ିଶାର ଜନସାଧାରଣଙ୍କ ପାଇଁ ଶେଷ ପର୍ଯ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେଉଛି ନିଜ ଜୀବନରେ ସୁରକ୍ଷା, ମର୍ଯ୍ୟାଦା, ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା ଓ ନ୍ୟାୟର ସୁଯୋଗ ବଢ଼ିବା। ଏହି ଆଶାକୁ କେନ୍ଦ୍ରରେ ରଖି ହରି ବାବୁ କମ୍ଭମ୍ପାଟିଙ୍କ କାର୍ଯ୍ୟକାଳକୁ ଦେଖିଲେ ତାଙ୍କ ସରଳ ସାର୍ବଜନୀନ ଆଚରଣ ଓ ବିଭିନ୍ନ ସାମାଜିକ ପ୍ରସଙ୍ଗ ପ୍ରତି ତାଙ୍କ ଧ୍ୟାନ ଆଲୋଚନାରେ ରହିବ; ସେହି ସହିତ ତାଙ୍କ ଉଦ୍ୟମର ପ୍ରକୃତ ଫଳକୁ ତଥ୍ୟ ଆଧାରରେ ମାପିବା ଦାୟିତ୍ୱ ମଧ୍ୟ ରହିବ। ରାଜ୍ୟପାଳଙ୍କ ପଦର ଗରିମା ରହିଥାଏ ସମ୍ବିଧାନ ପ୍ରତି ନିଷ୍ଠାରେ, ଲୋକଙ୍କ ପ୍ରତି ସମ୍ମାନରେ ଓ ସାର୍ବଜନୀନ ଜୀବନରେ ମର୍ଯ୍ୟାଦାପୂର୍ଣ୍ଣ ସଂଳାପକୁ ଜୀବନ୍ତ ରଖିବାରେ। ହରି ବାବୁଙ୍କ କାର୍ଯ୍ୟକାଳର ଅବସାନ ଓ ନୂତନ ରାଜ୍ୟପାଳଙ୍କ ଆଗମନ ମଧ୍ୟରେ ଓଡ଼ିଶା ଏହି ମୌଳିକ ମୂଲ୍ୟଗୁଡ଼ିକୁ ଆହୁରି ମଜବୁତ କରିବାର ସୁଯୋଗ ପାଇଛି। ଏହି ସୁଯୋଗକୁ ସାର୍ଥକ କରିବାର ଦାୟିତ୍ୱ କେବଳ ଲୋକଭବନର ନୁହେଁ; ନିର୍ବାଚିତ ସରକାର, ଶିକ୍ଷାନୁଷ୍ଠାନ, ପ୍ରଶାସନ, ଗଣମାଧ୍ୟମ, ସାମାଜିକ ସଂଗଠନ ଓ ସଚେତନ ନାଗରିକ ସମାଜର ମଧ୍ୟ ଅଟେ। ବ୍ୟକ୍ତି ବଦଳିପାରନ୍ତି, କିନ୍ତୁ ସମ୍ବିଧାନର ମୂଲ୍ୟବୋଧ, ଜନସେବାର ଆବଶ୍ୟକତା ଓ ଲୋକଙ୍କ ଆଶା ଅବିଚଳ ରହେ।


ସୌଭାଗ୍ୟ ରଞ୍ଜନ ମହାନ୍ତି
ମୋବାଇଲ୍?: ୯୪୩୭୯୯୪୩୭୯


# ବିଶ୍ୱ ଖାଦ୍ୟ ଦିବସ

ଅମିୟ କୁମାର ପଟ୍ଟନାୟକ

ପ୍ରତି ବର୍ଷ ପରି ଚଳିତ ବର୍ଷ ଅକ୍ଟୋବର ୧୬ ରେ ସମଗ୍ର ବିଶ୍ୱରେ ବିଶ୍ୱ ଖାଦ୍ୟ ଦିବସ -୨୦୨୬ ପାଳନ କରାଯାଉଛି। ବିଶ୍ୱରେ କୌଣସି ଲୋକ ଭୋକିଲା ରହିବେ ନାହିଁ ଏହି ଲକ୍ଷ୍ୟ ନେଇ ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ ପକ୍ଷରୁ ବିଶ୍ୱ ଖାଦ୍ୟ ଦିବସ ୧୯୮୧ ମସିହା ଅକ୍ଟୋବର ୧୬ ତାରିଖକୁ ବିଶ୍ୱ ଖାଦ୍ୟ ଦିବସ ରୂପେ ପାଳନ କରିଆସୁଅଛି। ଦାରିଦ୍ର୍ୟ ଓ କ୍ଷୁଧା ବିରୋଧରେ ଜନ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟ ନେଇ ପ୍ରତିବର୍ଷ ଭିନ୍ନ ଭିନ୍ନ ବିଷୟ ବସ୍ତୁକୁ ଆଧାର କରି ଏହି ଦିବସ ପାଳନ କରାଯାଇଥାଏ। ଚଳିତ ବର୍ଷ ୨୦୨୬ ଅକ୍ଟୋବର ୧୬ ତାରିଖ ଦିନ ପାଳିତ ହେଉଥିବା ୪୬ ତମ ବିଶ୍ୱ ଖାଦ୍ୟ ଦିବସର ମୁଖ୍ୟ ବାର୍ତ୍ତା ହେଲା - "ଆଜିର ନବସୃଜନ ଆସନ୍ତା କାଲିର ପୋଷଣ" (ଓଭ-ଭକ୍ଟଙ୍ଗବଷ୍ପର ଷ୍ପକ୍ଟଯବଚ-ଘକ୍ଟଙ୍କକ୍ସସଷ୍ପଷ ଷ୍ପକ୍ଟଙ୍କକ୍ଟକ୍ସକ୍ସକ୍ଟଙ୍ଗ)। ବିଶ୍ୱର ୧୫୦ରୁ ଊର୍ଦ୍ଧ୍ୱ ଦେଶ ଏହି ଦିବସର ଗୁରୁତ୍ୱକୁ ଉପଲବ୍ଧି କରି କ୍ଷୁଧା ବିରୁଦ୍ଧରେ ପ୍ରତ୍ୟେକ ବ୍ୟକ୍ତି ସାମିଲ ହେବା ସହିତ ସକ୍ରିୟ ଜୀବନ ଧାରଣ, ସୁସ୍ଥ ଓ ଜୀବନଯାପନ ନିମନ୍ତେ ନିଶ୍ଚିତ ହେବାକୁ ପରାମର୍ଶ ଦେଇ ଥାଆନ୍ତି।




ଦାରିଦ୍ର୍ୟ ମୁକ୍ତ ଓ କ୍ଷୁଧାମୁକ୍ତ ବିଶ୍ୱ ଗଠନ କରିବା ହେଉଛି ବିଶ୍ୱ ଖାଦ୍ୟ ଦିବସ କାର୍ଯକ୍ରମର ମୁଖ୍ୟ କେନ୍ଦ୍ରବିନ୍ଦୁ। ବିଶ୍ୱକୁ କ୍ଷୁଧାଶୂନ୍ୟ କରିବା ପାଇଁ ବିଶ୍ୱ ଖାଦ୍ୟ ଓ କୃଷି ସଂଗଠନ ବିଭିନ୍ନ ସରକାରୀ, ବେସରକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, କୃଷକ, ଅନ୍ୟାନ୍ୟ ସଂସ୍ଥା ଏବଂ ବ୍ୟକ୍ତିବିଶେଷଙ୍କ ସହିତ ମିଶି କାର୍ଯ୍ୟ କରୁଛି। ଗ୍ରାମାଞ୍ଚଳ ବିଶେଷ କରି ଯେଉଁଠାରେ ବିଶ୍ୱର ଅଧିକାଂଶ ଗରିବ ଓ କ୍ଷୁଧାରେ ରହିଛନ୍ତି, ସେହିଠାରେ ଏହି ସଂଗଠନ ବିଶ୍ୱ ଖାଦ୍ୟ ଦିବସ ଉପରେ ଜନସଚେତନତା ସୃଷ୍ଟି କରିବା ନେଇ ପରାମର୍ଶ ଦେଇ ଆସୁଛନ୍ତି।

ବିଶ୍ୱରେ ପ୍ରାୟ ୮୦୦ ନିୟୁତ ଲୋକ ଅର୍ଥାତ୍ ୯ ଜଣଙ୍କ ମଧ୍ୟରୁ ଜଣେ ଲୋକ କ୍ଷୁଧାର୍ତ୍ତରେ ଥାଇ ରାତ୍ରରେ ବିଛଣାକୁ ଯାଇଥାଆନ୍ତି। ଆମେ ପ୍ରତ୍ୟେକ ବ୍ୟକ୍ତିବିଶେଷ ପାଇଁ ଯଥେଷ୍ଟ ଖାଦ୍ୟ ଉତ୍ପାଦନ କଲେ ମଧ୍ୟ ବିଭିନ୍ନ କାରଣରୁ ଲୋକମାନେ ଭୋକ-ଉପାସରେ କାଳାତିପାତ କରୁଛନ୍ତି। ଆମେ ସମସ୍ତେ ମିଳିମିଶି ଏପରି କାର୍ଯ୍ୟ କରିବା ଯେପରିକି ପ୍ରଥମ ପିଢ଼ିର ମାନବ ଭାବେ ବିଶ୍ୱକୁ କ୍ଷୁଧାମୁକ୍ତ ବା କ୍ଷୁଧା ଶୂନ୍ୟ କରିପାରିବା।

ସମଗ୍ର ବିଶ୍ୱ ଜନସଂଖ୍ୟାର ୨୧୦ କୋଟି ଲୋକ କେବଳ ଗରିବ ଶ୍ରେଣୀର ଏବଂ ବିଶ୍ୱର ୮୦୦ ନିୟୁତ କ୍ଷୁଧାର୍ତ୍ତ ଲୋକ ମଧ୍ୟରୁ ଅଧିକାଂଶ ସହରାଞ୍ଚଳରେ ନିଜର ଜୀବନ ଜୀବିକାରେ ଉନ୍ନତି ଆଣିବା ନିମନ୍ତେ ସ୍ଥାନ ପରିବର୍ତ୍ତନ କରିଥାନ୍ତି । ଯଦ୍ୱାରା ସେମାନେ ସହରାଞ୍ଚଳରେ କାମ କରି ନିଜ ପରିବାର ପାଇଁ ଟଙ୍କା ପଠାଇବାରେ ସକ୍ଷମ ହୁଅନ୍ତି। ଅଧିକାଂଶ ଚାଷୀ ପରିବାରର ଲୋକମାନେ ଗ୍ରାମାଞ୍ଚଳରେ ବସବାସ କରନ୍ତି କାରଣ ସେମାନେ କୃଷି ଉପରେ ନିର୍ଭର କରି ଚଳନ୍ତି । ସେମାନେ ଖାଦ୍ୟଶସ୍ୟ ଉତ୍ପାଦନ କରୁଛନ୍ତି ଏବଂ ଅଭାବ ବିକ୍ରି ବା ଅନ୍ୟାନ୍ୟ କାରଣରୁ ସେମାନେ ନିଜ ଜମିରୁ ଅଧିକ ଫସଲ ଉତ୍ପାଦନ କରି ବଜାରକୁ ବିକ୍ରି କରିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି । କେତେକ ସ୍ଥାନରେ ଅନେକ ଚାଷୀ ଯଥେଷ୍ଟ ଖାଦ୍ୟଶସ୍ୟ ଉତ୍ପାଦନ କରୁଛନ୍ତି, କିନ୍ତୁ ବିକ୍ରିବଟା ପାଇଁ ସୁବିଧା ନଥିବା ସହିତ ଉପଯୁକ୍ତ ସଂରକ୍ଷଣର ସୁବିଧା ନଥିବା ଯୋଗୁଁ ଖାଦ୍ୟଶସ୍ୟ, ପନିପରିବା ଇତ୍ୟାଦି ପଡ଼ି ପଡ଼ି ନଷ୍ଟ ହେଉଛି । ଅନେକ ଚାଷୀ ଭବିଷ୍ୟତରେ ନିଜର ଜରୁରୀକାଳୀନ ମୁକାବିଲା ପାଇଁ ଅର୍ଥ ସଞ୍ଚୟ କରିନଥାନ୍ତି। ଯେତେବେଳେ ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ମରୁଡ଼ି ପରିସ୍ଥିତି ଯୋଗୁ ଶସ୍ୟହାନିର ସମ୍ମୁଖୀନ ହୁଅନ୍ତି, ସେତେବେଳେ ସେମାନେ ବାଧ୍ୟ ହୋଇ ଭୋକ ଉପାସରେ ରହିଥାନ୍ତି। ସେମାନଙ୍କୁ ମଧ୍ୟରୁ କେତେକ ଲୋକ ଖାଦ୍ୟ ବା କାମ ପାଇଁ ନିଜର ଭେଟାମାଟିକୁ ମଧ୍ୟ ଛାଡ଼ିବାକୁ ବାଧ୍ୟ ହେଉଛନ୍ତି।

ଖାଦ୍ୟ ନିରାପତ୍ତାର ଅର୍ଥ ସୁଦୂର ପ୍ରସାରୀ। ଖାଦ୍ୟ ମିଳିବା ଠୁଁ ଆରମ୍ଭ କରି ନ ମିଳିବା ଓ ପୁଷ୍ଟିହୀନତା ଲକ୍ଷଣ ପ୍ରକାଶ ପାଇବା ପର୍ଯ୍ୟନ୍ତ ଖାଦ୍ୟ ନିରାପତ୍ତାର ଅର୍ଥ ହିଁ ବୁଝାଇଥାଏ। ଖାଦ୍ୟ ନିରାପତ୍ତା ମୁଖ୍ୟତଃ ତିନିଗୋଟି ବିଷୟକୁ ନେଇ ପର୍ଯ୍ୟବେଷ୍ଟିତ। ୧. ଖାଦ୍ୟ ଉତ୍ପାଦନ ଓ ତା'ର ସହଜ ଉପଲବ୍ଧତା ୨. ଖାଦ୍ୟ କ୍ରୟ କରିବାର କ୍ଷମତା ୩. ଶରୀରକୁ ଉପଯୁକ୍ତ ଶକ୍ତି ଯୋଗାଇବା ପାଇଁ ସ୍ୱାସ୍ଥ୍ୟକର ପରିବେଶରୁ ଖାଦ୍ୟ ଉପଲବ୍ଧ। ସଭ୍ୟତା ଓ ସଂସ୍କୃତିର ସର୍ବାଙ୍ଗୀନ ବିକାଶ ନିମନ୍ତେ ଖାଦ୍ୟ ନିରାପତ୍ତା ଏକାନ୍ତ ଜରୁରୀ। ବିଶ୍ୱ ଖାଦ୍ୟ ଓ କୃଷି ସଂଗଠନ ଅନୁସାରେ ଖାଦ୍ୟ ନିରାପତ୍ତାର ଅର୍ଥ ହେଉଛି - ଯେତେବେଳେ ସମସ୍ତ ଲୋକ ସବୁବେଳେ ସ୍ୱାସ୍ଥ୍ୟକର ଓ ସୁସ୍ଥ ଜୀବନଯାପନ ନିମନ୍ତେ ସମଗ୍ର ଖାଦ୍ୟର ଚାହିଦା ଓ ପସନ୍ଦ ମୁତାବକ ଯଥେଷ୍ଟ ନିରାପଦ ଓ ସୁସ୍ୱାଦୁ ଖାଦ୍ୟର ଆବଶ୍ୟକତାକୁ ମେଣ୍ଟାଇ ପାରିବେ। ସଂକ୍ଷେପରେ କହିବାକୁ ଗଲେ, ଖାଦ୍ୟ ନିରାପତ୍ତା ମୁଖ୍ୟତଃ ତିନିଗୋଟି ଅଂଶବିଶେଷକୁ ହିଁ ବୁଝାଇଥାଏ। ତାହା ହେଲା - ୧. ଖାଦ୍ୟର ସହଜ ଉପଲବ୍ଧତା ୨. ଖାଦ୍ୟ ବ୍ୟବହାର କରିବାର ସୁଯୋଗ (ଆକ୍ସେସ୍) ୩. ଅବଶୋଷଣ (ଆବ୍ଜର୍ପ୍ସନ୍)।

ବିଶେଷଜ୍ଞଙ୍କ ମତରେ ଜଣେ ପ୍ରାପ୍ତ ବୟସ୍କ ବ୍ୟକ୍ତିର ସୁଷମ ଖାଦ୍ୟର ଆବଶ୍ୟକତାକୁ ମେଣ୍ଟାଇବା ପାଇଁ ଦୈନିକ ୪୭୫ଗ୍ରାମ୍ ଖାଦ୍ୟଶସ୍ୟ (ଚାଉଳ, ଗହମ ଇତ୍ୟାଦି), ୫୦ ଗ୍ରାମ୍ ଡାଲି, ୨୫୦ ଗ୍ରାମ୍ ପନିପରିବା, ୨୦୦ ଗ୍ରାମ୍ ଫଳ, ୨୦୦ ଗ୍ରାମ କ୍ଷୀର, ୧୫୦ ଗ୍ରାମ୍ ମାଛ, ଫାଳେ ଅଣ୍ଡା ଓ ୩୦ ଗ୍ରାମ୍ ମାଂସ ଦରକାର। ବର୍ଦ୍ଧିଷ୍ଣୁ ଜନସଂଖ୍ୟା ସହିତ ଖାଦ୍ୟଶସ୍ୟ ଉତ୍ପାଦନ ଓ ଖାଦ୍ୟ ନିରାପତ୍ତାକୁ ଦୃଷ୍ଟିରେ ରଖି ଆମକୁ କୃଷି ଓ ଆନୁସାଙ୍ଗିକ କୃଷି ଯଥା - ଉଦ୍ୟାନ କୃଷି, ମତ୍ସ୍ୟଚାଷ ପ୍ରାଣୀ ପାଳନର ବିକାଶ ଉପରେ ଅଧିକ ଧ୍ୟାନ ଦେବାକୁ ପଡ଼ିବ। ଗ୍ରାମାଞ୍ଚଳରେ ଏସବୁ କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି ଅଧିକ ଅର୍ଥ ବିନିଯୋଗ କରିବାକୁ ହେବ । ଜଳବାୟୁ ପରିବର୍ତ୍ତନକୁ ଭିତ୍ତିକରି ଖାଦ୍ୟଶସ୍ୟ ଉତ୍ପାଦନ, ଉଦ୍ୟାନ କୃଷି, ମତ୍ସ୍ୟଚାଷ ଓ ପ୍ରାଣୀପାଳନ ଉପରେ ଆମକୁ ଯତ୍ନବାନ ହେବାକୁ ପଡ଼ିବ। ଅନୁ ପ୍ରବେଶକାରୀଙ୍କ କଟକଣା ଓ ଥଇଥାନ ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାକୁ ହେବ । ତେଣୁ ଉପରୋକ୍ତ ବିଷୟ ପ୍ରତି ସବୁ ସ୍ତରରେ ଅଧିକ ଧ୍ୟାନ ଦିଆଗଲେ, ଚଳିତ ବିଶ୍ୱ ଖାଦ୍ୟ ଦିବସ - ୨୦୨୬ର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୋଇପାରିବ।

ବିଶେଷ କରି ଚଳିତବର୍ଷର ବିଶ୍ୱ ଖାଦ୍ୟ ଦିବସର ବିଶେଷତ୍ୱ ଉପରେ ଅଧିକ ଧ୍ୟାନ ଦେବାକୁ ହେବ। କାରଣ କ୍ରମ ବର୍ଦ୍ଧିଷ୍ଣୁ ଜନସଂଖ୍ୟା ଅନୁଯାୟୀ ଖାଦ୍ୟ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ଏକାନ୍ତ ଆବଶ୍ୟକ। ତଦନୁଯାୟୀ ଖାଦ୍ୟ ଉତ୍ପାଦନ କ୍ଷେତ୍ରରେ ନୂତନତ୍ୱ ସୃଷ୍ଟି କରି ଆଗାମୀ ଦିନ ପାଇଁ ପରିପୁଷ୍ଟ ହେବାକୁ ପଡ଼ିବ। ବେଳ ଥାଉଁ ଥାଉଁ ଆସୁଥିବା ସମସ୍ୟାର ସମାଧାନ ନିମନ୍ତେ ନୂତନ ପନ୍ଥା ଆବିଷ୍କାର କରିବା ଏକାନ୍ତ ଜରୁରୀ। ତାହା ହେଲେ ଆଗାମୀ କାଲି ପାଇଁ ସବୁ କ୍ଷେତ୍ରରେ ପ୍ରସ୍ତୁତ ହୋଇ ପାରିବା। ଯାହା ବିଶ୍ୱ ଖାଦ୍ୟ ଦିବସର ଚଳିତ ବର୍ଷର ଆହ୍ୱାନ।


ଅଧକ୍ଷ,ଓଡ଼ିଶା ରାଜ୍ୟ କୃଷକ ବିକାଶ ସମବାୟ ସମିତି ଲିଃ
ଭୁବନେଶ୍ୱର-.ଫୋନ୍- ୯୩୩୮୨୦୯୧୪୫



# ଧ୍ରୁବ ରାଠୀଙ୍କ ମନ୍ତବ୍ୟକୁ ନେଇ କ୍ଷୁବ୍ଧ ପୂର୍ବତନ ବିଦେଶ ସଚିବ

**ନୂଆଦିଲ୍ଲୀ,୧୫।୧୦(ଏଜେନ୍ସି):** ୟୁଟ୍ୟୁବର ଧ୍ରୁବ ରାଠୀଙ୍କ ଏକ ସାକ୍ଷାତକାରକୁ ନେଇ ରାଜନୈତିକ ମହଲରେ ବିବାଦ ଦେଖାଦେଇଛି । ଭାରତୀୟ ସେନା ଏବଂ ପୁଲିସକୁ ନେଇ ତାଙ୍କ ମନ୍ତବ୍ୟ ଉପରେ ପୂର୍ବତନ ବିଦେଶ ସଚିବ କଂୱଲ ସିବଲ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ଧ୍ରୁବ ରାଠୀଙ୍କ ମନ୍ତବ୍ୟକୁ ସେନା ମଧ୍ୟରେ ବିଦ୍ରୋହ ପାଇଁ ଉସକାଇବାର ପ୍ରୟାସ ବୋଲି ଅଭିଯୋଗ କରାଯାଉଛି । ତେବେ ଏହି ଅଭିଯୋଗର ସତ୍ୟତା ଏବଂ ମନ୍ତବ୍ୟର ସମ୍ପୂର୍ଣ୍ଣ ପ୍ରସଙ୍ଗକୁ ନେଇ ସ୍ୱତନ୍ତ୍ର ଯାଞ୍ଚ ଆବଶ୍ୟକ ।ରିପୋର୍ଟ ଅନୁଯାୟୀ, ଏକ ୟୁଟ୍ୟୁବ୍ ଚ୍ୟାନେଲକୁ ସାକ୍ଷାତକାର ଦେବା ସମୟରେ ଧ୍ରୁବ ରାଠୀ ଫିଲ୍ମ ଇଣ୍ଡଷ୍ଟ୍ରିର କଳାକାରମାନଙ୍କୁ ଏକାଠି ହୋଇ ସରକାରଙ୍କ ବିରୋଧରେ ସ୍ୱର ଉଠାଇବାକୁ ଆହ୍ୱାନ ଦେଇଥିବା କୁହାଯାଉଛି । ସେ କହିଥିବା ଉଦ୍ଧୃତି ଅନୁଯାୟୀ, ଯଦି ବଲିଉଡ୍‌ର କଳାକାରମାନେ ଏକାଠି ହୋଇ ଟ୍ୱିଟ୍ କରିବେ ଏବଂ ନିଜର ମତ ରଖିବେ, ତେବେ ସରକାର ସମସ୍ତଙ୍କୁ ଜେଲ୍‌ରେ ପୂରାଇବେ କି ବୋଲି ସେ ପ୍ରଶ୍ନ କରିଥିଲେ ।ଏହାପରେ ପୁଲିସ ଏବଂ ଭାରତୀୟ ସେନାକୁ ନେଇ ତାଙ୍କର ମନ୍ତବ୍ୟକୁ ନେଇ ଅଧିକ ବିବାଦ ସୃଷ୍ଟି ହୋଇଛି । ତେବେ



ସେନାକୁ ବିଦ୍ରୋହ ପାଇଁ ଉସକାଇବା ଭଳି ଅଭିଯୋଗକୁ ବିଚାର କରିବା ପାଇଁ ମନ୍ତବ୍ୟର ସମ୍ପୂର୍ଣ୍ଣ ଭିଡିଓ ଏବଂ ପ୍ରସଙ୍ଗ ଜାଣିବା ଜରୁରୀ ଭାରତର ପୂର୍ବତନ ବିଦେଶ ସଚିବ କଂୱଲ ସିବଲ ଏହି ମନ୍ତବ୍ୟକୁ ନେଇ ଅସନ୍ତୋଷ ପ୍ରକାଶ କରିଥିବା ରିପୋର୍ଟରେ କୁହାଯାଇଛି । ସେ ଆମେରିକା, ରୁଷିଆ ଏବଂ ତୁର୍କୀ ଭଳି ଦେଶରେ ଭାରତୀୟ ମିଶନର ନେତୃତ୍ୱ ନେଇଥିଲେ । ସେନାକୁ ନେଇ ଏପରି ମନ୍ତବ୍ୟ ଦେବା ଗମ୍ଭୀର ବିଷୟ ବୋଲି ତାଙ୍କ ପ୍ରତିକ୍ରିୟାରୁ ସ୍ପଷ୍ଟ ହୋଇଛି । ତେବେ କୌଣସି ବୟାନକୁ ନେଇ ଆଇନଗତ ପଦକ୍ଷେପ ନିଆଯିବ କି ନାହିଁ, ତାହା ତଦନ୍ତ, ପ୍ରମାଣ ଏବଂ ପ୍ରଯୁଜ୍ୟ ଆଇନ ଉପରେ ନିର୍ଭର କରିବ । ଧ୍ରୁବ ରାଠୀ ସୋସିଆଲ୍ ମିଡିଆରେ ଜଣେ ଲୋକପ୍ରିୟ ୟୁଟ୍ୟୁବର । ସେ ଜର୍ମାନୀରେ ରହି ବିଭିନ୍ନ ରାଜନୈତିକ, ସାମାଜିକ ଏବଂ ସମସାମୟିକ ପ୍ରସଙ୍ଗରେ ଭିଡିଓ ପ୍ରସ୍ତୁତ କରନ୍ତି । ତାଙ୍କ ଭିଡିଓରେ କେନ୍ଦ୍ର ସରକାର ଏବଂ ବିଜେପିର ନୀତିକୁ ସମାଲୋଚନା କରାଯାଉଥିବାରୁ ସେ ରାଜନୈତିକ ବିତର୍କର କେନ୍ଦ୍ରରେ ରହିଆସିଛନ୍ତି । ତାଙ୍କ ବିରୋଧରେ କିଛି ଆଇନଗତ ମାମଲା ଥିବା ନେଇ ମଧ୍ୟ ରିପୋର୍ଟ ପ୍ରକାଶ ପାଇଛି । ତେବେ ମାମଲା ଦାଖଲ ହେବା ଏବଂ ଅପରାଧ ପ୍ରମାଣିତ ହେବା ଦୁଇଟି ଭିନ୍ନ ବିଷୟ । ଏବେ ଭାରତୀୟ ସେନା ଓ ପୁଲିସକୁ ନେଇ ତାଙ୍କ କଥିତ ମନ୍ତବ୍ୟକୁ କେନ୍ଦ୍ର କରି ନୂଆ ବିବାଦ ସୃଷ୍ଟି ହୋଇଛି । ଏହି ମାମଲାରେ ଆଗକୁ କୌଣସି ଅଧିକୃତ ଅଭିଯୋଗ କିମ୍ବା ଆଇନଗତ ପଦକ୍ଷେପ ସାମ୍ନାକୁ ଆସୁଛି କି ନାହିଁ, ତାହା ଉପରେ ନଜର ରହିଛି ।

# ରାଜପାଲଙ୍କୁ ବଡ଼ ଆଶ୍ୱସ୍ତି

**ନୂଆଦିଲ୍ଲୀ,୧୫।୧୦(ଏଜେନ୍ସି):** ଚେକ୍ ବାଉନ୍ସ ମାମଲାରେ ବଲିଉଡ୍ ଅଭିନେତା ରାଜପାଲ ଯାଦବଙ୍କୁ ସୁପ୍ରିମକୋର୍ଟରୁ ଆଶ୍ୱସ୍ତି ମିଳିଛି । ତାଙ୍କ ପାସପୋର୍ଟ ଜାରି କରିବାକୁ ସୁପ୍ରିମକୋର୍ଟ ତଳ କୋର୍ଟକୁ ନିର୍ଦ୍ଦେଶ ଦେଇଛନ୍ତି । ଫଳରେ କାନାଡାରେ ହେବାକୁ ଥିବା ଏକ କନସର୍ଟରେ ଯୋଗଦେବା ପାଇଁ ତାଙ୍କ ବିଦେଶ ଯାତ୍ରାର ରାସ୍ତା ସହଜ ହୋଇଛି ।ଶୁଣାଣି ସମୟରେ ରାଜପାଲ ଯାଦବଙ୍କ ଓକିଲ କୋର୍ଟଙ୍କୁ ଜଣାଇଥିଲେ ଯେ, ପୂର୍ବ ନିର୍ଦ୍ଦେଶ ଅନୁଯାୟୀ ଅକ୍ଟୋବର ୧୩ ତାରିଖରେ ଅବଶିଷ୍ଟ ୮୫ ଲକ୍ଷ ଟଙ୍କା କୋର୍ଟ ରେଜିଷ୍ଟ୍ରିରେ ଜମା କରାଯାଇଛି । ଏହା ପୂର୍ବରୁ ସୁପ୍ରିମକୋର୍ଟ ତାଙ୍କୁ ୧ କୋଟି ୧୫ ଲକ୍ଷ ଟଙ୍କା ତୁରନ୍ତ ଏବଂ ଅବଶିଷ୍ଟ ୮୫ ଲକ୍ଷ ଟଙ୍କା ଅକ୍ଟୋବର ୧୩ ସୁଦ୍ଧା ଜମା କରିବାକୁ କହିଥିଲେ ରାଜପାଲ ଯାଦବ କାନାଡା ଯାଇ କନସର୍ଟରେ ଯୋଗଦେବେ । ସେଠାରୁ ମିଳିବାକୁ ଥିବା ଆୟ ଦେୟ ପ୍ରକ୍ରିୟାରେ ସହାୟକ ହୋଇପାରିବ ବୋଲି ତାଙ୍କ ଓକିଲ ଯୁକ୍ତି ରଖିଥିଲେ । ଏହାପରେ ସୁପ୍ରିମକୋର୍ଟ ତାଙ୍କ ପାସପୋର୍ଟ ଜାରି କରିବା ପାଇଁ ତଳ କୋର୍ଟକୁ ନିର୍ଦ୍ଦେଶ ଦେଇଛନ୍ତି । ଏହାସହ ମାମଲାର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଧାନ ତଥା



ଆପୋଷ ବୁଝାମଣା ପାଇଁ ମଧ୍ୟ ପ୍ରକ୍ରିୟା ଆଗକୁ ବଢ଼ିଛି ।ଏହି ମାମଲା ମୁରଲୀ ପ୍ରୋଜେକ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍ ସହ ଜଡ଼ିତ । ଅଭିଯୋଗ ଅନୁଯାୟୀ, ୨୦୧୦ ମସିହାରେ ରାଜପାଲ ଯାଦବ ନିଜ ଫିଲ୍ମ 'ଆତା ପତା ଲାପତା' ନିର୍ମାଣ ପାଇଁ ଉକ୍ତ କମ୍ପାନିଠାରୁ ପ୍ରାୟ ୫ କୋଟି ଟଙ୍କା ଆର୍ଥିକ ସହାୟତା ନେଇଥିଲେ । ଫିଲ୍ମଟି ବକ୍ସ ଅଫିସରେ ଭଲ ପ୍ରଦର୍ଶନ କରିନଥିବାରୁ ଟଙ୍କା ଫେରସ୍ତକୁ ନେଇ ବିବାଦ ଦେଖାଦେଇଥିଲା । ଅଭିଯୋଗକାରୀଙ୍କ କହିବା ଅନୁସାରେ, ୨୦୧୨ ମସିହାରେ ହୋଇଥିବା ଏକ ଚୁକ୍ତି ଅନୁଯାୟୀ ରାଜପାଲ ଯାଦବ, ତାଙ୍କ ପତ୍ନୀ ରାଧା ଯାଦବ ଏବଂ ସେମାନଙ୍କ କମ୍ପାନି ସୁଧ ସହିତ ପ୍ରାୟ ୧୧ କୋଟି ଟଙ୍କା ଫେରସ୍ତ କରିବାକୁ ରାଜି ହୋଇଥିଲେ ।ରିପୋର୍ଟ ଅନୁଯାୟୀ, ୨୦୧୩ ମସିହାରେ ରାଜପାଲ ଯାଦବ ମୋଟ ୧ କୋଟି ୫ ଲକ୍ଷ ଟଙ୍କାର ସାତଟି ଚେକ୍ ଜାରି କରିଥିଲେ । କିନ୍ତୁ ସମସ୍ତ ଚେକ୍ ବାଉନ୍ସ ହେବା ପରେ ମୁରଲୀ ପ୍ରୋଜେକ୍ଟସ୍ ପକ୍ଷରୁ ସାତଟି ପୃଥକ ମାମଲା ଦାୟର କରାଯାଇଥିଲା । ୨୦୧୮ ଏପ୍ରିଲରେ ମାଜିଷ୍ଟ୍ରେଟ୍ କୋର୍ଟ ରାଜପାଲ ଯାଦବଙ୍କୁ ଦୋଷୀ ସାବ୍ୟସ୍ତ କରି ଛଅ ମାସର ଜେଲଦଣ୍ଡ ଶୁଣାଇଥିଲେ । ପରେ ମାମଲା ସେସନ୍ସ କୋର୍ଟ ଏବଂ ଦିଲ୍ଲୀ ହାଇକୋର୍ଟରେ ପହଞ୍ଚିଥିଲା ।

# ଧ୍ରୁବ ରାଠୀଙ୍କୁ ଦିଲ୍ଲୀ ପୁଲିସର ନୋଟିସ

**ନୂଆଦିଲ୍ଲୀ,୧୫।୧୦(ଏଜେନ୍ସି):**ଗୁରୁଗ୍ରାମ୍ ସ୍ଥିତ ଠିକଣାରେ ୟୁଟ୍ୟୁବର୍ ଧ୍ରୁବ ରାଠୀଙ୍କୁ ୨୦୧୮ ମସିହାର ଏକ ମାନହାନି ମାମଲାରେ ଦିଲ୍ଲୀର ଏକ ଆଦାଲତ ଗୁରୁବାର ସମନ୍ ଜାରି କରିଛନ୍ତି । ଗତ କିଛି ବର୍ଷ ଧରି ତାଙ୍କ ପାଖରେ ସମନ୍ ପହଞ୍ଚାଇବା ପାଇଁ ହୋଇଥିବା ପ୍ରଚେଷ୍ଟା ବିଫଳ ହୋଇଥିବା ଲକ୍ଷ୍ୟ କରି ସାକେତ୍ କୋର୍ଟର ବିଚାରପତି ରାହୁଲ ଜୈନ୍ ଅକ୍ଟୋବର ୧୨ ତାରିଖରେ ଏହି ନିର୍ଦ୍ଦେଶ ଦେଇଛନ୍ତି । ଅଭିଯୋଗକାରୀ ବିକାଶ ସଂକୃତ୍ୟାୟନ (ଯିଏ ବିକାଶ ପାଣ୍ଡେ ନାମରେ ଜଣାଶୁଣା)ଙ୍କ ନିବେଦନ ଏବଂ ବ୍ୟକ୍ତିଗତ ଭାବେ ନୋଟିସ୍ ପହଞ୍ଚାଇବା ପାଇଁ କରିଥିବା ଆବେଦନକୁ କୋର୍ଟ ସ୍ୱୀକାର କରିଛନ୍ତି ।କୋର୍ଟଙ୍କ ସୂଚନା ଅନୁଯାୟୀ, ରାଠୀଙ୍କୁ ପ୍ରଥମେ ଜୁଲାଇ ୨୦୧୯ରେ ସମନ୍ କରାଯାଇଥିଲା । ଗତ କେତେକ ବର୍ଷ ଧରି ଅଭିଯୋଗକାରୀ ତାଙ୍କ ପାଖରେ ନୋଟିସ୍ ପହଞ୍ଚାଇବାକୁ ଚେଷ୍ଟା କରିଆସୁଥିଲେ । ଏବେ ଗୁରୁଗ୍ରାମସ୍ଥିତ ନୂତନ ଠିକଣାରେ ସମନ୍ ପଠାଇବା ପାଇଁ କୋର୍ଟ ନିର୍ଦ୍ଦେଶ ଦେବା ସହ ଅଭିଯୋଗକାରୀଙ୍କୁ ପୁଲିସ କିମ୍ବା ନୋଟିସ୍ ସର୍ଭରଙ୍କ ସହ ଯିବାକୁ ଅନୁମତି ଦେଇଛନ୍ତି । ଆସନ୍ତା ଅକ୍ଟୋବର ୧୭ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ସମୟ ଧାର୍ଯ୍ୟ କରାଯାଇଛି । ଏହି ମାମଲାଟି ମେ ୨୦୧୮ରେ ରାଠୀ ନିଜ ୟୁଟ୍ୟୁବ୍ ଚ୍ୟାନେଲରେ ପୋଷ୍ଟ କରିଥିବା ଏକ ଭିଡିଓ ସହ ଜଡ଼ିତ । ସେହି ଭିଡିଓରେ ବିଜେପି ଆଇଟି ସେଲର ସଦସ୍ୟମାନେ ବିକାଶ ପାଣ୍ଡେଙ୍କୁ ତାଙ୍କ ବିରୋଧରେ କହିବା ପାଇଁ ଲାଞ୍ଚ ଦେବାକୁ ଚେଷ୍ଟା କରିଥିଲେ ବୋଲି ରାଠୀ ଅଭିଯୋଗ ଆଣିଥିଲେ । ପରବର୍ତ୍ତୀ ସମୟରେ ଏହି ଭିଡିଓକୁ ତତ୍କାଳୀନ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ୍ ସୋସିଆଲ ମିଡିଆରେ ରିଟ୍ୱିଟ୍ କରିଥିଲେ । ଏହାଦ୍ୱାରା ନିଜର ସମ୍ମାନ ହାନି ହୋଇଥିବା ଦର୍ଶାଇ ପାଣ୍ଡେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଅଭିଯୋଗକାରୀଙ୍କ ଓକିଲ ସମକ୍ଷ ଶର୍ମା କୋର୍ଟଙ୍କୁ ଜଣାଇଥିଲେ ଯେ, ରାଠୀ ସାଧାରଣତଃ ବିଦେଶରେ ରହୁଥିବାରୁ ଗତ କିଛି ବର୍ଷ ଧରି ସମନ୍ ପହଞ୍ଚିପାରି ନଥିଲା । ତେବେ ବର୍ତ୍ତମାନ ସେ ଭାରତରେ ଅଛନ୍ତି ଏବଂ ଗୁରୁଗ୍ରାମରେ ରହୁଛନ୍ତି । ନିକଟରେ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ବିରୋଧରେ ଆୟୋଜିତ ବିକ୍ଷୋଭରେ ଯୋଗଦେବାକୁ ରାଠୀ ଦିଲ୍ଲୀ ଆସିଥିଲେ । ଅକ୍ଟୋବର ୧୦ରେ ତାଙ୍କୁ ଗୁରୁଗ୍ରାମରୁ ଅଟକ ରଖାଯିବା ପରେ ଅକ୍ଟୋବର ୧୧ ଭୋର ୩ଟାରେ ଛାଡ଼ି ଦିଆଯାଇଥିଲା, ଯାହାର କିଛି ଦିନ ପରେ କୋର୍ଟ ଏହି ସମନ୍ ଜାରି କରିଛନ୍ତି ।

# ଧର୍ମ ପରିବର୍ତ୍ତନ କଲେ ସଂରକ୍ଷଣର ଲାଭ ମିଳିବ ନାହିଁ

**ନୂଆଦିଲ୍ଲୀ,୧୫।୧୦(ଏଜେନ୍ସି):** ହିନ୍ଦୁ ଧର୍ମରୁ ଇସଲାମ ଧର୍ମ ଗ୍ରହଣ କରିଥିବା ବ୍ୟକ୍ତିମାନେ ଓବିସି ସଂରକ୍ଷଣ ପାଇଁ ଯୋଗ୍ୟ କି ନାହିଁ ସେ ସମ୍ପର୍କରେ ତାମିଲନାଡୁ ସରକାରଙ୍କ ଦ୍ୱାରା ଦାୟର ଏକ ଆବେଦନ ଉପରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । କୋର୍ଟ କହିଛନ୍ତି ଯେ, ହିନ୍ଦୁ ସାମାଜିକ ବ୍ୟବସ୍ଥା ମଧ୍ୟରେ ପଛୁଆ ବର୍ଗ କିମ୍ବା ଅନୁସୂଚିତ ଜାତିର ବ୍ୟକ୍ତି ଅନ୍ୟ ଧର୍ମ ଗ୍ରହଣ କରିବା ପରେ ସଂରକ୍ଷଣ ସୁବିଧା ପାଇପାରିବେ ନାହିଁ । ହିନ୍ଦୁ ସାମାଜିକ ବ୍ୟବସ୍ଥା ମଧ୍ୟରେ ପଛୁଆ ବର୍ଗ କିମ୍ବା ଅନୁସୂଚିତ ଜାତିର ବ୍ୟକ୍ତି ଅନ୍ୟ ଧର୍ମ ଗ୍ରହଣ କରିବା ପରେ ସଂରକ୍ଷଣ ସୁବିଧା ପାଇଁ ଦାବି କରିପାରିବେ ନାହିଁ ।କୋର୍ଟ କହିଛନ୍ତି, ଧର୍ମ ପରିବର୍ତ୍ତନ ପରେ ଜଣେ ବ୍ୟକ୍ତିଙ୍କ ସାମାଜିକ ପଛୁଆ ସ୍ଥିତି ହିନ୍ଦୁ ସାମାଜିକ ବ୍ୟବସ୍ଥାରୁ ଅଣ-ହିନ୍ଦୁ ସାମାଜିକ ବ୍ୟବସ୍ଥାରେ ସ୍ଥାନାନ୍ତର କରାଯାଇପାରିବ ନାହିଁ । ବିଚାରପତି ପି.କେ. ମିଶ୍ର ଏବଂ ଶ୍ରୀ ଚନ୍ଦ୍ରଶେଖରଙ୍କ ଖଣ୍ଡପୀଠ ମାଡ୍ରାସ ହାଇକୋର୍ଟଙ୍କର ରାୟକୁ କାଏମ୍ ରଖିଛନ୍ତି । ହାଇକୋର୍ଟଙ୍କ ରାୟ ତାମିଲନାଡୁ ସରକାରଙ୍କ ନିଷ୍ପତ୍ତିକୁ ରଦ୍ଦ କରିଥିଲା ଯାହା ଇସଲାମ ଧର୍ମ ଗ୍ରହଣ କରିଥିବା ବ୍ୟକ୍ତିମାନଙ୍କୁ ଓବିସି ବର୍ଗ ମଧ୍ୟରେ ସଂରକ୍ଷଣ ସୁବିଧା ପାଇବାକୁ ଅନୁମତି ଦେଇଥିଲା । ତାମିଲନାଡୁରେ ଧର୍ମ ପରିବର୍ତ୍ତନ ପରେ ପଛୁଆ ବର୍ଗର ମାନ୍ୟତା ପ୍ରଦାନ କରିବା ସହ ଜଡିତ ମାମଲାରେ ସୁପ୍ରିମକୋର୍ଟ ଏଭଳି ରାୟ ଦେଇଛନ୍ତି ।ତାମିଲନାଡୁର ସାତଟି ମୁସଲିମ



ସମ୍ପ୍ରଦାୟକୁ ପଛୁଆ ବର୍ଗ(ବିସି) ଭାବରେ ମାନ୍ୟତା ଦେଉଥିବା ସରକାରୀ ଆଦେଶ(ଜିଓ)କୁ ଚ୍ୟାଲେଞ୍ଜ କରୁଥିବା ଆବେଦନ ଉପରେ ଜଷ୍ଟିସ୍ ପି.କେ. ମିଶ୍ର ଏବଂ ଶ୍ରୀ ଚନ୍ଦ୍ରଶେଖରଙ୍କୁ ନେଇ ଗଠିତ ସୁପ୍ରିମକୋର୍ଟର ଏକ ଖଣ୍ଡପୀଠ ତାଙ୍କ ରାୟ ଶୁଣାଇଛନ୍ତି । ମାଡ୍ରାସ ହାଇକୋର୍ଟ ଜିଓକୁ ଖାରଜ କରିଦେଇଥିଲେ । ଏହି ଆଦେଶ ଇସଲାମ ଧର୍ମ ଗ୍ରହଣ କରିଥିବା ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ବ୍ୟକ୍ତିମାନଙ୍କୁ ଓବିସି ବର୍ଗରେ ଅନ୍ତର୍ଭୁକ୍ତ କରିବାର ଅନୁମତି ଦେଇଥିଲା । ତାମିଲନାଡୁ ସରକାର ମାଡ୍ରାସ ହାଇକୋର୍ଟର ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ । ରାଜ୍ୟ ସରକାରଙ୍କ ଯୁକ୍ତି ଥିଲା ଯେ, ଧର୍ମାନ୍ତରୀକରଣ ଯୋଗୁଁ ସାମାଜିକ ଏବଂ ଶିକ୍ଷାଗତ ଭାବରେ ପଛୁଆ ଥିବା ଲୋକମାନେ ସଂରକ୍ଷଣ ସୁବିଧା ପାଇବା ଉଚିତ୍ ।ମାଡ୍ରାସ ହାଇକୋର୍ଟ ଏହି ଆଦେଶକୁ ଅସାମ୍ବିଧାନିକ ଘୋଷଣା କରି ଏହାକୁ ଖାରଜ କରିଦେଇଥିଲେ । କୋର୍ଟ କହିଥିଲେ ଯେ, ଜାତି ଜନ୍ମ ଦ୍ୱାରା ନିର୍ଣ୍ଣୟ କରାଯାଏ, କିନ୍ତୁ ଧର୍ମ ପରିବର୍ତ୍ତନ ଦ୍ୱାରା ନୁହେଁ । ଯେହେତୁ ଇସଲାମରେ କୌଣସି ଜାତି ପଦାନୁକ୍ରମ ନାହିଁ ତେଣୁ ଧର୍ମ ପରିବର୍ତ୍ତନ ପରେ ସଂରକ୍ଷଣ ଦାବି କରାଯାଇପାରିବ ନାହିଁ । ଲବ୍ବାଇ, ମାରକର, ରାଉତର ଏବଂ ଡେକାନି ମୁସଲମାନ ଭଳି ଅଧିସୂଚିତ ସମ୍ପ୍ରଦାୟର ସଦସ୍ୟତା ଧର୍ମ ପରିବର୍ତ୍ତନ ଦ୍ୱାରା ନୁହେଁ, ଜନ୍ମ ଦ୍ୱାରା ନିର୍ଣ୍ଣୟ କରାଯାଇଥାଏ । ତାମିଲନାଡୁ ସରକାର କହିଥିଲେ ଯେ, ସରକାରୀ ଆଦେଶ ଏକ ନୂତନ ପଛୁଆ ବର୍ଗ ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ ନୁହେଁ ।

## ପାକିସ୍ତାନର ପେଶାୱାରରେ ଭୟଙ୍କର ଅଘଟଣ

# ସ୍କୁଲ ଛାତ ଭୁଶୁଡ଼ି ୨୯ ମୃତ

**ନୂଆଦିଲ୍ଲୀ,୧୫।୧୦(ଏଜେନ୍ସି):** ପାକିସ୍ତାନର ପେଶାୱାରରେ ଗୁରୁବାର ଏକ ହୃଦୟବିଦାରକ ଅଘଟଣ ସାମ୍ନାକୁ ଆସିଛି । ଏକ ଘରୋଇ ସ୍କୁଲର ଛାତ ହଠାତ୍ ଭୁଶୁଡ଼ି ପଡ଼ିବାରୁ ୨୮ ଜଣ ଛାତ୍ରଛାତ୍ରୀ ଏବଂ ଜଣେ ଶିକ୍ଷୟିତ୍ରୀଙ୍କ ସମେତ ମୋଟ ୨୯ ଜଣଙ୍କର ପ୍ରାଣହାନି ଘଟିଛି । ଏହି ଦୁର୍ଘଟଣାରେ ୪୦ରୁ ଅଧିକ ଲୋକ ଗୁରୁତର ଭାବେ ଆହତ ହୋଇଛନ୍ତି । ଘଟଣାଟି ପେଶାୱାରର ଅନ୍ତର୍ଭୁକ୍ତ ଦୀର କଲୋନୀ ଅଞ୍ଚଳରେ ଥିବା ଏକ ପ୍ରାଇଭେଟ୍ ସ୍କୁଲରେ ଘଟିଛି ।ପୋଲିସ ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସମ୍ପୃକ୍ତ ସ୍କୁଲ ମାଲିକଙ୍କୁ ଗିରଫ କରିଛି । ସ୍ଥାନୀୟ ଲେଡି ରିଡିଙ୍ଗ୍ ହସ୍ପିଟାଲ୍ ପକ୍ଷରୁ ସୂଚନା ଦିଆଯାଇଛି ଯେ ମୃତ୍ୟୁବରଣ କରିଥିବା ସମସ୍ତ ପିଲାଙ୍କ ବୟସ ୧୩ ବର୍ଷ କିମ୍ବା ତା'ଠାରୁ କମ୍ । ଆହତମାନଙ୍କ ଚିକିତ୍ସା ପାଇଁ ଡାକ୍ତରଖାନାରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଛି । ଦୁର୍ଘଟଣା ପରେ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଧ୍ୱଂସାବଶେଷ ହଟାଇବା ସହ ଚାପି ହୋଇ ରହିଥିବା ଅନ୍ୟମାନଙ୍କୁ ଉଦ୍ଧାର କରିବା ପାଇଁ ଅପରେସନ୍ ଜାରି ରଖିଥିଲେ ।ପେଶାୱାର ଡେପୁଟି କମିଶନର ଆଫାକ୍ ୱାଜିର ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟପଟେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ଏବଂ ଖାଇବର ପଖତୁନଖ୍ୱା ରାଜ୍ୟପାଳ ଫୈସଲ କରିମ କୁଣ୍ଡି ଏହି ଅଭାବନୀୟ ଘଟଣାରେ ଗଭୀର ଶୋକ ପ୍ରକାଶ କରିବା ସହ ଆହତମାନଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

# ଖରାପ ପାଗ ଯୋଗୁଁ ଦିଲ୍ଲୀ ଆସୁଥିବା ୫ ବିମାନର ମାର୍ଗ ପରିବର୍ତ୍ତନ

**ନୂଆଦିଲ୍ଲୀ,୧୫।୧୦(ଏଜେନ୍ସି):**ଜାତୀୟ ରାଜଧାନୀ ଦିଲ୍ଲୀରେ ଗୁରୁବାର ଅପରାହ୍ନରେ ଭୀଷଣ ବର୍ଷା ହୋଇଛି । ବର୍ଷା ଓ ଆକାଶ ମେଘାଚ୍ଛନ୍ନ ଥିବା ଯୋଗୁ ଦିଲ୍ଲୀ ଆସୁଥିବା ଅତିକମ୍‌ରେ ୫ ବିମାନର ମାର୍ଗ ପରିବର୍ତ୍ତନ କରାଯାଇଛି । ନୋଏଡା ଓ ଜୟପୁର ବିମାନବନ୍ଦର ଅଭିମୁଖେ ମାର୍ଗ ପରବିର୍ତ୍ତନ କରାଯାଇଥିବାବେଳେ ଏଥିରେ ୩ ଟି ଏୟାର ଇଣ୍ଡିଆ ବିମାନ, ଗୋଟିଏ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ଓ ମାକାଉରୁ ଗୋଟିଏ ମାଲବାହୀ ବିମାନ ରହିଛି । ଅଧିକାରୀଙ୍କ ଅନୁଯାୟୀ, ଏୟାର ଇଣ୍ଡିଆର ବିମାନଗୁଡ଼ିକ ଅହମ୍ମଦାବାଦ, ଭୋପାଳ ଓ ବେଙ୍ଗାଲୁରୁ ଆସୁଥିଲା, ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ବିମାନଟି ଭୁବନେଶ୍ୱରରୁ ଆସୁଥିଲା । ଚାରିଟି ବିମାନକୁ ଜୟପୁର ଅନ୍ତର୍ଜାତୀୟ ବିମାନବନ୍ଦର ଅଭିମୁଖେ ମାର୍ଗ ପରିବର୍ତ୍ତନ କରାଯାଇଥିଲା, ଗୋଟିଏ ବିମାନକୁ ନୋଏଡା ଅନ୍ତର୍ଜାତୀୟ ବିମାନବନ୍ଦରକୁ ମାର୍ଗ ପରିବର୍ତ୍ତନ କରାଯାଇଥିଲା ।

# ବାଂଲାଦେଶଠାରୁ ବି ଖରାପ ଭାରତର ଆର୍ଥିକ ସ୍ଥିତି

**ନୂଆଦିଲ୍ଲୀ,୧୫।୧୦(ଏଜେନ୍ସି):** ଦେଶରେ ଏସ୍‌ଆଇଆର୍ ଅର୍ଥାତ୍ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନକୁ ନେଇ ରାଜନୈତିକ ତାତି ବଢ଼ିବାରେ ଲାଗିଛି । ଏହାକୁ ନେଇ ଚାଲିଥିବା ପ୍ରତିବାଦକୁ ବାଂଲାଦେଶର ଘଟଣା ସହ ଯୋଡ଼ି ବିଜେପି ଅଭିଯୋଗ କରିବା ପରେ ଏହାର କଡ଼ା ଜବାବ ଦେଇଛନ୍ତି ବିହାରର ସାସାରାମ ଲୋକସଭା ଆସନର କଂଗ୍ରେସ ସାଂସଦ ମନୋଜ କୁମାର ।ତାଙ୍କ କହିବା ଅନୁସାରେ, ଗଣତନ୍ତ୍ରରେ ନିଜ ଅଧିକାର ପାଇଁ ସ୍ୱର ଉଠାଇବା ଓ ପ୍ରତିବାଦ କରିବାକୁ ଷଡ଼ଯନ୍ତ୍ର ବୋଲି କହିବା ଠିକ୍ ନୁହେଁ ।ନେହା ବୋରାଙ୍କ ବୟାନକୁ ନେଇ କ'ଣ କହିଲେ: ନେହା ବୋରାଙ୍କୁ ନେଇ ବିଜେପିର ଅଭିଯୋଗ ଉପରେ ପ୍ରତିକ୍ରିୟା ଦେଇ ମନୋଜ କୁମାର କହିଛନ୍ତି, ନେହା ବୋରା ଦେଇଥିବା ବୟାନ ତାଙ୍କର ବ୍ୟକ୍ତିଗତ ମତ ହୋଇପାରେ । ଏହାକୁ ଆଧାର କରି ଦେଶରେ ଚାଲିଥିବା ପ୍ରତିବାଦକୁ ଷଡ଼ଯନ୍ତ୍ର କହିବା ଉଚିତ୍ ନୁହେଁ ।ସାଂସଦଙ୍କ କହିବା ଅନୁସାରେ, ଏସ୍‌ଆଇଆର୍ ପ୍ରସଙ୍ଗରେ କଂଗ୍ରେସ ଗଣତନ୍ତ୍ର, ଦେଶ ଓ ସମ୍ବିଧାନର ସୁରକ୍ଷା ପାଇଁ ରାସ୍ତାକୁ ଓହ୍ଲାଇଛି । ଗଣତନ୍ତ୍ରରେ ପ୍ରତ୍ୟେକ ନାଗରିକଙ୍କର ନିଜ ମତ ରଖିବା ଓ ପ୍ରତିବାଦ କରିବାର ଅଧିକାର ରହିଛି । ଯେତେବେଳେ ଲୋକେ ନିଜ ଅଧିକାର ପାଇଁ ସ୍ୱର ଉଠାଉଛନ୍ତି, ସେତେବେଳେ ଏହାକୁ ଷଡ଼ଯନ୍ତ୍ର କହିବା କେତେଦୂର ଠିକ୍ ବୋଲି ସେ ପ୍ରଶ୍ନ କରିଛନ୍ତି ।କେବଳ ଏସ୍‌ଆଇଆର୍ ନୁହେଁ, ଦେଶର ଆର୍ଥିକ ସ୍ଥିତିକୁ ନେଇ ମଧ୍ୟ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି ମନୋଜ କୁମାର । ଭାରତର ଅର୍ଥନୀତିକୁ ନେଇ ଗମ୍ଭୀର ଆଲୋଚନାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି ।ଏଥିସହ ଆର୍ଥିକ ପ୍ରସଙ୍ଗରେ ଭାରତ ବାଂଲାଦେଶଠାରୁ ପଛରେ ରହିଥିବା ଦାବି କରି ସେ ସରକାରଙ୍କୁ ସମାଲୋଚନା କରିଛନ୍ତି । ଦେଶର ଆର୍ଥିକ ସ୍ଥିତିକୁ ନେଇ ପ୍ରଶ୍ନ ଉଠୁଥିବା ବେଳେ ଭାରତକୁ 'ବିଶ୍ୱଗୁରୁ' କରିବାର ଦାବି କରିବା ଠିକ୍ ନୁହେଁ ବୋଲି ମନୋଜ କୁମାର ମତ ଦେଇଛନ୍ତି । ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ପୁରୁଣା ବୟାନକୁ ମନେ ପକାଇ ଗରିବଙ୍କ ଆବାସ ପ୍ରସଙ୍ଗରେ ମଧ୍ୟ ସରକାରଙ୍କୁ ଘେରିଛନ୍ତି କଂଗ୍ରେସ ସାଂସଦ । ଗରିବଙ୍କ ଝୁମ୍ପୁଡ଼ି ଘର ବଦଳରେ ଭଲ ଘର ନିର୍ମାଣ କରିବାର କଥା କୁହାଯାଉଥିଲା ।କିନ୍ତୁ ଗତ ୧୦ ବର୍ଷ ମଧ୍ୟରେ ପ୍ରକୃତରେ କେତେ ଗରିବ ପରିବାର ଉନ୍ନତ ଆବାସ ପାଇଛନ୍ତି, ତାହାର ହିସାବ ସରକାର ଦେବା ଉଚିତ୍ ବୋଲି ସେ କହିଛନ୍ତି ।

## ଜନ୍ତରମନ୍ତରରୁ ପ୍ରତିବାଦ ସ୍ଥଳ ହଟାଇବା ନେଇ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ

# କେନ୍ଦ୍ର ଓ ଦିଲ୍ଲୀ ପୁଲିସକୁ ଜବାବ ତଲବ

**ନୂଆଦିଲ୍ଲୀ,୧୫।୧୦(ଏଜେନ୍ସି):** ଦିଲ୍ଲୀର ଜନ୍ତରମନ୍ତରକୁ ପ୍ରତିବାଦ ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ତାଲିକାରୁ ହଟାଇବା ପ୍ରସଙ୍ଗରେ ସୁପ୍ରିମକୋର୍ଟ ହସ୍ତକ୍ଷେପ କରିଛନ୍ତି । ଏହି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଦାଖଲ ହୋଇଥିବା ଆବେଦନ ଉପରେ କୋର୍ଟ କେନ୍ଦ୍ର ସରକାର ଏବଂ ଦିଲ୍ଲୀ ପୁଲିସକୁ ଜବାବ ଦାଖଲ କରିବାକୁ କହିଛନ୍ତି ।ଶୁଣାଣି ସମୟରେ ପୂର୍ବତନ ବିଚାରପତି ତଥା ବରିଷ୍ଠ ଓକିଲ ମୁକ୍ତା ଗୁପ୍ତା ଯୁକ୍ତି ରଖି କହିଥିଲେ ଯେ, ପ୍ରତିବାଦ ପାଇଁ ଏପରି ସ୍ଥାନ ଚିହ୍ନଟ କରାଯିବା ଉଚିତ, ଯେଉଁଠାରେ ଆନ୍ଦୋଳନକାରୀଙ୍କ ସ୍ୱର ଉତ୍ତରଦାୟୀ କର୍ତ୍ତୃପକ୍ଷଙ୍କ ନିକଟରେ ପହଞ୍ଚିପାରିବ ।ଏହା ଉପରେ ବିଚାରପତି ଜୟମାଲ୍ୟ ବାଗଚୀ କହିଥିଲେ ଯେ, ଲୋକଙ୍କ କଥା ଶୁଣାଯିବାର ଅର୍ଥକୁ ପ୍ରଯୁକ୍ତିବିଦ୍ୟା ଦୃଷ୍ଟିକୋଣରୁ ମଧ୍ୟ ବିଚାର କରିବା ଆବଶ୍ୟକ । ପ୍ରତିବାଦକାରୀଙ୍କ ମତ ଓ



ଦାବି ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ପହଞ୍ଚିବା କେତେ ଗୁରୁତ୍ୱପୂର୍ଣ୍ଣ, ତାହା ଉପରେ ମଧ୍ୟ ଆଲୋଚନା ହୋଇଥିଲା ।ଅନ୍ୟପଟେ, ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାରେ ଅନିୟମିତତା ଅଭିଯୋଗକୁ ନେଇ ଦାଖଲ ଆବେଦନ ଉପରେ ମଧ୍ୟ ସୁପ୍ରିମକୋର୍ଟ ନୋଟିସ୍ ଜାରି କରିଛନ୍ତି । ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ବିରୋଧୀ ନେତାମାନେ ଏହି ପ୍ରସଙ୍ଗ ଉଠାଇଛନ୍ତି । ଏହି ମାମଲାରେ ଭାରତୀୟ ନିର୍ବାଚନ ଆୟୋଗ, ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ଏବଂ ନିର୍ବାଚନ ଆୟୁକ୍ତ ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀଙ୍କୁ ନୋଟିସ୍ ଜାରି କରାଯାଇଛି । ଏହାସହ ରାହୁଲ ଗାନ୍ଧୀ, ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଏବଂ ଅନ୍ୟମାନଙ୍କୁ ମଧ୍ୟ ନୋଟିସ୍ ପଠାଯାଇଛି ।ଏସଆଇଆର୍‌ରେ ଅନିୟମିତତା ଅଭିଯୋଗକୁ ନେଇ ସୁପ୍ରିମକୋର୍ଟ ଅଭିମୁଖେ ପଦଯାତ୍ରା କରିବାକୁ ଦିଆଯାଇଥିବା ଆହ୍ୱାନ ସମ୍ପର୍କିତ ଆବେଦନରେ ଏହି ନୋଟିସ୍ ଜାରି ହୋଇଛି । ଏବେ ଏହି ମାମଲାରେ ସମ୍ପୃକ୍ତ ପକ୍ଷମାନଙ୍କ ଜବାବ ପରେ ପରବର୍ତ୍ତୀ ଶୁଣାଣିରେ କୋର୍ଟଙ୍କ ଆଭିମୁଖ୍ୟ କ'ଣ ରହିବ, ତାହା ଉପରେ ନଜର ରହିଛି ।

# ହ୍ୱାଇଟ୍ ହାଉସ୍ ପ୍ରେସ୍ ସଚିବଙ୍କ ଶିକ୍ଷାଗତ ଯୋଗ୍ୟତାକୁ ନେଇ ପ୍ରଶ୍ନ

**ନୂଆଦିଲ୍ଲୀ,୧୫।୧୦(ଏଜେନ୍ସି):**ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ପାଇଁ ନବନିଯୁକ୍ତ ହ୍ୱାଇଟ୍ ହାଉସ୍ ପ୍ରେସ୍ ସଚିବ କେଟି ଜାକାରିଆଙ୍କ ଶିକ୍ଷା ଏବଂ ରିଜ୍ୟୁମକୁ ନେଇ ପ୍ରଶ୍ନ ଉଠିଛି । ଟ୍ରମ୍ପ ଜାକାରିଆଙ୍କ ସାମାଜିକ ଗଣମାଧ୍ୟମ କମ୍ପାନିରେ କିଛି ମାସ ପାଇଁ କାମ କରୁଥିବା ସମୟରେ ତାଙ୍କ ନିଯୁକ୍ତି ଘୋଷଣା କରିଥିଲେ । ଅକ୍ଟୋବର ୧୨ ତାରିଖରେ ପ୍ରଥମ ଥର ପାଇଁ ଆନୁଷ୍ଠାନିକ ଭାବରେ ଗଣମାଧ୍ୟମ ସମ୍ମୁଖରେ ଉପସ୍ଥିତ ହେବା ପରେ ସେ ଗୁରୁତ୍ୱପୂର୍ଣ୍ଣ ସମାଲୋଚନାର ସମ୍ମୁଖୀନ ହୋଇଥିଲେ ।କେଟି ଜାକାରିଆ ବୃତ୍ତିରେ ନିଜକୁ ଜଣେ ଆଇନଜୀବୀ ଭାବରେ ପରିଚୟ ଦେଇଛନ୍ତି । ସେ ଫକ୍ସ ନ୍ୟୁଜ୍ ଏବଂ ନ୍ୟୁଜମାକ୍ସ ଭଳି ରକ୍ଷଣଶୀଳ ଗଣମାଧ୍ୟମରେ ଜଣେ କମେଣ୍ଟେଟର ଭାବରେ ନିଜକୁ ପ୍ରତିଷ୍ଠିତ କରିଛନ୍ତି । କିନ୍ତୁ ଆଶ୍ଚର୍ଯ୍ୟର କଥା ସେ କିମ୍ବା ହ୍ୱାଇଟ୍ ହାଉସ୍ ଏହାର କୌଣସି ପ୍ରମାଣ ଦେଇନାହାନ୍ତି ।କେଟି କୌଣସି ଆମେରିକା ରାଜ୍ୟରେ ଆଇନ ଅଭ୍ୟାସ କରିବା ପାଇଁ ଆବଶ୍ୟକୀୟ ବାର ପରୀକ୍ଷା ପାସ୍ କରିଛନ୍ତି ବୋଲି କୌଣସି ରେକର୍ଡ କିମ୍ବା ପ୍ରମାଣ ନାହିଁ । ସେ କିଛି ବର୍ଷ ପୂର୍ବରୁ ଚୀନ୍‌ର ଏକ ବଡ଼ ଆଇନ ଫାର୍ମରେ କାମ କରିଥିଲେ, କିନ୍ତୁ ସେଠାରେ ଆଇନ ଅଭ୍ୟାସ କରିବା ପାଇଁ ସେ କୌଣସି ଆଇନଗତ ପରୀକ୍ଷାରେ ପାସ୍ କରିଥିବାର କୌଣସି ପ୍ରମାଣ ମଧ୍ୟ ନାହିଁ ।ଯେତେବେଳେ ଏକ ନ୍ୟୁଜ୍ ୱେବସାଇଟ୍ ପ୍ରକାଶ କଲା ଯେ, କେଟିଙ୍କ ପାଖରେ ଆଇନ ଲାଇସେନ୍ସ ନାହିଁ, ସାମ୍ବାଦିକମାନେ ସିଧାସଳଖ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ପଚାରିଲେ ଯେ ଜାକାରିଆସ୍ କେଉଁ ରାଜ୍ୟରୁ ତାଙ୍କର ଆଇନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି ।

# ଇରାନ ଉପରେ ଆକ୍ରମଣ ପାଇଁ ଆମେରିକା 'ମଦର ଅଫ୍ ଅଲ୍ ବମ୍' ବ୍ୟବହାର କରିବା ଆଶଙ୍କା ଘନେଇଲା

**ନୂଆଦିଲ୍ଲୀ,୧୫।୧୦(ଏଜେନ୍ସି):** ମଧ୍ୟପ୍ରାଚ୍ୟରେ ବଢୁଥିବା ଉତ୍ତେଜନା ଉପରେ ବିଶ୍ୱର ନଜର ରହିଛି । କିନ୍ତୁ ଏବେ ଆମେରିକାର ଏକ ସମ୍ଭାବ୍ୟ ସାମରିକ ଯୋଜନା ଚିନ୍ତାକୁ ଆହୁରି ବଢ଼ାଇ ଦେଇଛି । ରିପୋର୍ଟ ଅନୁଯାୟୀ ଆମେରିକାର ସାମରିକ ବାହିନୀ ଭବିଷ୍ୟତରେ ଇରାନ ଉପରେ ଆକ୍ରମଣ ପାଇଁ 'ମଦର ଅଫ୍ ଅଲ୍ ବମ୍' ଭାବରେ ପରିଚିତ ଏକ ବୋମା ବ୍ୟବହାର କରିବାକୁ ବିଚାର କରୁଛି । ଏହା ଆମେରିକାର ସବୁଠାରୁ ଶକ୍ତିଶାଳୀ ଅଣ-ପରମାଣୁ ବୋମା ମଧ୍ୟରୁ ଗୋଟିଏ । ଯଦି ଏହା ବ୍ୟବହାର କରାଯାଏ, ତେବେ ଇରାନ ଏବଂ ଆମେରିକା ମଧ୍ୟରେ ସଂଘର୍ଷ ପୁଣି ଥରେ ଏକ ବିପଦପୂର୍ଣ୍ଣ ମୋଡ଼ ନେଇପାରେ ।ଇରାନ ଏବଂ ଆମେରିକା ମଧ୍ୟରେ ପରିସ୍ଥିତି ଅତ୍ୟନ୍ତ ଉତ୍ତେଜନାପୂର୍ଣ୍ଣ ରହିଛି । ସମ୍ପ୍ରତି ଇରାନୀ ରିଭୋଲ୍ୟୁସନାରୀ ଗାର୍ଡସ କର୍ପସ(ଆଇଆରଜିସି) ନୌସେନାର କମାଣ୍ଡର ରିଅର ଆଡମିରାଲ ଅଲି ଆଜମାଇ ଆମେରିକାକୁ ଏକ କଡ଼ା ଚେତାବନୀ ଦେଇ କହିଛନ୍ତି ଯେ, ଆମେରିକୀୟ ଜାହାଜ ଦ୍ୱାରା ଯେକୌଣସି କାର୍ଯ୍ୟର କଡ଼ା ଜବାବ ଦିଆଯିବ । ଏହି ଚେତାବନୀ ମଧ୍ୟରେ ଆମେରିକା ପକ୍ଷରୁ ସବୁଠାରୁ ଶକ୍ତିଶାଳୀ ଅଣ-ପରମାଣୁ ବୋମା ବ୍ୟବହାର ବିଷୟରେ ଆଲୋଚନା ପରିସ୍ଥିତିକୁ ଆହୁରି ସଙ୍କଟଜନକ କରିଛି । ତେବେ ଏହି ବୋମା ବ୍ୟବହାର ବିଷୟରେ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇନାହିଁ । ରିପୋର୍ଟ ଅନୁଯାୟୀ, ଆମେରିକୀୟ ସେନା ଏପରି ସମ୍ଭାବ୍ୟ ସାମରିକ ଯୋଜନା ଉପରେ ବିଚାର କରୁଛି । ଯଦି ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ସାମରିକ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦିଅନ୍ତି, ତେବେ ଏହି ଯୋଜନା କାର୍ଯ୍ୟକାରୀ ହୋଇପାରେ । ଏହି ଖବର ସୂଚାଇ ଦେଉଛି ଯେ,




ଆମେରିକୀୟ ସାମରିକ ବିକଳ୍ପଗୁଡ଼ିକ ମଧ୍ୟରେ ଏକ ବଡ଼ ଆକ୍ରମଣର ସମ୍ଭାବନା ବିଷୟରେ ଆଲୋଚନା କରାଯାଉଛିଏହି ବୋମାର ନାମ ହେଉଛି ଜିବିୟୁ-୪୩/ବି ମାସିଭ୍ ଅର୍ଡନାନ୍ସ ଏୟାର ବ୍ଲାଷ୍ଟ (ଏମଓଏବି) । ଏହାକୁ ସାଧାରଣତଃ 'ମଦର ଅଫ୍ ଅଲ୍ ବମ୍' କୁହାଯାଇଥାଏ । ଏହା ଆମେରିକାର ସବୁଠାରୁ ବଡ଼ ଅଣ-ପରମାଣୁ ବୋମା ମଧ୍ୟରୁ ଗୋଟିଏ । ଏହାର ଅନନ୍ୟ ବୈଶିଷ୍ଟ୍ୟ ହେଉଛି ଏହା ଏକ ପରମାଣୁ ବୋମା ନୁହେଁ, ତଥାପି ଏହାର ବିସ୍ଫୋରଣ ଏକ ବିଶାଳ ଅଞ୍ଚଳରେ ବ୍ୟାପକ ଧ୍ୱଂସ ଘଟାଇପାରେ । ଏହାର ଉଦ୍ଦେଶ୍ୟ ବଡ଼ ସାମରିକ ଘାଟି ଏବଂ ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟସ୍ଥଳକୁ ଯଥେଷ୍ଟ କ୍ଷତି ପହଞ୍ଚାଇବା । ରିପୋର୍ଟ ଅନୁଯାୟୀ, 'ମଦର ଅଫ୍ ଅଲ୍ ବମ୍' ପ୍ରାୟ ୨୦ ଫୁଟ ଲମ୍ବା ଏବଂ ବିସ୍ଫୋରଣ ହେବା ପୂର୍ବରୁ ୨୦୦ ଫୁଟ ମାଟି ଏବଂ ୬୦ ଫୁଟ କଂକ୍ରିଟ୍ ଭେଦ କରିବାକୁ ସକ୍ଷମ ।ଯଦି ଆମେରିକା ଇରାନ ଉପରେ ଆଉ ଏକ ବଡ଼ ଆକ୍ରମଣ କରେ, ତେବେ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଆହୁରି ବଢ଼ିପାରେ । ଏହାର ପ୍ରଭାବ କେବଳ ଆମେରିକା ଏବଂ ଇରାନ ପର୍ଯ୍ୟନ୍ତ ସୀମିତ ରହିବ ନାହିଁ । ଅନ୍ୟାନ୍ୟ ମଧ୍ୟପ୍ରାଚ୍ୟ ଦେଶ, ତୈଳ ଯୋଗାଣ ଏବଂ ଆନ୍ତର୍ଜାତୀୟ ବଜାର ମଧ୍ୟ ଏହା ଦ୍ୱାରା ପ୍ରଭାବିତ ହୋଇପାରେ । ଶକ୍ତି ପ୍ରତିଷ୍ଠାନ ଉପରେ ଆକ୍ରମଣ ତୈଳ ଏବଂ ଗ୍ୟାସ୍ ଯୋଗାଣ ସମ୍ପର୍କରେ ଚିନ୍ତା ବଢ଼ାଇପାରେ । ଯାହା ବିଶ୍ୱବ୍ୟାପୀ ଅନେକ ଦେଶର ଅର୍ଥନୀତିକୁ ପ୍ରଭାବିତ କରିବାର ଆଶଙ୍କା ରହିଛି । ଭାରତ ଭଳି ଦେଶ ମଧ୍ୟ ଆନ୍ତର୍ଜାତୀୟ ତୈଳ ମୂଲ୍ୟ ବୃଦ୍ଧି ଦ୍ୱାରା ପ୍ରଭାବିତ ହେବେ ।



# ମାଁ ପାଟଣେଶ୍ୱରୀ ମନ୍ଦିର ବଏଲ ଯାତ୍ରା ପ୍ରସ୍ତୁତି ବୈଠକ

# ଦୁଇ କୋଟି ଟଙ୍କା ସୌନ୍ଦର୍ଯ୍ୟକରଣ ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ



**ବଲାଙ୍ଗିର,୧୫।୧୦ (ନି.ପ୍ର):** ଆଗଲପୁର ବ୍ଲକ ସାଲେଭଟା ଗ୍ରାମ ଐତିହାସିକ ପୀଠ ମାଁ ପାଟଣେଶ୍ୱରୀ ସମଲେଶ୍ୱରୀ ଗୋଟିଏ ଗମ୍ଭିରାରେ ପୂଜା ପାଉଛନ୍ତି। ୧୫୦୦ ଖ୍ରୀଷ୍ଟାବ୍ଦ ରେ ଏହି ମନ୍ଦିରଟି ରାଜା ବଳରାମ ଦେଓ ଭାଇ ଭାଗ ପାଇ ସ୍ଥାପନ କରିଥିଲେ। ମାଁ ପାଟଣେଶ୍ୱର ପାଟଣାମୁହାଁ ହୋଇଥିବା ବେଳେ ମାଁ ସମଲେଶ୍ୱରୀ ହୁମା ବା ସମ୍ବଲପୁର ମୁହାଁ ହୋଇଛନ୍ତି। ଗୋଟିଏ ଗମ୍ଭିରାରେ ଦୁଇ ଭଉଣୀ ପୂଜା ପାଉଥିବା ବେଳେ ରାଜା ଙ୍କ ଖମାରରେ ପୂଜା ପାଉଛନ୍ତି। ଦଶହରା ଏବଂ ଚଇତ ପରବରେ ମନ୍ଦିରରେ ସ୍ୱତନ୍ତ୍ରତା ପୂଜା କରାଯାଏ। ଏ ବର୍ଷ ବଏଲ ଯାତ୍ରା ପାଇଁ ମନ୍ଦିର କମିଟି ପ୍ରସ୍ତୁତି ଜୋରସୋର ଆରମ୍ଭ କରିଥିବା ବେଳେ ୧୮ତାରିଖ ସନ୍ଧ୍ୟା ସମୟରୁ ମାଁ ପାଟଣେଶ୍ୱର ବଏଲ ଯାତ୍ରା ନଗର ପରିକ୍ରମା କରିବ, ୧୯ ତାରିଖ ଦିନ ମନ୍ଦିର ପ୍ରବେଶ କରିବେ। ଭକ୍ତମାନଙ୍କୁ ଦର୍ଶନ ଦେବେ ବୋଲି ନିଷ୍ପତ୍ତି ନେଇଥିବା ମନ୍ଦିର କମିଟି। ମାଁ ଙ୍କ ନବରାତ୍ରୀ ପୂଜା ଆରମ୍ଭ ହୋଇଥିବା ପ୍ରଥମ ଦିନରୁ ବିଭିନ୍ନ ବେଶରେ ଦର୍ଶନ ଦେଉଥିବା ବେଳେ ପ୍ରତ୍ୟେକ ଦିନ ହୋମଯଜ୍ଞ ଓ ଚଣ୍ଡିପାଠ ହେଉଛି। ସନ୍ଧ୍ୟା ସମୟରେ ମହା ଆଳତି ସହ ଘଣ୍ଟବାଦ୍ୟ ଦୁଲଦୁଲି ସହ ମାଁ ଙ୍କ ମହା ଆଳତି ହେଉଛି। ଏଥିରୁ ଆଖ ପାଖ ଗାଁ ର ଭକ୍ତମାନଙ୍କର ସୁଅ ଛୁଟୁଛି। ଚଣ୍ଡିପାଠ କରୁଛନ୍ତି ପଣ୍ଡିତ କବିରାଜ ମିଶ୍ର ଏବଂ ମନ୍ଦିରର ପୂଜକ ପ୍ରକାଶ ଦିସ୍ରୀ ସହଯୋଗ କରୁଛନ୍ତି। ମନ୍ଦିର କମିଟିର କର୍ମକର୍ତ୍ତା ଓ ଗ୍ରାମବାସୀ ସହଯୋଗ କରୁଛନ୍ତି। ମନ୍ଦିର କମିଟି ନିଷ୍ପତ୍ତି ଅନୁଯାୟୀ ଦିର୍ଘ ବର୍ଷର ମାଁ ଗମ୍ଭିରାରେ ପୂଜା ପାଉଥିବା ବେଳେ ଏ ବର୍ଷରୁ ନୂତନ ଗମ୍ବୁଜ ନିର୍ମାଣ ପାଇଁ ଭୂମିପୂଜନ ଓ କାର୍ଯ୍ୟଆରମ୍ଭ ହେଉଛି। ଏଥିରେ ପାଟଣାଗଡ ମାଁ ପାଟଣେଶ୍ୱରୀ ମନ୍ଦିର, ସମ୍ବଲପୁରର ମାଁ ସମଲେଶ୍ୱରୀ ଏବଂ କଳାହାଣ୍ଡିର ମାଁ ମାଣିକେଶ୍ୱରୀ ଙ୍କ ମନ୍ଦିର ସ୍ଥାନ ପାଇବ। ୨କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଡିପିଆର ପ୍ରଦାନ କରି ପ୍ରସ୍ତାବ ଦିଆଯାଇଛି।

# ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ବିଜେଡିର ଏକତରଫା ବିଜୟ



**ପାଟଣାଗଡ଼, ୧୫।୧୦ (ନି.ପ୍ର):** ଦୀର୍ଘ ଆଠ ବର୍ଷ ପରେ ଛାତ୍ର ନିର୍ବାଚନ ହେଲା ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଉତ୍ସାହିତ ହୋଇ ନିର୍ବାଚନୀ ମୈଦାନ କୁ ଓଲହାଇଲେ। କିନ୍ତୁ ଚଳିତ ନିର୍ବାଚନରେ ସମସ୍ତ ରାଜନୈତିକ ଦଳ ନିଜ ନିଜ ପକ୍ଷରୁ ପ୍ରାର୍ଥୀ ନାମାଙ୍କନ କରାଇଥିଲେ। କିନ୍ତୁ ସାରା ରାଜ୍ୟରେ ବିଜୁଛାତ୍ରଜନତା ଦଳ ପ୍ରାର୍ଥୀ ବିଜୟୀ ହୋଇଥିବା ଦେଖିବାକୁ ମିଳିଛି। ସେଥିପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁଜନତା ଦଳର ସଭାପତି ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ କ୍ରେଜ ପୁଣି ଥରେ ଆସିଥିବା ଚର୍ଚ୍ଚା ଜୋର ଧରିଛି। ଏହି ପରିପ୍ରେକ୍ଷୀରେ ବଲାଙ୍ଗିର ଜିଲ୍ଲାରେ ମଧ ବିଜୁଜନତା ଦଳର ଦବ୍ ଦବା ବଢ଼ିଚାଲିଛି। ପାଟଣାଗଡ଼ ପଦ୍ମଗଡ ଭାବେ ପରିଚିତ ଥିବା ବେଳେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଶଙ୍ଖ ଧ୍ୱନିରେ କମ୍ପିତ ହେଉଛି। ସୂଚନାଯୋଗ୍ୟ ଯେ ବଲାଙ୍ଗିର ଜିଲ୍ଲା ବେଲପଡା ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ସରୋଜ କୁମାର ମେହେର ଙ୍କ ଦ୍ୱାରା ଚୟନ କରାଯାଇଥିବା ସମସ୍ତ ପ୍ରାର୍ଥୀ ବିଜୟୀ ହୋଇ ରେକର୍ଡ ସୃଷ୍ଟି କରିଛନ୍ତି। ସଭାପତି ଭାବେ ଚନ୍ଦନ ସାହୁ,ଉପ ସଭାପତି ଭାବେ ତେଜରାଜ ସେଠ, ସାଧାରଣ ସମ୍ପାଦକ କଳ୍ପନା ସାହୁ, ଅତିରିକ୍ତ ସାଧାରଣ ସମ୍ପାଦକ ଉମାକାନ୍ତ ସେଠ ଏକତରଫା ବିଜୟ ହୋଇଛି। ସେହି ଖୁସିରେ ବେଲପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟରୁ ଆରମ୍ଭ କରି ମହାଦେବ ମନ୍ଦିର ପର୍ଯ୍ୟନ୍ତ ବିଜୟୀ ପ୍ରାର୍ଥୀଙ୍କ ଶୋଭାଯାତ୍ରା ଚାଲିଥିଲା।

# ନିଖିଳ ଓଡିଶା ସାଧୁସନ୍ଥ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ




**କଟକ, ୧୫।୧୦ (ନି.ପ୍ର):** ନିଖିଳ ଓଡିଶା ସାଧୁ-ସନ୍ଥ ଓ ଧର୍ମାତ୍ମାମାନଙ୍କ ସମ୍ମିଳନୀ -୨୦୨୭ ପାଇଁ ପ୍ରସ୍ତୁତି ବୈଠକର ଶୁଭାରମ୍ଭ ହୋଇଯାଇଛି। ଆଜି ମାଳିକା ପ୍ରସିଦ୍ଧ ଶ୍ରୀ ଶ୍ରୀ ଗଡ଼ଚଣ୍ଡୀ ଓ ଶ୍ରୀ ଶ୍ରୀ ଗଡ଼ଗଡ ?ଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ କଟକ ଜିଲ୍ଲା ବ୍ରାହ୍ମଣ ମହାସଙ୍ଘ ମହାସଚିବ ପଣ୍ଡିତ ନରସିଂହ ମହାପାତ୍ରଙ୍କ ସଭାପତିତ୍ୱରେ ପ୍ରଥମ ପ୍ରସ୍ତୁତି ବୈଠକର ଶୁଭାରମ୍ଭ ହୋଇଥିଲା। ପୂଜାକୁ ପଣ୍ଡିତ ହୃଷିକେଶ ପଣ୍ଡା ଓ ପଣ୍ଡିତ ବିଚିତ୍ରାନନ୍ଦ ଦାଶ(କୁନନନା) ପରିଚାଳନା କରିଥିଲେ। ବିଶ୍ୱ ସତ୍ୟ-ସନାତନ-ଧର୍ମ ପ୍ରଚାରିଣୀ ମହାସଙ୍ଘ କଲକୀ ସେନା ପକ୍ଷରୁ ଆୟୋଜିତ ପ୍ରସ୍ତୁତି ବୈଠକକୁ ସଦଗୁରୁ ଅନନ୍ତ ଜ୍ଞାନଗୁରୁ ମହାରାଜ ଉଦଘାଟନ କରିଥିଲେ। ମାର୍ଗଦର୍ଶକ ଭାବେ ସର୍ବଶ୍ରୀ ଅଭୟାନନ୍ଦ ବାବା, ପଣ୍ଡିତ ଗୁରୁପ୍ରସାଦ ରଥ, ଧର୍ମପଦ ପୁରସ୍କାର ବିଜେତା ଚିତ୍ରଶିଳ୍ପୀ ମହେନ୍ଦ୍ର ପ୍ରସାଦ ମହାପାତ୍ର, ଧର୍ମ ପ୍ରଚାରକ ପତିତପାବନ ମହାପାତ୍ର, ସନାତନ ଧର୍ମ ସୁରକ୍ଷା ଅଭିଯାନ ମହାସଚିବ ସାରଦା ପ୍ରସାଦ ଦାସ ଓ କଲକୀରନ୍ ଲକ୍ଷ୍ମୀଧର ଦାସ ପ୍ରମୁଖ ଯୋଗଦେଇ ସମ୍ମିଳନୀ ସଫଳ କରିବାକୁ ବିଭିନ୍ନ ପରାମର୍ଶ ଦେଇଥିଲେ। ପଣ୍ଡିତ ନିବାସଚନ୍ଦ୍ର ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଆଡ଼ଭୋକେଟ ସଂଯୋଜ କୁମାର ସାମନ୍ତରାୟ ପରିଚୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ପଣ୍ଡିତ ବିଶ୍ୱରଞ୍ଜନ ପଣ୍ଡା, ଦେବାଶିଷ ପଣ୍ଡା, କାର୍ତ୍ତିକ ଚନ୍ଦ୍ର ନନ୍ଦ ଓ ମିଳନ କୁମାର ପଣ୍ଡା ପ୍ରମୁଖ ଶ୍ରୀ ଜଗନ୍ନାଥାଷ୍ଟକ ଓ ଦଶାବତାର ସ୍ତୋତ୍ର ଆବୃତ୍ତି କରିଥିଲେ। ଉଦଘାଟକ ସଦଗୁରୁ ଅନନ୍ତ ଜ୍ଞାନଗୁରୁ ମହାରାଜ କହିଲେ ୨୦୨୭ ମସିହା ମାର୍ଚ୍ଚ କିମ୍ବା ଏପ୍ରିଲ ମାସରେ ପ୍ରସ୍ତାବିତ ସାଧୁସନ୍ଥ ସମ୍ମିଳନୀ ପାଇଁ ଦୁଇଟି ମାଳିକା ପ୍ରସିଦ୍ଧ ସ୍ଥାନ ଚିହ୍ନଟ କରାଯାଇଛି। ଏଥିନିମିତ୍ତ ବିଭିନ୍ନ ଶକ୍ତିପୀଠ ଓ ପଞ୍ଚସଖା ପୀଠମାନଙ୍କରେ ଅଧିକ ଆଲୋଚନା କରାଯାଇ ବୈଠକମାନ ଅନୁଷ୍ଠିତ ହେବ ଏବଂ ଶେଷ ବୈଠକରେ ଚୂଡାନ୍ତ ନିଷ୍ପତ୍ତି ନିଆଯିବ। ଶେଷରେ କଲକୀରନ୍ ଗୁରୁଦତ୍ତ ମହାନ୍ତି ଧନ୍ୟବାଦ ଦେଇଥିଲେ।

# 'ଆପଣ କେମିତି ଅଛନ୍ତି ?' କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷାବିତ୍ ରବୀନ୍ଦ୍ର ନାଥ ମହାନ୍ତି ଓ ଧର୍ମପତ୍ନୀଙ୍କୁ କଟକ ମହାନଗର ନିଗମ ପକ୍ଷରୁ ସମ୍ବର୍ଦ୍ଧନା

**କଟକ,୧୫।୧୦ (ନି.ପ୍ର) :** ବରିଷ୍ଠ ନାଗରିକମାନଙ୍କ ପ୍ରତି ସମ୍ମାନ, ସମ୍ବେଦନଶୀଳତା ଓ ଆତ୍ମୀୟତା ପ୍ରକାଶ କରିବା ସହ ସେମାନଙ୍କ ସୁଖଦୁଃଖରେ ସାମିଲ ହେବା ଉଦ୍ଦେଶ୍ୟରେ କଟକ ମହାନଗର ନିଗମ (KMC) ପକ୍ଷରୁ ପରିଚାଳିତ "ଆପଣ କେମିତି ଅଛନ୍ତି ?" କାର୍ଯ୍ୟକ୍ରମ ଅନ୍ତର୍ଗତ ମହାନଦୀ ବିହାର ସେକ୍ଟର-୩ର ବିଶିଷ୍ଟ ଶିକ୍ଷାବିତ୍, ସମାଜସେବୀ ତଥା ବରିଷ୍ଠ ନାଗରିକ ଶ୍ରୀ ରବୀନ୍ଦ୍ର ନାଥ ମହାନ୍ତି ଓ ତାଙ୍କ ଧର୍ମପତ୍ନୀ ଶ୍ରୀମତୀ ପ୍ରମୋଦିନୀ ମହାନ୍ତିଙ୍କୁ ତାଙ୍କ ବାସଭବନରେ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଛି।

ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କଟକ ମହାନଗର ନିଗମର ମାନ୍ୟବର ମେୟର ଶ୍ରୀ ସୁବାସ ସିଂହ ଏବଂ କମିଶନର ଶ୍ରୀମତୀ କିରନଦୀପ କୌରଙ୍କ ସମେତ ସ୍ଥାନୀୟ କର୍ପୋରେଟର ଇଞ୍ଜିନିଅର ସୁବ୍ରତ ଘଡ଼େଇ, ମହାନଦୀ ବିହାର ଡେଭଲପମେଣ୍ଟ ଆସୋସିଏସନ୍ (MDA)ର ସଭାପତି ଶ୍ରୀ ସଞ୍ଜୟ କୁମାର ଜେନା, ସମ୍ପାଦକ ଶ୍ରୀ ହିମାଂଶୁ ସାରଙ୍ଗୀ, ସହସମ୍ପାଦକ ଶ୍ରୀ ଜ୍ଞାନରଞ୍ଜନ ଦାସ ଏବଂ ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ରହି ଶ୍ରୀ ମହାନ୍ତି ଓ ଶ୍ରୀମତୀ ମହାନ୍ତିଙ୍କୁ ସମ୍ମାନ ଜଣାଇଥିଲେ। ଶ୍ରୀ ରବୀନ୍ଦ୍ର ନାଥ ମହାନ୍ତି ମହାନଦୀ ବିହାରର ବରିଷ୍ଠ ନାଗରିକ ମଞ୍ଚର ସଭାପତି, କଳା ବିକାଶ କେନ୍ଦ୍ରର ଟ୍ରଷ୍ଟି, ମହାନଦୀ ବିହାର ଡେଭଲପମେଣ୍ଟ ଆସୋସିଏସନ୍‌ର ଉପଦେଷ୍ଟା ତଥା ଏସ୍ ସି ବି -ଡିଏଭି ପବ୍ଲିକ ସ୍କୁଲର ଅଧ୍ୟକ୍ଷ ଭାବେ ବିଭିନ୍ନ କ୍ଷେତ୍ରରେ ନିଜର ଅଭିଜ୍ଞତା ଓ ଦକ୍ଷତାର ପରିଚୟ ଦେଇଆସିଛନ୍ତି। ଶିକ୍ଷାର ବିକାଶ, ସାମାଜିକ ଦାୟିତ୍ୱବୋଧ ଏବଂ ଜନକଲ୍ୟାଣମୂଳକ କାର୍ଯ୍ୟରେ ତାଙ୍କର ଅବଦାନ କଟକ ସହରରେ ଏକ ଉଲ୍ଲେଖନୀୟ ସ୍ଥାନ ଅଧିକାର କରିଛି। ଏହି ଅବସରରେ ମାନ୍ୟବର ମେୟର ଶ୍ରୀ ସୁବାସ ସିଂହ କହିଥିଲେ ଯେ, ଶ୍ରୀ ମହାନ୍ତିଙ୍କ ପରି



ଅଭିଜ୍ଞ ଶିକ୍ଷାବିତ୍ ଓ ସମାଜସେବୀମାନେ ସମାଜର ଅମୂଲ୍ୟ ସମ୍ପଦ। କଟକ ସହରର ଶିକ୍ଷା, ସାମାଜିକ ବିକାଶ ଓ ଜନକଲ୍ୟାଣମୂଳକ କାର୍ଯ୍ୟକ୍ଷେତ୍ରରେ ତାଙ୍କର ଦୀର୍ଘ ଅନୁଭବ, ନିଷ୍ଠା ଓ ଅବଦାନ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ। ସମାଜ ଗଠନରେ ଅଭିଜ୍ଞ ବରିଷ୍ଠ ନାଗରିକଙ୍କ ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ସେମାନଙ୍କ ଅନୁଭବ ଓ ଜ୍ଞାନକୁ ସମ୍ମାନ ଦେବା ସହ ସେମାନଙ୍କ ପାଖରେ ଠିଆ ହେବା ଆମ ସମସ୍ତଙ୍କ ନୈତିକ ଦାୟିତ୍ୱ। ମେୟର ଶ୍ରୀ ସିଂହ ଆହୁରି କହିଥିଲେ ଯେ, "ଆପଣ କେମିତି ଅଛନ୍ତି ?" କାର୍ଯ୍ୟକ୍ରମ କେବଳ ଏକ ଔପଚାରିକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ନୁହେଁ; ବରଂ ବରିଷ୍ଠ ନାଗରିକମାନଙ୍କ ଜୀବନରେ ଆତ୍ମୀୟତା, ନିରାପତ୍ତା ଓ ସାମାଜିକ ସମ୍ପୃକ୍ତିର ଭାବନା ସୃଷ୍ଟି କରିବାର ଏକ ମାନବୀୟ ପ୍ରୟାସ। ସେମାନେ ଯେପରି ନିଜ ପରିବାରର ଅଂଶ, ସେହିପରି ସମାଜ ଓ ସହରର ମଧ ଏକ ଅବିଚ୍ଛେଦ୍ୟ ଅଂଶ। ସେମାନଙ୍କ ସୁଖଦୁଃଖରେ ସାମିଲ ହେବା, ସେମାନଙ୍କ ଆବଶ୍ୟକତାକୁ ବୁଝିବା ଏବଂ ସେମାନଙ୍କୁ ଏକାକୀ ଅନୁଭବ କରିବାକୁ ନଦେବା ଏହି ପଦକ୍ଷେପର ମୂଳ ଲକ୍ଷ୍ୟ।

# କୁଚିଣ୍ଡାରେ ଉପଖଣ୍ଡସ୍ତରୀୟ ବରିଷ୍ଠ ନାଗରିକ ଦିବସ ପାଳିତ

**କୁଚିଣ୍ଡା,୧୫/୧୦(ନି.ପ୍ର.) :** ସମ୍ବଲପୁର ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏବଂ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୁଚିଣ୍ଡା ପକ୍ଷରୁ କୁଚିଣ୍ଡାସ୍ଥିତ ବହୁମୁଖୀ କଲ୍ୟାଣ ମଣ୍ଡପଠାରେ ଉପଖଣ୍ଡସ୍ତରୀୟ ବରିଷ୍ଠ ନାଗରିକ ଦିବସ–୨୦୨୬ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ତଥା ପଞ୍ଚାୟତିରାଜ ମନ୍ତ୍ରୀଙ୍କ ପ୍ରତିନିଧି ଶ୍ରୀ ବିଭୂତି କଲ୍ୟାଣ ପଟେଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟ ମଞ୍ଚାସୀନ ଅତିଥିମାନଙ୍କ ମଧ୍ୟରେ କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ଶ୍ରୀ ଭୁବନେଶ୍ୱର କିଷାନ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଆଲୋକ ପଟେଲ, କୁଚିଣ୍ଡା ସହକାରୀ ଜିଲ୍ଲାପାଳ ଶ୍ରୀ ରମେଶ ସାହୁ, କୁଚିଣ୍ଡା ବରିଷ୍ଠ ନାଗରିକ ସଂଘର ସଭାପତି ଶ୍ରୀ ଧୀରେନ୍ଦ୍ର କୁମାର



ମହାନ୍ତି, ବାମରାର ଶ୍ରୀ ଯୋଗବିହାରୀ ପରିଡ଼ା, ଜମନକିରାର ଶ୍ରୀ ଗୋକୁଳଚନ୍ଦ୍ର ଦାନୀ, ଚର୍ମରୋଗ ବିଶେଷଜ୍ଞ ଡାକ୍ତର ସତ୍ୟପ୍ରକାଶ ମିଶ୍ର, ଚକ୍ଷୁ ବିଶେଷଜ୍ଞ ଡାକ୍ତର ରତୁରାଜ ସାହୁ ଏବଂ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀମତୀ ଜାହ୍ନବୀ ମହାନ୍ତ ଉପସ୍ଥିତ ଥିଲେ।ଦିବସ ପାଳନ ଅବସରରେ ସକାଳ ୭ଟାରେ ଯୋଗାଭ୍ୟାସ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହାପରେ ପରିବେଶ ସୁରକ୍ଷା ଓ ମାତୃତ୍ୱ ପ୍ରତି ସମ୍ମାନର ବାର୍ତ୍ତା ନେଇ 'ଏକ ପେଡ୍ ମା କେ ନାମ୍' ଅଭିଯାନ ଅନ୍ତର୍ଗତ ବୃକ୍ଷରୋପଣ କରାଯାଇଥିଲା। ପରେ ବରିଷ୍ଠ ନାଗରିକମାନଙ୍କ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା। ଏହି ଅବସରରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ସାମାଜିକ ସୁରକ୍ଷା ଅଧିକାରୀ ବରିଷ୍ଠ ନାଗରିକମାନଙ୍କ ପାଇଁ ଉପଲବ୍ଧ ବିଭିନ୍ନ ସରକାରୀ ଯୋଜନା ଓ ସୁବିଧା ସମ୍ପର୍କରେ ଅବଗତ କରାଇଥିଲେ। ପରେ ଏକ ମନୋରଞ୍ଜନଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପୁରସ୍କାର ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଓ ସକ୍ରିୟ ଭୂମିକା ପାଇଁ ବରିଷ୍ଠ ନାଗରିକମାନଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ଆବଶ୍ୟକତା ଅନୁଯାୟୀ ବରିଷ୍ଠ ନାଗରିକମାନଙ୍କୁ ଚାଲିବା ଲାଠି ଓ ଅଣ୍ଟା ବେଲ୍ଟ ବଣ୍ଟନ କରାଯାଇଥିଲା।ବରିଷ୍ଠ ନାଗରିକମାନଙ୍କ ସମାଜରେ ସେମାନଙ୍କ ପ୍ରତି ସମ୍ମାନ ଓ ଯତ୍ନର ଭାବନାକୁ ସୁଦୃଢ଼ କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

# ମାଛପଡା ସାଧନ କେନ୍ଦ୍ରର ସୁରଭି ପ୍ରତିଯୋଗିତା

**ଡେଲାଙ୍ଗ,୧୫।୧୦ (ନି.ପ୍ର):** ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ମାଛପଡା ଆଞ୍ଚଳିକ ସାଧନ କେନ୍ଦ୍ରର ସୁରଭି ପ୍ରତିଯୋଗିତା ଡେଲାଙ୍ଗ ଷ୍ଟେସନ ବଜାରସ୍ଥିତ ରାଧାକାନ୍ତ ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହୋଇଛି।ସିଆରସିସି ସୁଦୀପ୍ତ କୁମାର ପରିଡ଼ାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ଅତିଥି ଭାବେ ଏବିଇଓ ଲକ୍ଷ୍ମଣ ପ୍ରଧାନ,ବିଜୟ କୁମାର ସେଠୀ, ଅବସରପ୍ରାପ୍ତ ନୌସେନା ଅଧିକାରୀ ହରେକୃଷ୍ଣ ସ୍ୱାଇଁ, ଶିକ୍ଷାବିତ୍ ଶ୍ରୀଧର ପ୍ରଧାନ, ପରିଚାଳନା କମିଟି ଅଧ୍ୟକ୍ଷ ଅଜୟ ପାଇକରାୟ ,ସିଆରସିସି ପବିତ୍ର ପଣ୍ଡା ପ୍ରମୁଖ ଯୋଗଦେଇ ସମୃଦ୍ଧ ଭାଷା ଓ ସମୃଦ୍ଧ ଓଡିଶା ପ୍ରସଙ୍ଗ ଆଧାରରେ ପ୍ରତିଯୋଗିତା ହୋଇଥିବା ବେଳେ ସୁରଭି ହିଁ ଛାତ୍ର ଛାତ୍ରୀମାନଙ୍କ ଲୁକ୍କାୟିତ ପ୍ରତିଭା ପ୍ରକାଶିତର ପ୍ରକୃଷ୍ଟ ମାଧ୍ୟମ ବୋଲି ଅତିଥି ମାନେ କହିଥିଲେ। କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଆୟୋଜିତ ପୁରସ୍କାର ବିତରଣ ସଭାରେ ରାଧାକାନ୍ତ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଅଜୟ କୁମାର ଭୋଇ ସଭାପତିତ୍ୱ କରିଥିଲେ। କନିଷ୍ଠ ଓ ବରିଷ୍ଠ ବର୍ଗ ର ମୋଟ ୨୦୭ ଜଣ ଛାତ୍ର ଛାତ୍ରୀ ଏଥିରେ ଅଂଶ ଗ୍ରହଣ କରିଥିଲେ।୧୧ ଟି ବିଦ୍ୟାଳୟର ଭିନ୍ନଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥବା ଛାତ୍ରଛାତ୍ରୀ ମଣ୍ଡଳସ୍ତରୀୟ ସୁରଭି ପ୍ରତିଯୋଗିତାକୁ ମନୋନୀତ ହୋଇଥିବା ନେଇ ସିଆରସିସି ଶ୍ରୀ ପରିଡ଼ା ସୂଚନା ଦେଇଥିଲେ ।ନୃତ୍ୟରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ୧ମ ସ୍ଥାନ ଅଧିକାର କରିଥିଲେ । ଶିକ୍ଷୟିତ୍ରୀ ରଶ୍ମିତା ସାହୁ ମଞ୍ଚ ପରିଚାଳନା କରିଥିଲେ । ବିଚାରକ ଭାବେ ପ୍ରଧାନଶିକ୍ଷକ ମହେଶ୍ୱର ମହାରଣା,ଦୀପକ ଛାଟୋଇ, ସତ୍ୟକାମ୍ ମହାପାତ୍ର ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ମିଶ୍ର,ଗୀତାରାଣୀ ସେଠୀ, ସସ୍ମିତା ପୃଷ୍ଟି,ଇତିପ୍ରଭା ପାଇକ ରାୟ , ନମ୍ରତା ନାୟକ ଯୋଗଦେଇଥିଲେ । ଏଥିରେ ଶିକ୍ଷକ ସତ୍ୟ ନାରାୟଣ ସୋରେନ ,ମମତା ମଞ୍ଜରୀ ପ୍ରଧାନ, ଶାଶ୍ୱତ ପ୍ରିୟଦର୍ଶୀ, ଦେବାଶିଷ ମହାପାତ୍ର,ପରମାନନ୍ଦ ମାଝୀ, କର୍ମଚାରୀ ମନୋଜ ପରିଡ଼ା ସହଯୋଗ କରିଥିଲେ। ମଞ୍ଚରେ ରଧାକାନ୍ତ ବିଦ୍ୟାପୀଠର କ୍ରୀଡା ଶିକ୍ଷକ ନଟବର ସେଠୀ ଓ ଶ୍ରେଷ୍ଠ ଦୁଇ କ୍ରୀଡା ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



# ଦୁର୍ଗା ପୂଜା ପାଳନ ଉପଲକ୍ଷେ ଶାନ୍ତି କମିଟି ବୈଠକ

**ଜଗତସିଂହପୁର, ୧୫।୧୦ (ନି.ପ୍ର):** ଆଜି ପୂର୍ବାହ୍ନ ରେ ଜଗତସିଂହପୁର ଉପ ଜିଲ୍ଲାପାଳ ଙ୍କ ପ୍ରକୋଷ୍ଠରେ ଦୁର୍ଗାପୂଜା ନିମନ୍ତେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି ।ଏହି ବୈଠକରେ ଅଧ୍ୟକ୍ଷତା କରି ଉପଜିଲ୍ଲାପାଳ ଶ୍ରୀ ପ୍ରଶାନ୍ତ କୁମାର ତରାଇ ଜଗତସିଂହପୁର ସହରରେ ଚଳିତ ଦୁର୍ଗା ପୂଜା, ରାବଣ ପୋଡ଼ି ଓ ଭସାଣି ଉତ୍ସବ ଶାନ୍ତି ଶୃଙ୍ଖଳାର ସହିତ ପାଳନ କରିବାକୁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଗାଲୁପଡ଼ା ଠାରୁ ପୋଷ୍ଟ ଅଫିସ ଛକ, କଲେଜ ଛକ ଠାରୁ ଚାଟରା ବ୍ରିଜ , ଜୀରା ଠାରୁ ଚର୍ଚ୍ଚିକା ବଜାର, କୋର୍ଟ ଛକ ଠାରୁ ଓହଳ,



ସାଥୀ ଭଉଣୀ ମେଢ଼ ଠାରୁ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ(ଜୟବଡ), ବଙ୍ଗଳା ଛକ ଠାରୁ ପୁରୋହିତପୁର, ଗାନ୍ଧି ଛକ ଠାରୁ ସର୍କିଟ ହାଉସ ପର୍ଯ୍ୟନ୍ତ ରାସ୍ତା ମରାମତି ଆସନ୍ତା କାଲି ସୁଦ୍ଧା ଶେଷ କରିବାକୁ ଓ ରାସ୍ତା ଉପରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ଗଛର ଡାଳ ଗୁଡ଼ିକୁ କାଟିବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଥିଲା। ପୂଜା ଆଉ ଦୁଇ ଦିନ ଥିବାରୁ ତ୍ୱରିତ ବେଗରେ ସମସ୍ତ କାର୍ଯ୍ୟ ସମାପନ ସହ ଏହାର ସାର୍ଟିଫିକେଟ ପ୍ରଦାନ ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଓହଳି ରହିଥିବା ବିଦ୍ୟୁତ ତାର କୁ ଉପରକୁ ଉଠାଇବା, ପୂଜା ବା ଭସାଣୀ ରେ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ,ଷ୍ଟ୍ରିଟ ଲାଇଟ୍ ମରାମତି, ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବା, ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ମେଢ଼ ନିକଟରେ ପୋଲିସ ମୁତୟନ କରିବା, ଦୁର୍ଗା ପୂଜା ସମୟରେ ଡିଜେ ନ ବଜାଇବା, ଅସ୍ଥାୟୀ ପୋଖରୀ ଖନନ କରିବା, ଦୁର୍ଗା ପୂଜା ସମୟରେ ଭାରୀ ଯାନ ଚଳାଚଳ ଉପରେ କଟକଣା ଲାଗୁ କରିବା, ପ୍ରତି ମେଢ଼ ନିକଟରେ ସଂପୃକ୍ତ କମିଟି ତରଫରୁ ସ୍ଵେଚ୍ଛାସେବୀ ନିୟୋଜିତ କରିବା ଓ ଆବଶ୍ୟକ ସ୍ଥଳେ ସି ସି ଟି ଭି ଲଗାଇବା ,ଭସାଣୀ ଯାତ୍ରା କୁ ଶାନ୍ତି ଶୃଙ୍ଖଳା ସହିତ ସମାପନ କରିବା, ଭସାଣୀ ଦିନ ମେଢ଼ ଗୁଡ଼ିକ କ୍ରମାନ୍ୱୟରେ ବସିବା ଏବଂ ରାତ୍ର ୧୦ ଘଟିକା ସୁଦ୍ଧା ମୂର୍ତ୍ତି ବିସର୍ଜନ କରିବା ଇତ୍ୟାଦି ବିଷୟରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଶାନ୍ତି କମିଟିର ସଦସ୍ୟ ଶ୍ରୀ ସତ୍ୟବ୍ରତ ମହାପାତ୍ର, ଶ୍ରୀ ବିନାୟକ ପଟ୍ଟନାୟକ,ଶ୍ରୀ ହେମନ୍ତ କୁମାର ରଥ,ଶ୍ରୀ ରତ୍ନାକର ବିଶ୍ୱାଳ,ଲାଲା ବିକ୍ରମ କେଶରୀ ରାୟ,ଶ୍ରୀ ରଶ୍ମିକାନ୍ତ ସାହୁ , ଶ୍ରୀରାମ କ୍ଲବ୍ ର ସମ୍ପାଦକ ଶ୍ରୀ ବିଜୟ ରାଉତ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ,ପୌର ପରିଷଦର ନିର୍ବାହୀ ଅଧିକାରୀ, ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।ବୈଠକରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରିଥିଲେ।

# ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ



**ଜଟଣୀ, ୧୫।୧୦ (ନି.ପ୍ର):** ଜାମୁକୋଳି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ, ୧୪ ଅକ୍ଟୋବର ୨୦୨୬ ଦିନ ଖୁବ୍ ଧୁମଧାମର ସହିତ ସୁରଭି କାର୍ଯ୍ୟକ୍ରମ ହୋଇ ଯାଇଛି । କାର୍ଯ୍ୟକ୍ରମଟି, ଛାତ୍ରଛାତ୍ରୀଙ୍କ ପ୍ରତିଭା, ସୃଜନଶୀଳତା ଏବଂ ସାହିତ୍ୟ, କଳା ଓ ସଂସ୍କୃତି ପ୍ରତିଭା ବିକାଶ ଲକ୍ଷ୍ୟରେ ଜଟଣୀ ବ୍ଲକ୍ ସ୍ତରୀୟ 'ସୁରଭି-୨୦୨୬' କାର୍ଯ୍ୟକ୍ରମ ଜାମୁକୋଳି ପ୍ରଥମିକ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟରୁ ୩୩୦ ଜଣ ଛାତ୍ରଛାତ୍ରୀ ୧୨ଟି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମକୁ ଜଟଣୀ ନିର୍ବାଚନ ମଣ୍ଡଳୀର ବିଧାୟକ ଶ୍ରୀ ବିଭୂତି ଭୂଷଣ ବଳବନ୍ତରାୟ, ଉଦଘାଟନ କରିଥିଲେ । ଏତଦବ୍ୟତୀତ ଜଟଣୀ ବ୍ଲକ୍‌ର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ବସନ୍ତ କୁମାର, ଗୋଷ୍ଠୀ ଶିକ୍ଷା ଅଧିକାରୀ ଡଃ ନିହାରିକା ପଣ୍ଡା, ଜାମୁକୋଳି ସରପଞ୍ଚ ଶ୍ରୀମତୀ ଗୀତାଞ୍ଜଳି ରାଉତ, ଏବିଇଓ ତଥା ବିଆର୍ ସିସି ଶ୍ରୀ ପୂର୍ଣ୍ଣଚନ୍ଦ୍ର ବେହେରା, ଏବିଇଓ ଶ୍ରୀମତୀ ପ୍ରମିଳା ସାହୁ, ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଶ୍ରୀ ଶରତ ନାୟକ ଏବଂ ପଞ୍ଚସଖା ଶିକ୍ଷା ସେତୁ କମିଟିର ଅଧ୍ୟକ୍ଷ ଶ୍ରୀ ବିଭୂତି ଭୂଷଣ ନାୟକ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଆୟୋଜନ କରିଥିଲେ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ସୁଶାନ୍ତ କୁମାର ଭୋଲ, ଜାମୁକୋଳି ସିଆର୍‌ସିସି ଶ୍ରୀ ହାଡ଼ିବନ୍ଧୁ ବେହେରା, ବ୍ଲକ୍‌ର ସମସ୍ତ ସିଆର୍‌ସିସି, ପ୍ରଧାନଶିକ୍ଷକ ଓ ଗାଇଡ୍ ଶିକ୍ଷକ, ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ରହି ସମସ୍ତ ସହଯୋଗ କରିଥିଲେ । ପ୍ରତିଯୋଗିତା ଗୁଡ଼ିକରେ ଛାତ୍ରଛାତ୍ରୀ ମାନେ ଉତ୍ସାହର ସହ ଅଂଶଗ୍ରହଣ କରି ନିଜର ଜ୍ଞାନ କୌଶଳ, କଳାତ୍ମକ ଦକ୍ଷତା ଓ ସୃଜନଶୀଳତା ପ୍ରଦର୍ଶନ ଦେଖାଇଥିଲେ । ଉପସ୍ଥିତ ଅତିଥିମାନେ ଛାତ୍ରଛାତ୍ରୀ ମାନଙ୍କ ସର୍ବାଙ୍ଗୀନ ବିକାଶରେ ଏପରି ମଞ୍ଚର ଗୁରୁତ୍ୱ ଉପରେ ଆଲୋକପାତ କରି କହିଥିଲେ, ଛାତ୍ରଛାତ୍ରୀଙ୍କୁ ଉପଯୁକ୍ତ ସୁଯୋଗ ଓ ପ୍ରୋତ୍ସାହନ ମିଳିଲେ ପ୍ରତ୍ୟେକ ଶିଶୁର ପ୍ରତିଭା ବିକଶିତ ହୋଇପାରିବ । କାର୍ଯ୍ୟକ୍ରମଟି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ, ଆତ୍ମବିଶ୍ୱାସ ଓ ସୃଜନଶୀଳତା ବଢ଼ାଇବା ସହ ତାଙ୍କର ଲୁକ୍କାୟିତ ପ୍ରତିଭା ପ୍ରଦର୍ଶନ ପାଇଁ ଏକ ଉପଯୁକ୍ତ ମଞ୍ଚ ସୃଷ୍ଟି କରିଥିଲା । ଅତିଥିବୃନ୍ଦଙ୍କ ଦ୍ୱାରା ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା।

# କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମର କୃତି ପ୍ରତିଯୋଗୀଙ୍କୁ ମାର୍‌ୱାଡି ହାଇସ୍କୁଲରେ ସମ୍ବର୍ଦ୍ଧନା



**କଟକ, ୧୫।୧୦ (ନି.ପ୍ର):** ବୁଧବାର ପୂର୍ବାହ୍ନରେ ମାର୍ ୱାଡି ହାଇସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀ ବିଶ୍ୱନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ କୁଇଜ୍ ପ୍ରତିଯୋଗିତା ଓ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଆସନ୍ତା ଅକ୍ଟୋବର ମାସ ୨୪ ତାରିଖରେ କୁଇଜାର୍ଡ ଅନୁଷ୍ଠାନ ତରଫରୁ ସହିଦ ଭବନ ଠାରେ ଅନୁଷ୍ଠିତ ହେବାକୁ ଥିବା କୁଇଜ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଏକ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଅତିଥି ଭାବରେ ଯୋଗଦାନ କରିଥିଲେ ବିଦ୍ୟାଳୟର ପୂର୍ବତନ ଛାତ୍ର ତଥା ବରିଷ୍ଠ ଫଟୋ ସାମ୍ବାଦିକ ଶ୍ରୀଯୁକ୍ତ ସରୋଜ କୁମାର ମଲ୍ଲିକ। ସରୋଜ ମଲ୍ଲିକଙ୍କୁ ବିଦ୍ୟାଳୟ ପକ୍ଷରୁ ଉତ୍ତରୀ ଦେଇ ବିଶେଷ ଭାବରେ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ବରିଷ୍ଠ ଶିକ୍ଷୟିତ୍ରୀ ଶ୍ରୀମତୀ ବନିତା ବେହେରା, ନିଳିମା ସାହୁ, ସୁସ୍ମିତା ସାହୁ, ହେମନ୍ତ ନାଥ, ବିପ୍ଳବିକା ମିଶ୍ର, ପ୍ରିତୀମୟୀ ରାଉତ ଓ ରୁନୁମୟୀ ଦେବୀ।

# ଭୁବନେଶ୍ୱରରେ ସର୍ବବୃହତ କିସ୍‌ନା ଜୁଏଲାରୀ ଶୋ'ରୁମ ଉଦ୍‌ଘାଟିତ

**ଭୁବନେଶ୍ୱର, ୧୫।୧୦ (ନି.ପ୍ର):** ଭାରତର ଅନ୍ୟତମ ପ୍ରମୁଖ ଜୁଏଲାରୀ ବ୍ରାଣ୍ଡ କିସ୍‌ନା ଡାଇମଣ୍ଡ ଆଣ୍ଡ ଗୋଲ୍ଡ ଜୁଏଲାରୀ ପକ୍ଷରୁ ଆଜି ଭୁବନେଶ୍ୱରର ଜନପଥଠାରେ ଏହାର ଦେଶର ସର୍ବବୃହତ ଶୋ'ରୁମର ଉଦ୍‌ଘାଟନ କରିଛି, ଯାହା କମ୍ପାନୀର ଖୁଚୁରା ସମ୍ପ୍ରସାରଣ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତାକୁ ସୂଚିତ କରୁଛି। ଦୁଇଟି ସ୍ତରରେ ୪୦୫୬ ବର୍ଗଫୁଟ ଅଂଚଳରେ ପରିବ୍ୟାପ୍ତ ଏହି ଶୋ'ରୁମ ପ୍ରାୟ ୨୪ କୋଟି ଟଙ୍କାର ଏକ ନିବେଶର ପ୍ରତିନିଧିତ୍ୱ କରୁଛି। ଏହି ବିଶାଳ ଉଦ୍‌ଘାଟନ ସମାରୋହରେ ବଲିଉଡ ଅଭିନେତ୍ରୀ ସୋନଲ ଚୌହାନ ଏବଂ ହରି କ୍ରିଷ୍ଣା ଗ୍ରୁପ ଓ କିସ୍‌ନା ଡାଇମଣ୍ଡ ଆଣ୍ଡ ଗୋଲ୍ଡ ଜୁଏଲାରୀର ପ୍ରତିଷ୍ଠାତା ଘନଶ୍ୟାମ ଢୋଲକିଆ ଯୋଗ ଦେଇଥିଲେ।

ଏହି ଶୁଭାରମ୍ଭ ଓଡିଶାରେ କିସ୍‌ନାର ୯ମ ଏକ୍ସକ୍ଲୁସିଭ ଶୋ'ରୁମକୁ ସୂଚିତ କରୁଛି, ଯାହା ପୂର୍ବ ଭାରତରେ କମ୍ପାନୀର ଉପସ୍ଥିତି ମଜବୁତ କରିଛି, ଏହା ସାମଗ୍ରିକ ବ୍ୟବସାୟିକ ଯୋଗଦାନ ଦୃଷ୍ଟିକୋଣରୁ ବ୍ରାଣ୍ଡର ୨ୟ ସର୍ବବୃହତ ଅଂଚଳ ଅଟେ। ଦେଶବ୍ୟାପୀ ୧୭୧ଟି ଏକ୍ସକ୍ଲୁସିଭ ଶୋ'ରୁମ ସହିତ କିସ୍‌ନା ୨୦୨୬ ଶେଷ ସୁଦ୍ଧା ମେଟ୍ରୋ ସହର ବ୍ୟତୀତ ଟିୟର ୨ ଓ ଟିୟର ୩ ସହରଗୁଡିକରେ ଏହାର ଷ୍ଟୋର ସଂଖ୍ୟା



୨୦୦କୁ ବୃଦ୍ଧି କରି ନିଜର ନେଟୱର୍କ ସମ୍ପ୍ରସାରଣ ପାଇଁ ଲକ୍ଷ୍ୟ ରଖିଛି।

ରଣନୈତିକ ଭାବେ ଭୁବଶ୍ୱେରର ଅନ୍ୟତମ ପ୍ରମୁଖ ବାଣିଜ୍ୟିକ ସ୍ଥାନ, ପ୍ଲଟ ନମ୍ବର ୬୬୨(ବି), ରିଜିଓନାଲ ପିଏଫ ଅଫିସ ବିପରୀତ, ଜନପଥ ରୋଡଠାରେ ଅବସ୍ଥିତ ଏହି ଫ୍ଲାଗସିପ ଶୋ'ରୁମ ଗୋଟିଏ ଛାତ ତଳେ କିସ୍‌ନାର ହୀରା ଓ ସୁନା ଅଳଙ୍କାରର ବିସ୍ତୃତ ପୋର୍ଟଫୋଲିଓକୁ ଏକତ୍ରିତ କରିଛି। ଏକ ଉନ୍ନତ ରିଟେଲ ଅନୁଭୂତି ପ୍ରଦାନ କରିବା ପାଇଁ ଡିଜାଇନ ହୋଇଥିବା ଏହି ବିସ୍ତୃତ ଶୋ'ରୁମରେ ଦୈନନ୍ଦିନ ପରିଧାନ, ପାର୍ବଣ ଉତ୍ସବ, ଉପହାର ଓ ବିବାହ ପାଇଁ ଆବଶ୍ୟକ ଅଳଙ୍କାର ସଂଗ୍ରହ ଉପଲବ୍ଧ ରହିଛି। ଏହି ସଂଗ୍ରହରେ ରିଙ୍ଗ, ଇୟରିଙ୍ଗ, ପେଣ୍ଡାଂଟ, ମଙ୍ଗଳସୂତ୍ର, ନେକ୍‌ଲେସ, ବ୍ୟାଙ୍ଗେଲ ଓ ବ୍ରେସଲେଟ ଆଦି ଅର୍ନ୍ତଭୁକ୍ତ ରହିଛି ଯାହା ଉତ୍କୃଷ୍ଟ କାରିଗରୀ, ଆଧୁନିକ ଡିଜାଇନ ଓ ସୁଲଭ ମୂଲ୍ୟକୁ ଏକତ୍ରିତ କରିଛି।

ଏହି ଉଦ୍‌ଘାଟନ ସମାରୋହରେ ହରି କ୍ରିଷ୍ଣା ଏକ୍ସପର୍ଟସ ଏବଂ କିସ୍‌ନା ଡାଇମଣ୍ଡ ଆଣ୍ଡ ଗୋଲ୍ଡ ଜୁଏଲାରୀର ପ୍ରତିଷ୍ଠାତା ଓ ପରିଚାଳନା ନିର୍ଦ୍ଦେଶକ ଘନଶ୍ୟାମ ଢୋଲକିଆ କହିଛନ୍ତି, 'ଭୁବନେଶ୍ୱରରେ, ଆମର ଭାରତର ସବୁଠାରୁ ବଡ ଶୋ'ରୁମର ଶୁଭାରମ୍ଭ, ଓଡିଶାର ଅଭିବୃଦ୍ଧି କ୍ଷମତାରେ ଆମର ଆତ୍ମବିଶ୍ୱାସ ଏବଂ ସଂଗଠିତ ଅଳଙ୍କାର ପାଇଁ ବଢୁଥିବା ଚାହିଦାକୁ ପ୍ରତିଫଳନ କରୁଛି। ପୂର୍ବ ଭାରତ ଆମର ବ୍ୟବସାୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନକାରୀ ଭାବେ ଉଭା ହୋଇଥିବା ବେଳେ ଆମେ ଏହି ଅଂଚଳରେ ଆମର ଉପସ୍ଥିତିକୁ ଆହୁରି ବ୍ୟାପକ କରିବା ପାଇଁ ମଜବୁତ ସୁଯୋଗ ପରିଲକ୍ଷିତ କରୁଛୁ। ଆମର ଫ୍ରାଂଚାଇଜି ପାର୍ଟନରଙ୍କ ଠାରେ ଆମର ଆତ୍ମବିଶ୍ୱାସ ଏବଂ ଆମର ଫୋଫୋ ମଡେଲର ଶକ୍ତି ଆମକୁ ଗ୍ରାହକଙ୍କ ନିକଟରେ ଗୁଣାତ୍ମକ ହୀରା ଓ ସୁନା ଅଳଙ୍କାର ପହଂଚାଇବା ପାଇଁ ସକ୍ଷମ କରିବା ସହିତ ଏକ ସ୍ଥାୟୀ ରିଟେଲ ଅନୁଭୂତି ପ୍ରଦାନ କରୁଛି।

# ନୂତନ ଶ୍ରମ ସଂହିତା ଉପରେ ଖୋର୍ଦ୍ଧାରୋଡ଼୍ ମଣ୍ଡଳ ପକ୍ଷରୁ ସଚେତନତା ପ୍ରଶିକ୍ଷଣ ଶିବିର

ଖୋର୍ଦ୍ଧା,୧୫।୧୦: ପୂର୍ବତଟ ରେଳପଥର ଖୋର୍ଦ୍ଧାରୋଡ଼୍ ମଣ୍ଡଳ ପକ୍ଷରୁ ନୂତନ ଶ୍ରମ ସଂହିତାର ବିଭିନ୍ନ ବ୍ୟବସ୍ଥା, ଏହାର ଗୁରୁତ୍ୱ ଓ ଆବଶ୍ୟକତା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ନିମନ୍ତେ ମଣ୍ଡଳ ରେଳ ପ୍ରବନ୍ଧକଙ୍କ ସମ୍ମିଳନୀ କକ୍ଷରେ ଏକ ସଚେତନତା ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଥିଲା। ମଣ୍ଡଳର ବିଭିନ୍ନ ବିଭାଗ ଏବଂ ସେଗୁଡ଼ିକରେ କାର୍ଯ୍ୟରତ ଠିକା ଶ୍ରମିକମାନଙ୍କ ସହ ଜଡ଼ିତ କର୍ମଚାରୀଙ୍କୁ ଶ୍ରମ ଆଇନ ଓ ଶ୍ରମିକ କଲ୍ୟାଣ ସମ୍ବନ୍ଧୀୟ ବ୍ୟବସ୍ଥା ବିଷୟରେ ଅବଗତ କରାଇବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧାରୋଡ଼୍ ମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ପରିଚାଳନା) ପି. କେ. ବେହେରା, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଭିତ୍ତିଭୂମି) ଶ୍ରୀ ରାଜଧାରୀ ଯାଦବ, ବିଭିନ୍ନ ବିଭାଗର ଶାଖା ଅଧିକାରୀ, ପର୍ଯ୍ୟବେକ୍ଷକ ଏବଂ ରେଳ କାର୍ଯ୍ୟରେ ନିୟୋଜିତ ଠିକା ଶ୍ରମିକଙ୍କ ସମ୍ବନ୍ଧିତ କାର୍ଯ୍ୟ ପରିଚାଳନା କରୁଥିବା କର୍ମଚାରୀମାନେ ଯୋଗଦେଇଥିଲେ।

ଏହି ଶିବିରରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଡିଏଫସିସିଆଇଏଲ୍ ?ର ପୂର୍ବତନ ମୁଖ୍ୟ କାର୍ମିକ ଅଧିକାରୀ ତଥା ମାନବ ସମ୍ବଳ ବିଭାଗର ପୂର୍ବତନ ମହାପ୍ରବନ୍ଧକ ଶ୍ରୀ ହରି କ୍ରିଷ୍ଣନ୍ ନୂତନ ଶ୍ରମ ସଂହିତାର ବିଭିନ୍ନ ବ୍ୟବସ୍ଥା ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ସେ ଶ୍ରମିକଙ୍କ କଲ୍ୟାଣ, କାର୍ଯ୍ୟସ୍ଥଳର ସୁରକ୍ଷା, ନିର୍ଦ୍ଧାରିତ



ସମୟରେ ମଜୁରି ପ୍ରଦାନ, ଉପଯୁକ୍ତ କାର୍ଯ୍ୟ ପରିବେଶ ଏବଂ ରେଳ କାର୍ଯ୍ୟରେ ନିୟୋଜିତ ଠିକାଦାରମାନଙ୍କ ଆଇନଗତ ଦାୟିତ୍ୱ ସମ୍ପର୍କରେ ଉପସ୍ଥିତ ଅଧିକାରୀ ଓ କର୍ମଚାରୀମାନଙ୍କୁ ବୁଝାଇଥିଲେ।ପ୍ରଶିକ୍ଷଣ ଶିବିରରେ ଶ୍ରମ ଆଇନର ଅନୁପାଳନ, ଆବଶ୍ୟକ ଅନୁମତିପତ୍ର, ଅନୁଜ୍ଞାପତ୍ର ଏବଂ ଅନ୍ୟାନ୍ୟ ଆଇନଗତ ଆବଶ୍ୟକତା ସମ୍ପର୍କରେ ଉପସ୍ଥିତ ଅଧିକାରୀମାନଙ୍କ ସନ୍ଦେହ ଦୂର କରାଯାଇଥିଲା। ଶ୍ରମିକ କଲ୍ୟାଣ ସମ୍ବନ୍ଧୀୟ ବ୍ୟବସ୍ଥାଗୁଡ଼ିକର ସଫଳ ରୂପାୟନ ନିମନ୍ତେ ରେଳ ପ୍ରଶାସନ, ଠିକାଦାର ଓ ଶ୍ରମ ବିଭାଗର ଅଧିକାରୀମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।ରେଳ ପ୍ରତିଷ୍ଠାନଗୁଡ଼ିକରେ କାର୍ଯ୍ୟରତ ଠିକା ଶ୍ରମିକମାନଙ୍କ ସୁରକ୍ଷା, କଲ୍ୟାଣ ଓ ସାମାଜିକ ସୁରକ୍ଷା ସୁନିଶ୍ଚିତ କରିବା ସହ ପ୍ରଯୁଜ୍ୟ ଶ୍ରମ ଆଇନ ଓ ଅନ୍ୟାନ୍ୟ ଆଇନଗତ ବ୍ୟବସ୍ଥାର ପୂର୍ଣ୍ଣ ଅନୁପାଳନ କରିବା ଉପରେ ଏହି ଶିବିରରେ ବିଶେଷ ଗୁରୁତ୍ୱାରୋପ କରାଯାଇଥିଲା। ଏଥିସହ ସୁରକ୍ଷିତ, ନ୍ୟାୟସଙ୍ଗତ ଓ ଶ୍ରମିକ ଅନୁକୂଳ କାର୍ଯ୍ୟ ପରିବେଶ ବଜାୟ ରଖିବା ଦିଗରେ ସମସ୍ତ ସମ୍ପୃକ୍ତ ପକ୍ଷଙ୍କ ଦାୟିତ୍ୱ ସମ୍ପର୍କରେ ସଚେତନ କରାଯାଇଥିଲା। ଖୋର୍ଦ୍ଧାରୋଡ଼୍ ମଣ୍ଡଳର ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ ଶ୍ରୀ ପୋନ୍ନା ଭେଙ୍କଟେଶ ଏବଂ ମଣ୍ଡଳ କାର୍ମିକ ଅଧିକାରୀ ଶ୍ରୀ ଅମରେନ୍ଦ୍ରନାଥ ମିଶ୍ରଙ୍କ ମାର୍ଗଦର୍ଶନରେ ତଥା ମଣ୍ଡଳର ସମସ୍ତ ଶ୍ରମିକ କଲ୍ୟାଣ ନିରୀକ୍ଷକଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଥିଲା।

## ଯୋଡ଼ା ଓମେନ୍ସ କଲେଜରେ ବିସିଜେଡିର ବାଜିମାତ

ଯୋଡ଼ା୧୫।୧୦(ନି.ପ୍ର.): ଯୋଡ଼ା ମହିଳା ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନରେ ବିସିଜେଡି ସମର୍ଥିତ ପ୍ରାର୍ଥୀମାନେ ସମସ୍ତ ପ୍ରମୁଖ ପଦବିରେ ବିଜୟୀ ହୋଇଛନ୍ତି। ସଭାପତି ପଦରେ ବେଲ ପେଣ୍ଠେଇ ୧୯୦ ଖଣ୍ଡ ଭୋଟ ପାଇ ଜୟଶ୍ରୀ ପାଣିଗ୍ରାହୀଙ୍କୁ ୮୨ ଭୋଟରେ ପରାସ୍ତ କରିଥିବାବେଳେ ସମ୍ପାଦକ ପଦରେ ଲିଜା ପାତ୍ର ୧୯୪ ଖଣ୍ଡ ଭୋଟ ପାଇ ସାଇପ୍ରିୟା ରାଉତଙ୍କୁ ୯୧ ଭୋଟରେ ହରାଇଛନ୍ତି। ମୋଟ ୩୬୬ ଭୋଟରଙ୍କ ମଧ୍ୟରୁ ୩୧୩ ଜଣ ମତଦାନ କରିଥିବାରୁ ମତଦାନ ହାର ୮୫.୫୭ ପ୍ରତିଶତ ରହିଥିଲା। ଉପସଭାପତି ଭାବେ ଖୁସି ପ୍ରିୟା ମହାକୁଡ଼ଙ୍କ ସମେତ ଅନ୍ୟ ପଦବିରେ ମଧ୍ୟ ବିସିଜେଡି ସମର୍ଥିତ ପ୍ରାର୍ଥୀମାନେ ବିଜୟୀ ହୋଇଛନ୍ତି।ଫଳାଫଳ ଘୋଷଣା ପରେ ବିଜୟୀ ପକ୍ଷର ସମର୍ଥକମାନେ ସ୍ଲୋଗାନ ଦେଇଥିବାବେଳେ ଏବିଭିପି ସମର୍ଥିତ ପ୍ରାର୍ଥୀଙ୍କ ସମର୍ଥକଙ୍କ ସହ ବାକ୍‌ବିତଣ୍ଡା ହୋଇଥିଲା। ଫଳରେ କଲେଜ ପରିସରରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା। ପୁଲିସ ହସ୍ତକ୍ଷେପ କରି ଉଭୟ ପକ୍ଷଙ୍କୁ ବୁଝାସୁଝା କରି ପରିସ୍ଥିତି ନିୟନ୍ତ୍ରଣ କରିଥିଲା।



## ଜଗତସିଂହପୁର ଜିଲ୍ଲା ରାଜପଥ ସୁରକ୍ଷା ଟାସ୍କ ଫୋର୍ସ ର ବୈଠକ

ଜଗତସିଂହପୁର(୧୫।୧୦(ନଦି.ପ୍ର.): ଜଗତସିଂହପୁର ଜିଲ୍ଲା ସଡ଼କ ସୁରକ୍ଷା ସମିତି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ଗୃହରେ ଅପରାହ୍ଣ ୪.୩୦ ଘଣ୍ଟିକା ରେ ରାଜପଥ ର ସୁରକ୍ଷା ଏବଂ ପ୍ରତିକାର ବିଷୟରେ ମାନ୍ୟବର ସୁପ୍ରିମକୋର୍ଟ ଙ୍କ ନିର୍ଦ୍ଦେଶରେ ଜିଲ୍ଲା ରାଜପଥ ସୁରକ୍ଷା ଟାସ୍କ ଫୋର୍ସ ବୈଠକ ଅନୁଷ୍ଠିତ ହୋଇଥିଲା।ଏହି ସଭାରେ ଅତିରିକ୍ତ ଜିଲ୍ଲାପାଳ ଜଗତସିଂହପୁର ଶ୍ରୀ ଜ୍ୟୋତି ଶଙ୍କର ରାୟ ପୌରହିତ୍ୟ କରିଥିଲେ, ଅତିରିକ୍ତ ଜିଲ୍ଲାପାଳ ପାରାଦୀପ ଶ୍ରୀ ନିରଞ୍ଜନ ବେହେରା , ଉପଜିଲ୍ଲାପାଳ ଶ୍ରୀ ପ୍ରଶାନ୍ତ କୁମାର ତରାଇ, ଉପସ୍ଥିତ ଥିଲେଛ ଏହି ଅବସରରେ ଆର୍ ଆଣ୍ଡ ବି, ଆର୍ ଡି, ଏନ୍ ଏଚ୍ ୫୫ ଏନ୍ ଏଚ ୫୩ ର କର୍ମକର୍ତ୍ତା ମାନେ ଯୋଗ ଦେଇଥିଲେ।ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ଦିପକ କୁମାର ସେଠୀ ଯୋଗଦେଇ ଜିଲ୍ଲା ମଧ୍ୟରେ ସମସ୍ତ ଜାତୀୟ ରାଜପଥ ଏବଂ ରାଜ୍ୟ ରାଜପଥ ପାଖରେ ଥିବା ଜବରଦଖଲ ହଟାଇବାକୁ ବିସ୍ତୃତ ଭାବରେ ଆଲୋଚନା କରିବା ସହ ଗଠନ ମୁଳକ ଭାବରେ ମନ୍ତବ୍ୟ ଉତ୍ଥାପନ କରିଥିଲେ, ତତ୍ସହ ତାର ପ୍ରତିକାର ବିଷୟରେ ସମ୍ପୃକ୍ତ ବିଭାଗ କୁ ତ୍ୱରାନ୍ୱିତ ପାଇଁ ତତ୍ପରତା କରାଇଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରାୟ ସଂପୃକ୍ତ ଜାତୀୟ ରାଜପଥ ୫୩ , ଜାତୀୟ ରାଜପଥ ୫୫ ଏବଂ ରାଜ୍ୟ ରାଜପଥ ୧୨ ରାସ୍ତା କଡ଼ରେ ଥିବା ଜବରଦଖଲ ଉଚ୍ଛେଦ ସହ ହାଇମାକ୍ସ ଲାଇଟ୍ ଲଗାଇବା କାର୍ଯ୍ୟ ତୁରନ୍ତ ସାରିବା ସହ ରାସ୍ତା ରେ ସଙ୍କେତ ମାନ ଲଗାଇବା କୁ ନିର୍ଦ୍ଦେଶ ଦେଇଥିଲେ। ତତ୍ପରେ ରାସ୍ତା ରେ ଆମ୍ବୁଲାନ୍ସ କୁ ସଠିକ ତରିକା ରେ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱାରୋପ ଦେବା ସହ ଉପସ୍ଥାପନା ହୋଇଥିବା କାର୍ଯ୍ୟ ଗୁଡ଼ିକୁ ଚଳିତ ମାସ ମଧ୍ୟରେ ଶିଘ୍ର ସାରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସଂପୃକ୍ତ ବିଭାଗ ମାନଙ୍କର ତରଫରୁ ତୁରନ୍ତ କାର୍ଯ୍ୟ ସାରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।ଶେଷରେ ପରିବହନ ଅଧିକାରୀ ଶ୍ରୀ ସେଠୀ ଧନ୍ୟବାଦ ଦେଇ ଥିଲେ । ଏଥିରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ର ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ।



## ଯାତ୍ରୀ ଆୟ ଓ ଟିକେଟ୍ ବୁକିଂରେ ପୂର୍ବତଟ ରେଳପଥର ଉଲ୍ଲେଖନୀୟ ଅଭିବୃଦ୍ଧି

ଭୁବନେଶ୍ୱର,୧୫।୧୦: ପୂର୍ବ ତଟ ରେଳପଥ ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ଛଅ ମାସରେ ଯାତ୍ରୀ ଆୟ କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି। ଗତ ଆର୍ଥିକ ବର୍ଷର ସମାନ ଅବଧି ତୁଳନାରେ ଯାତ୍ରୀ ଆୟରେ ୧୮.୦୧% ବୃଦ୍ଧି ରେକର୍ଡ କରାଯାଇଛି। ଏଥିସହିତ, ଏପ୍ରିଲ୍ ?ରୁ ସେପ୍ଟେମ୍ବର ୨୦୨୬ ମଧ୍ୟରେ ଯାତ୍ରୀ ଟିକେଟ୍ ବୁକିଂରେ ୧.୭୬% ଅଭିବୃଦ୍ଧି ହୋଇଛି, ଯାହା ରେଳ ଯାତ୍ରା ପ୍ରତି ଯାତ୍ରୀମାନଙ୍କର ନିରନ୍ତର ଆଗ୍ରହକୁ ପ୍ରତିଫଳିତ କରୁଛି।

ସେପ୍ଟେମ୍ବର ୨୦୨୬ ଶେଷ ସୁଦ୍ଧା ପୂର୍ବ ତଟ ରେଳପଥର ଯାତ୍ରୀ ଆୟ ୧,୦୭୯.୩୦ କୋଟି ଟଙ୍କାରେ ପହଞ୍ଚିଛି। ଗତବର୍ଷ ସମାନ ଅବଧିରେ ଏହି ଆୟ ୯୧୪.୬୨ କୋଟି ଟଙ୍କା ଥିଲା। ଯାତ୍ରୀ ଆୟରେ ହୋଇଥିବା ଏହି ବୃଦ୍ଧି ରେଳପଥର ଯାତ୍ରୀ ପରିବହନ ସେବାର ଉନ୍ନତ ପ୍ରଦର୍ଶନକୁ ସୂଚିତ କରୁଛି। ଯାତ୍ରୀ ଟିକେଟ୍ ବୁକିଂ ବୃଦ୍ଧି ତୁଳନାରେ ଯାତ୍ରୀ ଆୟରେ ଅଧିକ ଅଭିବୃଦ୍ଧି ହୋଇଥିବାରୁ ଯାତ୍ରୀ ପିଛା ହାରାହାରି ଆୟ ବୃଦ୍ଧି ପାଇଥିବା ଜଣାପଡ଼ିଛି। ଯାତ୍ରୀ ପିଛା ହାରାହାରି ଆୟ ପ୍ରାୟ ୨୪୦ ଟଙ୍କାରୁ ବୃଦ୍ଧି ପାଇ ୨୭୮ ଟଙ୍କାରେ ପହଞ୍ଚିଛି, ଯାହା ପ୍ରାୟ ୧୬% ଅଭିବୃଦ୍ଧିକୁ ଦର୍ଶାଉଛି।

ଏହି ଅଭିବୃଦ୍ଧିରେ ବନ୍ଦେ ଭାରତ ଓ ଅମୃତ ଭାରତ ଭଳି ଏସି ଏବଂ ପ୍ରିମିୟମ୍ ଟ୍ରେନ୍ ?ଗୁଡ଼ିକରେ ଯାତ୍ରୀଙ୍କ ଅଧିକ ଚାହିଦା, ନୂତନ ଟ୍ରେନ୍ ସେବା ଆରମ୍ଭ, ଚଳାଚଳ କରୁଥିବା ଟ୍ରେନ୍ ?ଗୁଡ଼ିକର ସମ୍ପ୍ରସାରଣ ଏବଂ ଗୁରୁତ୍ୱପୂର୍ଣ୍ଣ ମାର୍ଗରେ ଟ୍ରେନ୍ ?ଗୁଡ଼ିକରେ ଅତିରିକ୍ତ କୋଚ୍ ସଂଯୋଗ ଭଳି ପଦକ୍ଷେପ ସହାୟକ ହୋଇଛି। ପର୍ବପର୍ବାଣି ଓ ଛୁଟିଦିନରେ ଅତିରିକ୍ତ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ମଧ୍ୟ ଅଧିକ ଯାତ୍ରୀ ଚାହିଦା ପୂରଣ କରିବାରେ ସହାୟତା କରିଛି। ପର୍ଯ୍ୟଟନ ଓ ତୀର୍ଥଯାତ୍ରା ମାର୍ଗଗୁଡ଼ିକରେ ନିରନ୍ତର ଯାତ୍ରୀ ଚାହିଦା ସହିତ ଡିଜିଟାଲ୍ ଟିକେଟ୍ ବୁକିଂ ସୁବିଧାର ବ୍ୟାପକ ବ୍ୟବହାର ମଧ୍ୟ ଏହି ସଫଳତାରେ ଅବଦାନ ରଖିଛି।

ଯାତ୍ରୀ ଆୟ ବୃଦ୍ଧିରେ ପୂର୍ବ ତଟ ରେଳପଥର ସମସ୍ତ ମଣ୍ଡଳ ଅବଦାନ ରଖିଛନ୍ତି। ଖୋର୍ଦ୍ଧା ରୋଡ୍ ମଣ୍ଡଳ ୭୪୪.୯୬ କୋଟି ଟଙ୍କାର ଯାତ୍ରୀ ଆୟ କରି ଗତବର୍ଷ ତୁଳନାରେ ୧୮.୬୮% ଅଭିବୃଦ୍ଧି ହାସଲ କରିଛି। ସେହିପରି ସମ୍ବଲପୁର ମଣ୍ଡଳ ୧୩୩.୭୬ କୋଟି ଟଙ୍କା ଆୟ ସହିତ ୧୨.୭୮% ଅଭିବୃଦ୍ଧି ରେକର୍ଡ କରିଥିବାବେଳେ ରାୟଗଡ଼ା ମଣ୍ଡଳ ୫୩.୧୦ କୋଟି ଟଙ୍କା ଆୟ କରି ୨୪.୪୧% ଅଭିବୃଦ୍ଧି ହାସଲ କରିଛି। ଏହି




ସମନ୍ୱିତ ତଥ୍ୟରେ ୨୦୨୬ ଏପ୍ରିଲ୍ ଓ ମେ ମାସର ତତ୍କାଳୀନ ୱାଲଟିୟର ମଣ୍ଡଳର ପ୍ରଦର୍ଶନ ମଧ୍ୟ ଅନ୍ତର୍ଭୁକ୍ତ ରହିଛି।ସେପ୍ଟେମ୍ବର ୨୦୨୬ ଶେଷ ସୁଦ୍ଧା ପୂର୍ବ ତଟ ରେଳପଥରେ ମୋଟ ୩୮.୭୭ ମିଲିଅନ ଯାତ୍ରୀ ଟିକେଟ୍ ବୁକିଂ ହୋଇଛି। ଗତବର୍ଷ ସମାନ ଅବଧିରେ ଏହି ସଂଖ୍ୟା ୩୮.୧୦ ମିଲିଅନ ଥିଲା, ଯାହା ୧.୭୬% ଅଭିବୃଦ୍ଧିକୁ ଦର୍ଶାଉଛି।

ଟିକେଟ୍ ଯାଞ୍ଚ କାର୍ଯ୍ୟକ୍ରମ ମଧ୍ୟ ରେଳପଥର ରାଜସ୍ୱ ବୃଦ୍ଧିରେ ସହାୟକ ହୋଇଛି। ୩୦ ସେପ୍ଟେମ୍ବର ୨୦୨୬ ସୁଦ୍ଧା ପୂର୍ବ ତଟ ରେଳପଥ ଟିକେଟ୍ ବିନା ଯାତ୍ରା ଏବଂ ଅନିୟମିତ ଯାତ୍ରା ସମ୍ପର୍କିତ ୫.୧୫ ଲକ୍ଷ ମାମଲା ଚିହ୍ନଟ କରି ୩୬.୨୧ କୋଟି ଟଙ୍କା ଆଦାୟ କରିଛି। ଗତବର୍ଷ ସମାନ ଅବଧି ତୁଳନାରେ ଟିକେଟ୍ ଯାଞ୍ଚରୁ ଆୟରେ ୨୭.୨୮% ବୃଦ୍ଧି ହୋଇଛି। ଏହା ନିୟମିତ ଓ ଲକ୍ଷ୍ୟଭିତ୍ତିକ ଟିକେଟ୍ ଯାଞ୍ଚ ଅଭିଯାନ ମାଧ୍ୟମରେ ରାଜସ୍ୱ ଆଦାୟରେ ଉନ୍ନତିକୁ ପ୍ରତିଫଳିତ କରୁଛି।ଯାତ୍ରୀ ଆୟରେ ଏହି ସାମଗ୍ରିକ ଅଭିବୃଦ୍ଧି ରେଳ ଯାତ୍ରା ପ୍ରତି ଯାତ୍ରୀଙ୍କ ନିରନ୍ତର ଚାହିଦା, ବିଭିନ୍ନ ପ୍ରକାରର ଟ୍ରେନ୍ ସେବାର ଉପଲବ୍ଧତା, ଗୁରୁତ୍ୱପୂର୍ଣ୍ଣ ମାର୍ଗରେ ଯାତ୍ରୀ ପରିବହନ କ୍ଷମତା ବୃଦ୍ଧି ଏବଂ ରାଜସ୍ୱ ଆଦାୟକୁ ସୁଦୃଢ଼ କରିବା ପାଇଁ ନିରନ୍ତର ପ୍ରୟାସର ପରିଣାମ। ଯାତ୍ରୀମାନଙ୍କୁ ସୁବିଧାଜନକ ରେଳ ସେବା ଯୋଗାଇବା, ଟିକେଟ୍ ଯାଞ୍ଚ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଏବଂ ସାମଗ୍ରିକ ଯାତ୍ରା ଅନୁଭୂତିରେ ଉନ୍ନତି ଆଣିବା ଦିଗରେ ପୂର୍ବ ତଟ ରେଳପଥ ନିରନ୍ତର ପ୍ରୟାସ ଜାରି ରଖିଛି।

## ରାୟଗଡ ସଦର କ୍ଲଷ୍ଟରରେ ସୁରଭି

ରାୟଗଡ,୧୫।୧୦(ନି.ପ୍ର.): ପୌରାଞ୍ଚଳ ଦ୍ୱିତୀୟ କ୍ଲଷ୍ଟରରେ ବୁଧବାର କ୍ଲଷ୍ଟର ସ୍ତରୀୟ ସୁରଭି ସ୍ଥାନୀୟ ବ୍ରାହ୍ମଣ ସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଉଦଘାଟନୀ ଉତ୍ସବରେ ପିଏମଶ୍ରୀ ଗୋବିନ୍ଦ ଚନ୍ଦ୍ର



ଦେବ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନମିତା ପଧାନ, ଜିବିଏମ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ନିହାରିକା ବିଡିକା, ସ୍ଥାନୀୟ କାଉନସିଲର ଶୁଭ୍ରା ପଣ୍ଡା, ବ୍ରାହ୍ମଣ ସାହି ଉ ପ୍ରା ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମଲତା ମିଶ୍ର, ସି ଆର ସି ସି ପୁରନ୍ଦର ପାଣି ପ୍ରମୁଖ ମଞ୍ଚାସିନ ଥିଲେ। ଏଥିରେ ରାୟଗଡ ସହର ଦିତ୍ୱୀୟ କ୍ଲଷ୍ଟର ର ଚଉଦ ଗୋଟି ବିଦ୍ୟାଳୟର ଛାତ୍ର ଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ସୁରଭି ମଞ୍ଚ ଦୁଲୁକି ଉଠିଥିଲା ।ଉଦଯାପନୀ ଉତ୍ସବରେ ବରେଣ୍ୟ ଅତିଥିବୃନ୍ଦ କୃତି ଶିଶୁଙ୍କୁ କୃତି ପ୍ରମାଣପତ୍ର ସହ ପୁରସ୍କୃତ କରିଥିଲେ । ଏହି ଅବସରରେ ସମସ୍ତ ଅତିଥି ଓ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା । ଶିକ୍ଷକ ଅରୁଣ ଆଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ଆୟୋଜନରେ କ୍ଲଷ୍ଟର ର ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ । ପ୍ରଥମ ସ୍ଥାନ ଅଧିକାର କରିଥିବା ଶିକ୍ଷାର୍ଥୀ ଆଗାମୀ ଦିନରେ ବ୍ଲକ ସ୍ତରୀୟ ସୁରଭି ରେ ଅଂଶ ଗ୍ରହଣ କରିବେ ବୋଲି ସିଆରସିସି ଶ୍ରୀ ପାଣି କହିଛନ୍ତି ।

## ବେଆଇନ ମଦ କାରବାର ବିରୁଦ୍ଧରେ ଦାବିପତ୍ର ପ୍ରଦାନ

ରାଜଗାଙ୍ଗପୁର୧୫।୧୦(ନି.ପ୍ର.): : ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ଝଗରପୁର ସରପଞ୍ଚ ଲଳିତ ଲାକ୍ରା ଙ୍କ ନେତୃତ୍ୱରେ ୫୦ ରୁ ଉର୍ଦ୍ଧ ପୁରୁଷ ଓ ମହିଳା ଗ୍ରାମ ରେ ବେ ଆଇନ ମଦ କାରବାର ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ରାଜଗାଙ୍ଗପୁର ଅବକାରୀ ଥାନା ଅଧିକାରୀ ସଞ୍ଜୀବ



ଶର୍ମା ଙ୍କୁ ସାକ୍ଷାତ କରି ଝଗରପୁର ଗ୍ରାମ ରେ ଅନାୟାସରେ ଦେଶୀ ବିଦେଶୀ ମଦ ସହ ହାଣ୍ଡିଆ କାରବାର ବୃଦ୍ଧି ଯୋଗୁଁ ଗ୍ରାମରେ ଅଶାନ୍ତି ସୃଷ୍ଟି ହେଉଥିବା ଅଭିଯୋଗ କରି ମଦ କାରବାର ଓ ମଦୁଆ ଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବିପତ୍ର ଦେଇଥିଲେ। ଅବକାରୀ ଥାନା ଅଧିକାରୀ ସଞ୍ଜୀବ ଶର୍ମା ଉକ୍ତ ଘଟଣା ସମ୍ପର୍କରେ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶୃତି ଦେଇଥିଲେ।

## ତୁଳସୀକ୍ଷେତ୍ରରେ ହବିଷ୍ୟାଳୀ ଉତ୍ସବ-୨୦୨୬ ପାଇଁ ପ୍ରସ୍ତୁତି

କେନ୍ଦ୍ରାପଡ଼ା,୧୫।୧୦(ନି.ପ୍ର.): :କେନ୍ଦ୍ରାପଡା ତୁଳସୀକ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀବଳଦେବଜୀଉଙ୍କ ମନ୍ଦିରରେ ଗତ ୯ବର୍ଷ ହେଲା ଅନୁଷ୍ଠିତ ହୋଇଆସୁଥିବା ତୁଳସୀକ୍ଷେତ୍ର ହବିଷ୍ୟାଳୀ ଉତ୍ସବର ଚଳିତବର୍ଷ କାର୍ଯ୍ୟକ୍ରମ ପାଇଁ ଏକ ପ୍ରସ୍ତୁତି ବୈଠକ ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଶ୍ରୀମା ସ୍ୱାମୀ ଦିବ୍ୟ ସ୍ୱରୂପାନନ୍ଦ ସରସ୍ୱତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଚଳିତବର୍ଷ ଉତ୍ସବ ପରିଚାଳନା, ସ୍ୱେଚ୍ଛାସେବୀଙ୍କ ଭୂମିକା, ପରିମଳ, ସ୍ୱାସ୍ଥ୍ୟସେବା ଓ ସତ୍‌ସଙ୍ଗ ପରିଚାଳନା ପ୍ରଭୃତି ଉପରେ ଆଲୋଚନା କରାଯାଇ ବିଭିନ୍ନ ପ୍ରସ୍ତାବ ମାନ ଗ୍ରହଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ହବିଷ୍ୟାଳୀ ପରିଚାଳନା କମିଟି ଆବାହକ ଦ୍ରୌପଦୀ ରାଉତ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ମହାନ୍ତି, ସମାଜସେବୀ




ରାଜକିଶୋର ସାହୁ, ରମଣୀରଞ୍ଜନ ରାଉତରାୟ, ସୁଶାନ୍ତ ସ୍ୱାଇଁ, କ୍ଷୀରୋଦ ନାଥ, ସରୋଜକାନ୍ତ ଜେନା, ମନୋରଞ୍ଜନ ତ୍ରିପାଠୀ, ଶୁକାନ୍ତ କୁମାର ସାହୁ, ଶ୍ରୀଧର ମହାନ୍ତି, ପଙ୍କଜିନୀ ସାମଲ, କରୁଣାକର ଦାସ, ଭାରତୀ ସେନାପତି, ମାନିନୀ ସେନାପତି, ମମତାମୟୀ ସାମଲ, ଗୌତମ ସାହୁ, ଶୁଭେନ୍ଦୁ କୁମାର ବାରିକ, ଦେବାଶିଷ ସାହୁ, ଲଳିତ ସାହୁ, ଦିବାକର ସାହୁ, ହିତେଶ ସ୍ୱରୂପ ସେନାପତି, ବିକାଶ ଚନ୍ଦ୍ର ସ୍ୱାଇଁ, ଆଲୋକ ସେନାପତି, ନିରୁପମା ରାଉତ, ପ୍ରଜ୍ଞା ପ୍ରଗଲ୍‌ଭା ଚୟନୀ, ସନ୍ତୋଷ ପଣ୍ଡା, ଶୁଭାଂଶୁ ଦାସ, ବଳଦେବ ସେନା ଓ ଧର୍ମରକ୍ଷା ସେନାର ସଭ୍ୟମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଆମେରିକା ସିନେଟର ଓ ମେୟରଙ୍କ କିଟ୍-କିସ୍ ପରିଦର୍ଶନ

## ୧୦ଜଣଙ୍କୁ 'କିଓ' ଜୀବନବ୍ୟାପୀ ସାଧନା ସମ୍ମାନ

ଭୁବନେଶ୍ୱର, ୧୫।୧୦(ନି.ପ୍ର.): ଆମେରିକାର ୱାଶିଂଟନ ରାଜ୍ୟର ସିନେଟର ତଥା ବିଭିନ୍ନ ସହରର ମେୟରଙ୍କ ସମେତ ବିଶିଷ୍ଟ ବ୍ୟକ୍ତି ଆଜି କିଟ୍ ଓ କିସ୍ ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କ




ସହ ଦୀର୍ଘ ସମୟ ଅତିବାହିତ କରିଥିଲେ। ଏହି ଅବସରରେ କିସରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ୱାଶିଂଟନ ରାଜ୍ୟର ୧୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ 'କିଟ୍-କିସ୍ ଇଜ୍ ୱାନ୍' (କିଓ) ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୱାଶିଂଟନ୍ ରାଜ୍ୟର ସିନେଟର ଟିନା ଲୁଇସ୍ ଓରୱାଲ୍, କେଣ୍ଟ ସହରର ମେୟର ଦାନା ଲିନ୍ ରାଲ୍ଫ, ଟୁକ୍ୱିଲା ମେୟର ଥୋମାସ୍ ୱେନ୍ ମ୍ୟାକ୍ଲିଓଡ୍, ଇସାକ୍ୱାର ମେୟର ମାର୍କ ଡଗ୍ଲାସ୍ ମୁଲେଟ୍, ମୁକିଲ୍‌ଟିଓର ମେୟର ଜୋସେଫ୍ ଡାନିଏଲ୍ ମେରିନ୍, ଡୁପଣ୍ଟର ମେୟର ରୋନାଲ୍ଡ ଜନ୍ ଫ୍ରେଡେରିକ୍, ୟୁନିଭର୍ସିଟି ପ୍ଲେସ୍‌ର ମେୟର ଷ୍ଟାନ୍‌ଲି ଲଳିତ କୁମାର ଫ୍ଲେମିଂ, ସିଟାକ୍‌ର ମେୟର ମହମ୍ମଦ ଅଲି ଇଗାଲ୍, ୟୁନିଭର୍ସିଟି ପ୍ଲେସ୍‌ର କାର୍ଯ୍ୟକାରୀ ମେୟର ଡେନିସ୍ ଟେରେସା ମ୍ୟାକ୍‌କ୍ଲସ୍କି, କେଣ୍ଟ ସହର ପରିଷଦର ସଦସ୍ୟା ଟୋନି ମାରି ଟ୍ରାଉଟନର ପ୍ରମୁଖଙ୍କୁ କିଓ ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅତିଥିମାନେ ସେମାନଙ୍କ ପ୍ରତକ୍ରିୟାରେ ଖୁସି ବ୍ୟକ୍ତି କରି କହିଲେ, କିଟ୍ ଓ କିସ୍ ବୁଲିବା ପରେ ଆମେ ବେଶ ପ୍ରଭାବିତ ହୋଇଛୁ। ଏତେ ସଂଖ୍ୟକ ପିଲାଙ୍କୁ ଆମେ କେବେ ବି ଗୋଟିଏ ସ୍ଥାନରେ ଦେଖି ନଥିଲୁ। କିସ୍ ପିଲାଙ୍କ ଶୃଙ୍ଖଳା ଓ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ଅତି ପ୍ରଶଂସନୀୟ ବୋଲି ସେମାନେ କହିଥିଲେ। ଇଣ୍ଡିଆ ଟ୍ରେକ୍ କାର୍ଯ୍ୟକ୍ରମରେ ୱାଶିଂଟନ ରାଜ୍ୟରୁ ଏହି ୧୭ଜଣିଆ ପ୍ରତିନିଧିମଣ୍ଡଳୀ ୧୨ରୁ ୧୯ ତାରିଖ ପର୍ଯ୍ୟନ୍ତ ଭାରତ ଭ୍ରମଣରେ ଅଛନ୍ତି।

ଏହି କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ସ୍ୱାଗତ ଭାଷଣ କରିବା ସହ କିଟ୍ ଓ କିସ୍ ପରିଦର୍ଶନ ପାଇଁ ଅତିଥିମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କିସ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ପ୍ରଶାନ୍ତ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଦକ୍ଷିଣପୁର କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭୀ-୨୦୨୬'

କୁକୁଡାଖଣ୍ଡି, ୧୫/୧୦: କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ପଦରବାଲି ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଦକ୍ଷିଣପୁର କ୍ଲଷ୍ଟର ସ୍ତରୀୟ ଚଳିତ ଶିକ୍ଷାବର୍ଷ ର ଶିଶୁ ମହୋତ୍ସବ 'ସୁରଭୀ-୨୦୨୬' ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଲାଣ୍ଡିଆ ପଞ୍ଚାୟତର ସମିତି ସଭ୍ୟ ଶିକ୍ଷାବିତ୍ କାହ୍ନୁ ଚରଣ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ଶୈକ୍ଷିକ ବିକାଶ ଦିଗରେ ଆଲୋକପାତ କରିଥିଲେ। ବାଲିପଡ଼ା ପଞ୍ଚାୟତ ର ସମିତି ସଭ୍ୟା ପ୍ରତିମା ମଲ୍ଲିକ୍ ସମ୍ମାନିତ ଅତିଥି ଭାବେ ଏବଂ କ୍ଲଷ୍ଟର ସି.ଆର.ସି.ସି ଦୁଷ୍ମନ୍ତ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନେ ସରକାରଙ୍କ ନିର୍ଦ୍ଧାରିତ ନିର୍ଦ୍ଦେ ?ଶ ପ୍ରକାରେ ତଥା ଉକ୍ତ ଦିନର କାର୍ଯ୍ୟ ସୂଚୀ ପ୍ରକାରେ ଶିଶୁଙ୍କ ଲୁକାଇତ ପ୍ରତିଭା ବିକଶିତ ନିମନ୍ତେ ଉକ୍ତ ଦିବସରେ ବିଭିନ୍ନ ପ୍ରତିଯୋଗିତା ମାଧ୍ୟମରେ ବାଟିକା,ମଙ୍ଗଳ୍ପଭ ତଥା ସବୁ ସ୍ତରର ଶିଶୁଙ୍କ ପାରଦର୍ଶିତା ଅର୍ଜନ କରିଥିବା ଶିଶୁଙ୍କୁ ପ୍ରମାଣ ପତ୍ର ସହ ପୁରସ୍କାର ପ୍ରଦାନ କରାଯାଇ ଶିଶୁଙ୍କୁ ଉତ୍ସାହିତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ (ନୃତ୍ୟ ପ୍ରଦର୍ଶନ) ବିଜେତା ମଧ୍ୟରୁ ବାଳକୃଷ୍ଣପୁର ବିଦ୍ୟାଳୟ (୧ମ), ଦକ୍ଷିଣପୁର ବିଦ୍ୟାଳୟ (୨ୟ) ଓ କୁମ୍ଭଝୋରିସେବାଶ୍ରମ (୩ୟ) ସ୍ଥାନ ଅଧିକାର କରିଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା । ଉକ୍ତ ଦିବସରେ ସମ୍ମାନିତ ଅତିଥି ଭାବେ ରଞ୍ଜନ କୁମାର ପାଣିଗ୍ରାହୀ (ଅବସର ଶିକ୍ଷକ) ଏବଂ ଶିବରାମ ମହାକୁଡ଼ ( ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରାପ୍ତ ସମ୍ମାନିତ ଅବସର ଶିକ୍ଷକ) ବିଚାରକ ଭାବେ ଉକ୍ତ କ୍ଲୋଷ୍ଟରର ଗାଇଡ୍ ଶିକ୍ଷକ/ଶିକ୍ଷୟତ୍ରୀ ବୃନ୍ଦଙ୍କ ସହ ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀ ବୃନ୍ଦ ଯଥା ଆମ୍ବଗଡ ବିଦ୍ୟାଳୟର ସୁନୀତା ସାହୁ, ଗୁଣ୍ଡବନ୍ଧ ବିଦ୍ୟାଳୟର ସୁଜାତା କୁମାରୀ ସାହୁ ଓ ଦକ୍ଷିଣପୁର ବିଦ୍ୟାଳୟର ଏ.ପୁଷ୍ପଲତା, ଲାଣ୍ଡିଆ ବିଦ୍ୟାଳୟର ନମିତା କୁମାରୀ ମହାରଣା, ବାଳକୃଷ୍ଣପୁର ବିଦ୍ୟାଳୟର ଶଶିରେଖା ମଲ୍ଲିକ ଭଗବାନପୁର ବିଦ୍ୟାଳୟର ଶିବାନନ୍ଦ ସାହୁ ବିରିବାଡ଼ିଆ ବିଦ୍ୟାଳୟର ସୌମ୍ୟରଞ୍ଜନ ଦାଶ, ବାଘଝୋରି ବିଦ୍ୟାଳୟର ରୁନି କୁମାରୀ ସେଠି, ତଳ କୁମ୍ଭଝୋରି ବିଦ୍ୟାଳୟର ସୁଶ୍ରୀ ସଂଗୀତା ପାତ୍ର, ସେବାଶ୍ରମ କୁମ୍ଭଝୋରି ବିଦ୍ୟାଳୟର ପି.ନରସିଂହ, ବୁଢାଲୁଣ୍ଡି ବିଦ୍ୟାଳୟର ମହାଲକ୍ଷ୍ମୀ କର ସମେତ ଆୟୋଜକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅଳକା ମିଶ୍ର ମହୋଦୟା'ଙ୍କ ସୁସ୍ୱାଗତ ଓ ସଫଳ ଆୟୋଜନ, ଝଗଡ ଅଧ୍ୟକ୍ଷ ଟିକିନା ଗୌଡ଼, ବାଳକୃଷ୍ଣପୁର ଝଗଡ ସୁଧାକର ସାହୁ, ସୁଧୀର ଗୌଡ଼, ପଦ୍ମଲୋଚନ ଗୌଡ଼ କାର୍ଯ୍ୟକ୍ରମକୁ ସୁପରିଚାଳନା କରିବା ସହ ଉକ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ତଥା ପାଚିକା ମାଆ ମାନଙ୍କ ସହଯୋଗ ଏବଂ ବି.ଇ.ଓ'ଙ୍କ ଅଫିସ୍ ଷ୍ଟାଫ୍ ମୋନାଲି ପାତ୍ରୀ ଓ ଜିତେନ୍ଦ୍ର କୁମାର ସାହୁଙ୍କ ଉପସ୍ଥିତ ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ବିଚାରକ ଭାବେ ସମ୍ପୂର୍ଣ୍ଣ ଅଂଶ ଗ୍ରହଣ କରି ଚଳନ୍ତି କ୍ଲୋଷ୍ଟର ସ୍ତରୀୟ 'ସୁରଭୀ-୨୦୨୬' ଶିଶୁ ମହୋତ୍ସବକୁ ତଥା ଶିଶୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଶେଷରେ ପ୍ରଧାନ ଶିକ୍ଷୟିତ୍ରୀ ଅଳକା ମିଶ୍ରଙ୍କ ତତ୍ତ୍ୱାବଧାନରେ ଦେବକୀ ମଳିକ'ଙ୍କ ଦ୍ୱାରା ଧନ୍ୟବାଦ୍ ଅର୍ପଣ କରାଯାଇ କାର୍ଯ୍ୟକ୍ରମକୁ ସାଙ୍ଗ କରାଯାଇଥିଲା।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104 , Email : odishamanthan@gmail.com
● Editor : Sarat Raut
ସଂପାଦକ: ଶରତ ରାଉତ